ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 15/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 169 | ମୂଲ୍ୟ₹୭/-




## KRISHNA VIKASH GROUP

AISSE 2025 Result **X** | AISSCE 2025 Result **XII** | **JEE** Mains 2025 Final Result

A School of Excellence For **Board / IIT-JEE / NEET / CUET / CA / UPSC** Programme

**No.1 Residential Institution**

## AISSCE XII 2025 RESULTS

- SHUBHIKSHA – Humanities Topper – 97.8% – 489 MARKS
- JAANVI – Humanities Topper – 97.8% – 489 MARKS
- GAGAN – Commerce Topper – 97.6% – 488 MARKS
- SUBHAM – Science Topper – 97.2% – 486 MARKS

ADRISH (Commerce) 97.2% · TRILOK (Commerce) 97.2% · SUBHADRA (Humanities) 96.6% · ANIKET (Humanities) 96.4% · SRIYAM (Humanities) 96.4% · HEMAKSHI (Science) 96.4% · RIDDHI (Science) 96.4% · SARANYA (Science) 96.4% · PRIYANSHU (Commerce) 96.2% · AUROSMITA (Humanities) 96.2% · PRATYUSH (Science) 96.2%

BHUPENDRA (Commerce) 96.0% · MUSKAN (Humanities) 96.0% · PIYUSH (Science) 95.8% · DIVITA (Science) 95.8% · PIYUSH (Science) 95.8% · RONAK (Science) 95.8% · ABANI KANT (Humanities) 95.6% · PRAGYA SHAILY (Science) 95.6% · ARTI (Science) 95.6% · PRAGATI (Science) 95.4% · CHINMAYEE (Science) 95.4%

**AISSCE XII 2025 Result Analysis** (Vikash Residential School, Bargarh): > 95% **26** | > 90% **84** | > 80% **281** | > 60% **539**

## JEE Mains 2025 RESULTS

PRATYUSH KU. SAHU – **99.39** Percentile TOTAL

All India Top Rankers in JEE Mains 2025:
- HEMANEEL – AIR (ST) 365
- SAMBHAVNA – AIR (ST) 898
- PRATYUSH – AIR (OBC) 2097

Students Eligible to get Admissions in NITs (as per 2024 Cut-off): **53**

## AISSE X 2025 RESULTS

- HARIPRIYA – 97.8% – 489 MARKS – Vikash Residential School, Bargarh Topper
- SHREYASH – 97.8% – 489 MARKS – Krishna Vikash First Step, Bargarh Topper

DAKSHYESH 97.2% · ANWESHA 97.0% · SUCHISMITA 97.0% · VAGISHA 96.6% · SPANDAN 96.4%

| RESULT ANALYSIS | >95% | >90% | >80% | >60% | Success Rate |
|---|---|---|---|---|---|
| Vikash Residential School, Bargarh | 10 | 66 | 156 | 286 | 100% |
| Krishna Vikash First Step, Bargarh | 03 | 22 | 47 | 74 | 100% |
| Cement Nagar English Medium School, Bargarh | 01 | 04 | 08 | 22 | 100% |
| Vikash IND Global School, Rourkela | 00 | 06 | 27 | 60 | 100% |
| Krishna Vikash Vijayam School, Visakhapatnam | 00 | 20 | 55 | 154 | 100% |
| Our Total Achievers | 14 | 118 | 293 | 596 | 100% |

DEEPAK 96.2% · OMM SWARUP 96.2% · PIYUSH 95.4% · LOKESH 95.4% · AMLAN 95.4% · BIDUSMITA 95.2% · REETIKA 95.0% · AYUSHI 94.8% · GOURAV 94.8% · MILAN 94.8% · AYUSH 94.8% · VIRAT 94.8% · SANSKRUTI 94.8%

SHOURYA 94.8% · VANSHIKA 94.8% · LINEYSHA 94.6% · SONAM 94.6% · SAMARTH 94.4% · ANSHIK 94.4% · AARIT 94.4% · ARCHITA 94.4% · SOMYA 94.4% · K.V. LAKSHMI 94.2% · PRAVIN 94.0% · ABHINAV 94.0% · OMM PRAKASH 94.0%




**KVAST 2025** – Krishna Vikash Aptitude & Scholarship Test

Admission Tests for 1 Year Extended **NEET/JEE/CUET 2025-26 Regular Classroom Programme**

**SUPER 40**

Test on Class XI + XII Syllabus **PCB/PCM/Humanities**

Scan the QR Code or use the Registration link: https://vrsbgh.krishnavikash.com/super40

**PHASE - II** 25th May 2025 (Sunday) 9 AM-1 PM

Test Centre : Krishna Vikash Campus, Barahaguda, Bargarh (Odisha)

## ADMISSIONS OPEN (Co-Ed. Day/Residential)

**Class Nursery to IX & XI CBSE / CHSE +2 1st Year**

**CBSE XI** (Sc./Comm./Arts) & **CHSE +2** (Sc./Comm.) **Regular Classes** from **16th June 2025**

- **BARGARH CBSE:** 99376 18855, 63707 04779, 91245 99099, 93373 10441. **CHSE:** 94393 53433, 94380 69105.
- **ANGUL:** 91246 09681 / 82 • **ROURKELA:** 70778 53111 • **FIRST STEP, BARGARH:** 70644 13477
- **CEMENT NAGAR:** 94396 65394 • **BRAHMAPUR:** 91246 09687 / 88

**Our Campuses @ Chhattisgarh & Andhra Pradesh - RAIPUR:** 77519 93222 | **BHILAI:** 91245 71067 / 68 / 69 | **JAGDALPUR:** 91240 87305 / 06 / 07 | **VISAKHAPATNAM:** 99662 12217 / 63014 64656.

krishnavikash.com

Enrollments Open for Admissions in **New Batch of Super-40** (**1 Year Extended NEET/JEE Regular Classroom Programme**) @ Bargarh Campus - Contact: 99376 18855, 63707 04779, 91245 99099.

Krishna Vikash Group of CBSE Schools – Krishna Vikash Edu. Network – Odisha | Chhattisgarh | Andhra Pradesh




# ବଜ୍ରପାତରେ ବାପଝିଅ ସମେତ ୫ ମୃତ

**ପଟ୍ଟାଙ୍ଗି/ରାୟଗଡ଼ା/ଜେକେପୁର, ୧୪।୫(ଶରତ କୁମାର ଧଳ/ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଏବଂ ରାୟଗଡ଼ା ଜିଲା କୋଲନରା ବ୍ଲକ ଅଞ୍ଚଳରେ ବୁଧବାର ବଜ୍ରପାତରେ ବାପଝିଅଙ୍କ ସହ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ପଟ୍ଟାଙ୍ଗୀ ବ୍ଲକ୍‌ର ଗେମେଲ କ୍ରିଷ୍ଣା, କମି, ଗେମେଲ ତୁମ୍ବାଇ, ମାଲା ପାଙ୍ଗୀ ଏବଂ ରାୟଗଡା କୋଲନରା ବ୍ଲକ୍‌ର ନାବାଳକ ସନ୍ନ୍ୟାସୀ ହିମିରିକା।

ସୂଚନା ଅନୁଯାୟୀ, କନ୍ଦପୁଟାବନ୍ଧ ଗ୍ରାମର ଗେମେଲ୍ କ୍ରିଷ୍ଣା, ଝିଅ କମି ଓ ସ୍ତ୍ରୀ ୱାଲସି ଜମିରେ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା ସହ ଘଡଘଡି ହୋଇଥିଲା। ୱାଲସି କିଛି ଦୂର ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। କିନ୍ତୁ କ୍ରିଷ୍ଣା ଓ ଝିଅ କମି ଜମିର ନିକଟ ଏକ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଛି। ସେମାନଙ୍କଠାରୁ କିଛି ଦୂରରେ ଜମିରେ କାମ କରୁଥିବା ଅନ୍ୟ ଜଣେ ଯଥା ମୃତ କ୍ରିଷ୍ଣାଙ୍କ ସମ୍ପର୍କୀୟ ମାଉସୀ ଗେମେଲ୍ ତୁମ୍ବାଇଙ୍କ ମଧ୍ୟ ବଜ୍ରପାତରେ ମୃତ୍ୟୁ ହୋଇଛି। ପେଦାପାଡୁ ଗ୍ରାମର ଜଣେ ସାମାଜିକ କର୍ମୀ ସୁବାସ ଗାଲୁଙ୍କୁ ବୋଇ ଓ ଗ୍ରାମବାସୀ ମୃତକଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିପରି ନୂଆଁଗା ପଞ୍ଚାୟତର ଗାର୍ଲିଦାବାଡର ଗ୍ରାମର ମାଲା ଉପରପନିକି ଗ୍ରାମ ନିକଟ ଜଙ୍ଗଲରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ମୃତଦେହ ପଡିରହିଛି। କୋଟିଆ ପୋଲିସର ତଦନ୍ତ ପରେ ମୃତଦେହ ଜବତ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିବା ନେଇ ଆଲୋଚନା କରିଥିଲେ। ସୁଙ୍କି ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ତହସିଲଦାର ଧାରୁଆଙ୍କୁ ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଏବଂ ପୋଲିସ୍‌ର ତଦନ୍ତ ରିପୋର୍ଟ ଶୀଘ୍ର ପ୍ରସ୍ତୁତ ହୋଇପାରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ଓ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ସେହିପରି କୋଲନରା ବ୍ଲକ୍ ଅନ୍ତର୍ଗତ ଦୁଦ୍ଧୁଲି ପଞ୍ଚାୟତ ଅଣ୍ଟାମଡ଼ା ଗ୍ରାମ ନିକଟସ୍ଥ ଆମ୍ବତୋଟାକୁ ବୁଧବାର ୨ ସାଙ୍ଗ ଆମ୍ବ ତୋଳିବାକୁ ଯାଇଥିବାବେଳେ ବଜ୍ରପାତରେ ସନ୍ନ୍ୟାସୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗ ଗଣେଶ ପୁଲାକା ଆହତ ହୋଇଛନ୍ତି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ସମୟରେ ସନ୍ନ୍ୟାସୀ ଓ ଗଣେଶ ଗାଁ ନିକଟସ୍ଥ ଆମ୍ବ ତୋଟାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଦୁଦ୍ଧୁଲି ସରପଞ୍ଚ ସବିତା ପେଦେଣ୍ଟିଙ୍କ ସ୍ୱାମୀ ଏ.ରବି ଓ ସ୍ଥାନୀୟ ଗ୍ରାମବାସୀ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଗଣେଶଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ଅସିତ୍ ମହାପାତ୍ର ଓରେରା ନୂଆ ଅଧ୍ୟକ୍ଷ ନିଯୁକ୍ତ
## ରାଜେନ୍ଦ୍ର, ସୁନ୍ଦର ସଦସ୍ୟ

**ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର):** ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥର୍ଟି(ଓରେରା)ର ନୂଆ ଅଧ୍ୟକ୍ଷ ଭାବେ ଅସିତ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ସେ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ତାଙ୍କୁ ଏହି ପଦରେ ଅବସ୍ଥାପିତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜେନ୍ଦ୍ର ମିଶ୍ର ଏବଂ ସୁନ୍ଦର ଦାସଙ୍କୁ ଓରେରାର ସଦସ୍ୟଭାବେ ନିଯୁକ୍ତି ମିଳିଛି। ଏହି ୨ ନୂତନ ସଦସ୍ୟ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ଏହି ପଦରେ ଅବସ୍ଥାପିତ ହେବେ ବୋଲି ଉଲ୍ଲେଖ କରାଯାଇଛି।

# କେନାଲରେ ବୁଡ଼ି ୨ ଭାଇ ମୃତ

**ଢେଙ୍କାନାଳ, ୧୪।୫(ରତନ ନାୟାର):** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଉଖମା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟସ୍ଥ ରାଇଡିହି କେନାଲରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅଉଖମା ଗ୍ରାମର ଲାଲା ସାହୁଙ୍କ ବଡ଼ପୁଅ ଓମ୍ ସାହୁ(୧୭) ଓ ସାନପୁଅ ସୋମ ସାହୁ (୧୫) କେନାଲ ହୁଡ଼ାରେ ବସିଥିଲେ। ଅସାବଧାନତା ବଶତଃ ସାନଭାଇ ସୋମ୍‌ଙ୍କ ଗୋଡ଼ ଖସିଯିବାରୁ ସେ କେନାଲ ଭିତରକୁ ଖସି ପଡ଼ିଥିଲେ। ଏହାଦେଖି ବଡ଼ଭାଇ ଓମ୍ ସାନଭାଇଙ୍କୁ ବଞ୍ଚାଇବା ପାଇଁ କେନାଲ ଭିତରକୁ ଡେଇଁ ପଡ଼ିଥିଲେ। ଫଳରେ ୨ ଭାଇ କେନାଲରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ କେନାଲରୁ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅଉଖମା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପ୍ରଫେସର ଡା. ଗୌତମ ଶତପଥୀ କାମଚଳା ଅଧୀକ୍ଷକ
## ଏସ୍‌ସିବି ମେଡିକାଲ କଲେଜ

**କଟକ, ୧୪।୫(ଶିଲ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ବୁଧବାର ରାଜ୍ୟ ସରକାର କାମଚଳା ଅଧୀକ୍ଷକ ଭାବେ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ଚିଠି ନମ୍ବର– ୧୩୯୯୭ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରାହ୍ନରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଡା. ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଅଧକ୍ଷା ତଥା ତତ୍କାଳୀନ ଦାୟିତ୍ୱରେ ଥିବା ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହାସହ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଡା. ଶତପଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଦାୟିତ୍ୱ ଗ୍ରହଣ କରିବା ପରେ ଡା. ଶତପଥୀ କହିଛନ୍ତି ଯେ, ରାଜ୍ୟ ସରକାର ମୋ ଉପରେ ଯେଉଁ ଆଶା ରଖିଛନ୍ତି ତାହା କାର୍ଯ୍ୟରେ ପରିଣତ କରିବି। ରୋଗୀଙ୍କୁ ମେଡିକାଲରେ ଏବେଠୁ ଅଧିକ ମାତ୍ରାର ଉନ୍ନତମାନର ସେବା ଯୋଗାଇ ଦେବାକୁ ପ୍ରସ୍ତୁତି କରାଯିବ। ମୁଖ୍ୟତଃ ରୋଗୀ ଚଟାଣରେ ନ ଶୋଇବା ଏବଂ ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ଯୋଗାଇଦେବା, ରୋଗୀମାନେ ଔଷଧ ପାଇଁ ହେଉ କିମ୍ବା ପରୀକ୍ଷା ପାଇଁ ଲମ୍ବା ଧାଡିରେ ନ ଛିଡା ହେବା ଏହି ସବୁ ସମସ୍ୟାରେ ସୁଧାର ଆଣିବା ଲକ୍ଷ୍ୟ ରହିବ। ଏହାସହ ରୋଗୀଙ୍କ ପାଇଁ ସର୍ବଦା ଅଭିଯୋଗ ପ୍ରକୋଷ୍ଠ ଖୋଲା ରଖାଯିବ, ଏଥିପାଇଁ କୌଣସି ବାର କିମ୍ବା ସମୟ ଧାର୍ଯ୍ୟ ରହିବ ନାହିଁ। ରୋଗୀଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯିବ ବୋଲି ଶତପଥୀ କହିଛନ୍ତି।


ପ୍ରଫେସର ଡା. ଗୌତମ ଶତପଥୀ

# ଦୁର୍ଘଟଣାରେ ଦମ୍ପତି ମୃତ

**ମୋରଡ଼ା, ୧୪।୫(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ବାଘଡ଼ା ନିକଟରେ ବୁଧବାର ସକାଳ ୮ଟା ୩୦ମି.ରେ ଟେମ୍ପୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଶାଳବଣି ଗ୍ରାମର ପ୍ରତାପ ତୁଙ୍ଗ ଓ ତାଙ୍କ ସ୍ତ୍ରୀ ବାସନ୍ତୀ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ. ୮୬/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ପ୍ରତାପ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସାଇକେଲରେ ଘରକୁ ଫେରୁଥିବା ସମୟରେ ବାଘଡ଼ା ନିକଟରେ ଏକ ଟେମ୍ପୋ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ଡାଲା ଅଟୋ ଓଲଟି ୨ ମହିଳାଙ୍କ ମୃତ୍ୟୁ, ୧୫ ଆହତ

**ଆସିକା, ୧୪।୫(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା କୋଦିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ୨ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଭେଟନଇ ଗ୍ରାମର ଗାୟତ୍ରୀ ଗୌଡ (୨୫) ଓ ସରୋଜିନୀ ସାହୁ (୫୦)। ଆହତମାନଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ୭ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। କୋଦିନଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଭେଟନଇ ଗ୍ରାମର କେତେଜଣ ଲୋକ ମଙ୍ଗଳବାର ନିକଟସ୍ଥ ସାନଖୋଲି ଗ୍ରାମରେ ହେଉଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ରାତି ପ୍ରାୟ ସାଢେ ୧୧ଟାରେ ଏକ ଡାଲା ଅଟୋରେ ଗାଁକୁ ଫେରୁଥିଲେ। ଭେଟନଇ– ଭେଜିପୁଟ ମଧ୍ୟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିବାରୁ ଗାୟତ୍ରୀ ଓ ସରୋଜିନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ବର୍ଷା ଜେନା, ସାହି ଜେନା, ବାସନ୍ତୀ ଗୌଡ, ରେଣୁ ଗୌଡ, କବିତା ଗୌଡ, ଶିବାନନ୍ଦ ଗୌଡ, ସାଗର ଗୌଡ, ଖୁସି ଗୌଡ, ପିଙ୍କି ସେଠୀ, ରୋହନ ସେଠୀ, ରାଧା ଗୌଡ, କୁଜା ଗୌଡ, ଯମୁନା ସାହୁ, ଲତା ସେଠୀ, ମୋନାଲିସା ସେଠୀ ପ୍ରମୁଖ ଆହତ ହୋଇଛନ୍ତି। ଏ ସମ୍ପର୍କରେ କୋଦିନଡା ଥାନାରେ ନଂ.୧୬୪/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଧରଣୀଧର ବିଶ୍ୱବିଦ୍ୟାଳୟକୁ ୪୦.୧୯୭ ଏକର ଜମି ଆବଣ୍ଟନ

**ଭୁବନେଶ୍ୱର, ୧୪।୫ (ରବିନାରାୟଣ ଜେନା)**

ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ କେନ୍ଦୁଝର ଜିଲାର ଧରଣୀଧର ବିଶ୍ୱବିଦ୍ୟାଳୟ ଉତ୍ତର ଓ ଦକ୍ଷିଣ କ୍ୟାମ୍ପସ୍ ଲାଗି ସରକାର ୪୦.୧୯୭ ଏକର ଜମି ଲିଜ୍ ସୂତ୍ରରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝର ଜିଲା କେନ୍ଦୁଝର ତହସିଲ ଅନ୍ତର୍ଗତ ସୁଲେଇ ଖମାର ମୌଜାର ସାତସିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଧରଣୀଧର ବିଶ୍ୱବିଦ୍ୟାଳୟ ଲାଗି ସମସ୍ତ ଦେୟମୁକ୍ତରେ ଏହାର ଉତ୍ତର ଏବଂ ଦକ୍ଷିଣ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ୪୦ ଏକର ୧୯୭ ଡିସିମିଲ ସରକାରୀ ଜମି ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟ ସରକାର ଏକକାଳୀନ ରାଜସ୍ୱ ଦେୟ ବାବଦକୁ ୧୪୦ କୋଟି ୭୧ ଲକ୍ଷ ୪୦ ହଜାର ୫୧୮ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ଦେୟ ବାବଦକୁ ୫୦ ଲକ୍ଷ ୨୬ ହଜାର ୩୧୮ ଟଙ୍କା ଛାଡ଼ କରିଛନ୍ତି। ଏହି ଆର୍ଥିକ ଦେୟ ଛାଡ଼ ଦ୍ୱାରା ରାଜ୍ୟର ଏକ ସମ୍ମାନ୍‌ଜନକ ସରକାରୀ ଶିକ୍ଷାନୁଷ୍ଠାନ ଧରଣୀଧର ବିଶ୍ୱବିଦ୍ୟାଳୟ ଉପରେ ଆର୍ଥିକ ବୋଝ ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି
### ଆଇଟିଆଇ ପ୍ରଶିକ୍ଷକ ନିଯୁକ୍ତି ନିୟମାବଳୀରେ ସଂଶୋଧନ

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଓଡ଼ିଶା ଆଇଟିଆଇ ପ୍ରଶିକ୍ଷକ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୪ରେ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଫଳରେ ଓଜିଆଇଟିଏସ୍ କ୍ୟାଡରର ଅଧିକାରୀମାନଙ୍କ ପାଇଁ ନିଯୁକ୍ତିଭିତ୍ତିକ ପଦୋନ୍ନତି ସୁଯୋଗ ମିଳିବ। ଯୁବ, ସକ୍ରିୟ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଧ୍ୟକ୍ଷ–୨/ଉପ–ଅଧ୍ୟକ୍ଷ(ସ୍ତର–୧୨)ସ୍ତରରେ ସିଧାସଳଖ ନିଯୁକ୍ତି ହେବ। ସେହିପରି ଓଜିଆଇଟିଏସ୍ କ୍ୟାଡରର ଅଭିଜ୍ଞ ଏବଂ ଯୋଗ୍ୟ କର୍ମଚାରୀମାନେ ସର୍ବୋଚ୍ଚ ପଦବୀକୁ ପଦୋନ୍ନତି ପାଇପାରିବେ, ଯାହା ବ୍ୟବସ୍ଥାର ସମସ୍ତ ପରିଚାଳନା କ୍ଷମତାକୁ ବୃଦ୍ଧି କରିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟ କ୍ୟାବିନେଟ୍ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ–୨୦୨୨ର ସଂଶୋଧନ ନିଷ୍ପତ୍ତିକୁ ଅନୁମୋଦନ ଦେଇଛି। ବର୍ତ୍ତମାନ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ନିୟମ–୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ପଦବୀ ଯଥା ଅଗ୍ନିଶମ ସେବା, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ, ଗୃହ (ସିଭିଲ୍ ଡିଫେନ୍ସ) ବିଭାଗର ମହାନିର୍ଦ୍ଦେଶକ ଅଧୀନରେ ଥିବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟର ଷ୍ଟାର ଇନ୍ସପେକ୍ଟରକୁ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ସିଡ୍ୟୁଲ–୧ରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଉପରୋକ୍ତ ପଦବୀର ନିଯୁକ୍ତିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।

# ଜମି ନେଇ ଶିଳ୍ପ କରି ନ ଥିବା ସଂସ୍ଥାଙ୍କ ତାଲିକା କରିବେ ଜିଲାପାଳ

**ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)**

- ରାଜ୍ୟ ସରକାର ଫେରାଇ ଆଣିବେ ବ୍ୟବହାର ହୋଇ ନ ଥିବା ଜମି
- ଶିଳ୍ପ, ରାଜସ୍ୱ ବିଭାଗ ଏସିଏସ୍ ସବୁ ଜିଲାପାଳଙ୍କୁ ଏନେଇ ଚିଠି କରିବେ
- ୨ ମାସରେ ତାଲିକା ଦେବାକୁ ଜିଲାପାଳଙ୍କୁ ଦିଆଯିବ ନିର୍ଦ୍ଦେଶ

ରାଜ୍ୟରେ ଯେଉଁ ଶିଳ୍ପସଂସ୍ଥାକୁ ସରକାରଙ୍କ ତରଫରୁ ଜମି ଦିଆଯାଇଛି ଅଥଚ ସେମାନେ କୌଣସି ଶିଳ୍ପ ପ୍ରତିଷ୍ଠାନ କରିନାହାନ୍ତି ସେମାନଙ୍କ ତାଲିକା ଖୁବ୍‌ଶୀଘ୍ର କରାଯିବ। ରାଜ୍ୟ ସରକାର ସେହି ଶିଳ୍ପସଂସ୍ଥାଗୁଡିକଠାରୁ ଖୁବ୍‌ଶୀଘ୍ର ଜମି ଫେରସ୍ତ ଆଣିବେ। ଏହାସହ ରାଜ୍ୟରେ ଆବଶ୍ୟକ ଠାରୁ ଅଧିକ ଜମି ନେଇ ଯେଉଁମାନେ ବ୍ୟବହାର ନ କରି ପକାଇ ରଖିଛନ୍ତି ସେମାନଙ୍କଠାରୁ ମଧ୍ୟ ବଳକା ଜମି ଫେରାଇ ଅଣାଯିବ। ଆସନ୍ତା ୨ ମାସ ମଧ୍ୟରେ ସେହିପରି ଯେଉଁ ଶିଳ୍ପସଂସ୍ଥା ରହିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ପୁନର୍ବାସ ଓ ଥଇଥାନକୁ ନେଇ ଗୃହ କମିଟିର ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ଉପବାଚସ୍ପତି ଏହାର ଅଧ୍ୟକ୍ଷତା କରିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକୁ ନେଇ ଜମି ଅଧିଗ୍ରହଣ କରାଯାଇଥାଏ। ୨୦୦୬ର ଆର୍‌ଏନ୍‌ଆର୍ ପଲିସିକୁ ନୂଆ ରୂପ ଦେବା ଉପରେ ଆଲୋଚନା କରାଯାଇଛି। ଏହି ସମୟ ମଧ୍ୟରେ ବହୁ ସମୟ ଅତିକ୍ରମ କରିବା ସଙ୍ଗେ ସଙ୍ଗେ ବହୁ କିଛି ପରିବର୍ତ୍ତନ ହେଲାଣି। ତେଣୁ ସମୟ ଉପଯୋଗୀ ଆର୍‌ଏନ୍‌ଆର୍ ପଲିସି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଆଲୋଚନା କରିବା ଲାଗି ୫ଟି ସବ୍ କମିଟି ଗଠନ ହେବ। ରାଜସ୍ୱ ଓ ଶିଳ୍ପ ବିଭାଗକୁ କୁହାଯାଇଛି ଜମି ଅଧିଗ୍ରହଣ ଆକ୍ଟଠାରୁ ଆରମ୍ଭକରି ବାକି ଆନୁଷଙ୍ଗିକ ନିୟମାବଳୀ ଯାହା ରହିଛି ସେଥିରେ ସଂଶୋଧନର ଆବଶ୍ୟକତା ରହିଥିଲେ ୨ ମାସ ମଧ୍ୟରେ ତାହାର ସଂଶୋଧନ ପ୍ରସ୍ତାବ ଆଣିବେ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଶିଳ୍ପ ପ୍ରତିଷ୍ଠା ନାଁରେ ଆବଶ୍ୟକତାଠାରୁ ଅଧିକ ଜମି ନେଇଛନ୍ତି। ସେହି ଜମିକୁ ୧୦ରୁ ୧୫ ବର୍ଷ ଅତିକ୍ରମ ହେଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବ୍ୟବହାର କରିପାରିନାହାନ୍ତି। ଗୁଡିଏ ଶିକ୍ଷାନୁଷ୍ଠାନ ଶିଳ୍ପ କରିବାକୁ ଜମି ନେଇଥିଲେ ମଧ୍ୟ ୫ ବର୍ଷ ହେବ ସେମାନେ କିଛି କରିପାରିନାହାନ୍ତି। ଶିଳ୍ପ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ମିଳିତ ଭାବେ ସବୁ ଜିଲାପାଳଙ୍କୁ ଚିଠି କରିବେ। ସେମାନେ ଜିଲାପାଳମାନଙ୍କୁ ପଚାରିବେ ସେମାନଙ୍କ ଜିଲାରେ କେତେ ଶିଳ୍ପସଂସ୍ଥା ଜମି ନେଇଛନ୍ତି ଆଉ ଆଦୌ ବ୍ୟବହାର କରିନାହାନ୍ତି। ଆଉ କେତେ ଶିଳ୍ପସଂସ୍ଥା ଜମି ନେଇ ସେଥିରୁ ଅଧା ଜମି ବ୍ୟବହାର କରି ଅଯଥାରେ ଆଉ ଅଧା ଜମି ପକାଇ ଅପବ୍ୟବହାର କରୁଛନ୍ତି ତା'ର ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବେ। ସେହି ଜମିକୁ ଫେରସ୍ତ ଆଣିବା ଲାଗି ଯାହା ଆଇନ ରହିଛି ସରକାର ସେହି ବାଟରେ ଯିବେ। ଓଡ଼ିଶାରେ ୧୫୪ଟି ନୂଆ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ସେମାନେ ଏଠାରେ ପୁଞ୍ଜିନିବେଶ କରିବେ। ତେଣୁ ପର୍ଯ୍ୟାପ୍ତ ଜମି ନ ହେଲେ ଶିଳ୍ପ କେମିତି ପ୍ରତିଷ୍ଠା ହେବ। ଯେଉଁ ନୂଆ ନିବେଶକାରୀ ଆସିବେ ସେମାନଙ୍କୁ ଜମି, ପାଣି, ସଂଯୋଗୀକରଣ, ବିଜୁଳି ଦରକାର। ତେଣୁ ସେମାନେ ଆସିଲେ ଯେମିତି ଭିନ୍ନ ଭିନ୍ନ ବିଭାଗକୁ ନ ଯାଇ ଗୋଟିଏ ଜାଗାରେ ସବୁ କାମ କରିପାରିବେ ତା' ଉପରେ ଆଲୋଚନା ହୋଇଛି। ଯେଉଁ ନୂଆ ଶିଳ୍ପ ପ୍ରତିଷ୍ଠା ହେବ ସେଥିରେ ସ୍ଥାନୀୟ ଯୁବତୀଯୁବକ କିପରି ନିଯୁକ୍ତି ପାଇବେ ଏବଂ ରାଜ୍ୟରୁ ବେକାରି ସମସ୍ୟା ଦୂରହୋଇପାରିବ ସେ ବାବଦରେ କେଉଁ ଆଇନ ତିଆରି କରାଯାଇପାରିବ ଏନେଇ ଅନ୍ୟ ରାଜ୍ୟଗୁଡିକରେ କେଉଁ ରାସ୍ତା ଆପଣାଉଛନ୍ତି ତା'ର ତର୍ଜମା କରାଯିବ।

C. V. Raman Global University
ODISHA BHUBANESWAR INDIA
www.cgu-odisha.ac.in
CGU ODISHA
Home Grown World Class
FOR ADMISSION PROCESS AND WEB-BASED COUNSELLING
candidates are advised to register themselves through
www.cgu-odisha.ac.in

Apply ONLINE Now
(For UG, PG and Ph.D.Programs)
No Application Fee/No Exam Fee
Ranked among Top 100 Engineering Institution in India since last 09 years by NIRF (National Institutional Ranking Framework), MHRD, Govt. of India

Engineering & Technology
UG PROGRAMS :
- Computer Science (CSE, CS &IT, CS (AI & ML), CSE (Data Sc.), IoT & Cyber Security, Robotics & AI, AI & Data Sc.
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA (Bachelor of Computer Applications)

PG PROGRAMS :
- Compuer Science & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Electronics & Commun. Engg. (Signal Processing & Commun.)
- Heat Power Engg.
- M.Sc in Computer Science
- MCA (Master of Computer Applications)

Ph.D. (DOCTORAL) PROGRAMS
- CSE
- Chemical Engg.
- Civil Engg.
- Electrical Engg.
- ECE
- Mechanical Engg.
- Marine Engg.

MARINE ENGINEERING
- B. Tech
- GME
- GP Rating
- High Voltage
- STCW
- CCMC

DIPLOMA ENGINEERING
- Comp. Sc.
- Civil
- Electrical
- Mechanical
- Electronics & Telecom.

Tourism and Hospitality
- B.Sc in Hotel & Hospitality Admin.
- Bachelor of Hotel Management & Catering Technology (BHMCT)
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

Pharmacy
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

Forensic Sciences
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics

Humanities and Social Sc.
- M.A. in English
- Ph.D. in English

Management and Law
- BBA (Bachelor in Business Administration)
- MBA (Master in Business Administration )
- Ph.D. in Business Management


Agriculture and Allied Sc
- B.Sc. in Agriculture
- M.Sc in - Zoology, Botany, Bio-tech

Physical & Mathematical Sc
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

Scan the code to APPLY Now

CONTACT
CAMPUS :
C. V. Raman Global University
Bidyanagar, Mahura, Janla, Bhubaneswar
Odisha, INDIA. Pin - 752054
0674-6636555 +91-9040021102
+91-9040021100 / 101 / 102 / 103
admission@cgu-odisha.ac.in

DHARITRI
51 Years
ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ | Bhubaneswar, Thursday, May 15/2025 | ପୃଷ୍ଠା-୧



## ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର

ବିହାରରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ପୁରୁଷ ବର୍ଗ ଭାରୋତ୍ତୋଳନରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।

୧୨

୦୯

## ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍

ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସୀତାରେ ଜମିନ ପର୍'ର ଟ୍ରେଲରରେ ଅଧିକାଂଶ ଦୃଶ୍ୟ ହଲିଉଡ୍ ଫିଲ୍ମ 'ଚାମ୍ପିୟନ୍ସ' ସହ ମେଳ ଖାଉଥିବା କହି ଅନେକେ ଟ୍ରୋଲ୍ କରିଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ବୁଧବାର ସକାଳୁ ବାହାରିଥିବା 'ତ୍ରିରଙ୍ଗା ଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁକେଶ ମହାଲିଙ୍ଗ ପ୍ରମୁଖ ସାମିଲ ହୋଇଛନ୍ତି। (ରିପୋର୍ଟ: ପୃଷ୍ଠା-୨)

# ଉଚ୍ଚଶିକ୍ଷାରେ ଏସ୍ଇବିସିଙ୍କୁ ୧୧.୨୫% ସଂରକ୍ଷଣ

**ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ (ଏସ୍ଇବିସି)ଙ୍କୁ କିଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ସୁବିଧା ସୁଯୋଗ ମିଳିବ, ତାହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏସ୍ଇବିସି ବର୍ଗଙ୍କ ଲାଗି ନୂଆ ସଂରକ୍ଷଣ ନୀତି ଲାଗୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏହି ବର୍ଗଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ରହିବ। ଏହାସହ ଆଉ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି।**

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଆରକ୍ଷଣ ନୀତି ଅନୁସାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ନାମଲେଖାରେ ଏଣିକି ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ୍/ଏମ୍‌ପିଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। ଏହାସହ ଏହି ଅନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୨୨.୫%, ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୬.୨୫%, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୫% ଓ ପୂର୍ବତନ ସେନା ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ଆସନ ସଂରକ୍ଷଣ ପୂର୍ବଭଳି ବଳବତ୍ତର ରହିବ। ଜାତୀୟ ଶିକ୍ଷାନୀତି(ଏନ୍ଇପି)-୨୦୨୦କୁ ଦୃଷ୍ଟିରେ ରଖି ନିଆଯାଇଥିବା ଏହି ପଦକ୍ଷେପ ଏସ୍ଇବିସି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଚାକିରିରେ ଅଂଶଗ୍ରହଣକୁ ସୁଦୃଢ଼ କରାଯାଇପାରିବ।

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

## କନ୍ୟାସନ୍ତାନ ପାଇଁ ମା'ଙ୍କୁ ମିଳିବ ୧୨ ହଜାର

### ମମତା-ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାର ମିଶ୍ରଣ

ରାଜ୍ୟ ସରକାର ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା(ମମତା-ପିଏମ୍ଏମ୍‌ଭିୱାଇ)କୁ ଏକୀକୃତ କରିଛନ୍ତି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ମିଳିତ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାକୁ ମମତା-ପିଏମ୍ଏମ୍‌ଭିୱାଇ ଭାବରେ ନାମିତ କରାଯିବ। ଆଗରୁ ମମତା ଯୋଜନାରେ କନ୍ୟାସନ୍ତାନ ଜନ୍ମହେଲେ ମା'ମାନେ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଉଥିଲେ। ବର୍ତ୍ତମାନ ମମତା-ପିଏମ୍ଏମ୍‌ଭିୱାଇରେ ୧୨,୦୦୦ ଟଙ୍କା ପାଇବେ। ମାତ୍ର ପୁଅ ଜନ୍ମହେଲେ ମା'ମାନେ ଯେଉଁ ୧୦,୦୦୦ ପାଉଥିଲେ ଏବେ ମମତା-ପିଏମ୍ଏମ୍‌ଭିୱାଇରେ ସେହି ସମାନ ରାଶି ପାଇବେ। କିନ୍ତୁ ପିଭିଟିଜି ସମ୍ପ୍ରଦାୟର ମହିଳାମାନଙ୍କୁ ପ୍ରଥମ ଦୁଇଟି ସନ୍ତାନ ପରେ ମଧ୍ୟ ଝିଅ ଜନ୍ମ ପାଇଁ ୧୨,୦୦୦ ଓ ପୁଅ ଜନ୍ମକଲେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ପୂର୍ବରୁ ମମତା'ରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ପ୍ରୋତ୍ସାହନ ରାଶି ବାବଦରେ ଯଥାକ୍ରମେ ୨୦୦ ଓ ୧୦୦ ଟଙ୍କା ପାଉଥିବାବେଳେ ବର୍ତ୍ତମାନ ମମତା-ପିଏମ୍ଏମ୍‌ଭିୱାଇରେ ୨୫୦ ଏବଂ ୧୫୦ ଟଙ୍କା ପାଇବେ। ଭାରତ ସରକାରଙ୍କ ମମତା-ପିଏମ୍ଏମ୍‌ଭିୱାଇର ଯୋଗ୍ୟତା ମାନଦଣ୍ଡ ମମତା-ପିଏମ୍ଏମ୍‌ଭିୱାଇ ଯୋଜନାରେ ଲାଗୁହେବ। ଆସନ୍ତା ୫ ବର୍ଷରେ ଏହି ମିଶ୍ରିତ ଯୋଜନାରେ ୨,୬୭୦ କୋଟି ଟଙ୍କା ଖର୍ଚ୍ଚହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଅରୁଣାଚଳର ୨୭ ସ୍ଥାନ ନାଁ ବଦଳାଇଲା ଚାଇନା

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ପଡ଼ୋଶୀ ଚାଇନା ସମସ୍ତଙ୍କ ଧ୍ୟାନ ଆଢୁଆଳରେ ଭାରତ ବିରୋଧରେ ଆଉ ଏକ କାରସାଦି କରିଛି। ପାକିସ୍ତାନକୁ ଖୋଲା ସମର୍ଥନ କରି ସାମରିକ ସହାୟତା ଦେଇଥିବା ଚାଇନା ମେ' ୧୧ରେ ଭାରତର ଅରୁଣାଚଳ ପ୍ରଦେଶର ଆଉ ୨୭ ସ୍ଥାନର ନୂତନ ନାମକରଣ କରିଛି। ଅରୁଣାଚଳକୁ ନିଜ ଭୂଖଣ୍ଡ 'ଜାଙ୍ଗ୍‌ନାନ୍' ବା 'ଦକ୍ଷିଣ ତିବ୍ବତ' ବୋଲି ଦାବି କରିଆସୁଥିବା ଚାଇନା ଏହି ୨୭ ସ୍ଥାନରେ ଆଧିପତ୍ୟ ବିସ୍ତାର ପାଇଁ ଉଦ୍ୟମ କରିଛି। ସେହି ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ୧୫ ପର୍ବତ, ୪ ଗିରିଶୃଙ୍ଗ ପଥ, ୨ ନଦୀ ଓ ୫ ବସତି। ପ୍ରତ୍ୟେକ ସ୍ଥାନକୁ ନିଜ ହାଇ-ରିଜୋଲ୍ୟୁଶନ୍ ମାନଚିତ୍ରରେ ସ୍ଥାନିତ କରି ମାଣ୍ଡାରିନ୍, ତିବ୍ବତୀୟ ଓ ପିନିନ୍ ଭାଷାରେ ଲିପିବଦ୍ଧ କରିଛି। ଅନ୍ୟପକ୍ଷେ ଚାଇନାର ଏହି ସଦ୍ୟ ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରିଛି। ଏହା ଚାଇନାର ଏକ ନିଷ୍ଫଳ ଓ ନିରର୍ଥକ ଉଦ୍ୟମ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହାକୁ ନୂଆ ନାମ ଦେଇଦେବା ଦ୍ୱାରା ବାସ୍ତବ ସ୍ଥିତିରେ କିଛି ପରିବର୍ତ୍ତନ ଆସିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ୨୦୧୭ ପରଠୁ ଏହା ହେଉଛି ଚାଇନାର ଏହି ଧରଣର ପଞ୍ଚମ ଅପଚେଷ୍ଟା। ପୂର୍ବରୁ ୨୦୧୭, ୨୦୨୧, ୨୦୨୩ ଓ ୨୦୨୪ରେ ମଧ୍ୟ ଚାଇନା ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ନିଜର ଦାବିକରି ସେଗୁଡ଼ିକର ନାମ ବଦଳାଇ ଦେଇଥିଲା, ଯାହାକୁ ଅଦ୍ୟାବଧି ନୂଆଦିଲ୍ଲୀ କଡ଼ା ବିରୋଧ କରିଆସିଥିବାବେଳେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନାହିଁ।**

### ନାମ ପରିବର୍ତ୍ତନରେ ବାସ୍ତବତା ବଦଳି ନ ଥାଏ: ଭାରତ

ନୂଆଦିଲ୍ଲୀ,୧୪।୫

ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ଚାଇନା ଦକ୍ଷିଣ ତିବ୍ବତର ଅଙ୍ଗ ଭାବେ ଅଭିହିତ କରି ସେଗୁଡ଼ିକୁ ନିଜ ମ୍ୟାପ୍‌ରେ ସ୍ଥାନ ଦେଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣବୀର ଜୟସ୍ୱାଲ ବୁଧବାର ଏନେଇ ଏକ ପ୍ରେସ୍ ବ୍ରିଫିଙ୍ଗ୍‌ରେ କହିଛନ୍ତି, ଚାଇନା ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶର କିଛି ସ୍ଥାନକୁ ନିଜର ଦାବି କରିବା ନେଇ ବୃଥା ଓ ନିରର୍ଥକ ଉଦ୍ୟମ ଜାରି ରଖିଛି। ଆମ ସିଦ୍ଧାନ୍ତ ଆଧାରିତ ଆଭିମୁଖ୍ୟକୁ ବଳବତ୍ତର ରଖି ଆମେ ଏପରି ଉଦ୍ୟମକୁ ଦୃଢ଼ ବିରୋଧ କରୁଛୁ। ନାମକରଣ ଦ୍ୱାରା ଅରୁଣାଚଳ ପ୍ରଦେଶର ଅବିଚ୍ଛେଦ୍ୟ ବାସ୍ତବତାକୁ ବଦଳାଯାଇପାରିବ ନାହିଁ। ଅରୁଣାଚଳ ସବୁବେଳେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ।

ଅରୁଣାଚଳକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନା ବିଭିନ୍ନ ସମୟରେ ଏହି ଉତ୍ତର-ପୂର୍ବ ଭାରତୀୟ ରାଜ୍ୟର ଅନେକ ସ୍ଥାନର ନାମ ବଦଳାଇ ନିଜ ମାନଚିତ୍ରରେ ସ୍ଥାନିତ କରିସାରିଛି। ୨୦୨୪ରେ ଚାଇନା ଅରୁଣାଚଳର ୩୦ ସ୍ଥାନର ନାମ ବଦଳାଇଦେଇଥିଲା, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ଅରୁଣାଚଳକୁ ନେଇ ଭାରତ-ଚାଇନା ସୀମା ବିବାଦ ବହୁ ପୁରୁଣା। ଚାଇନାର ସ୍ୱୟଂଶାସିତ ଅଞ୍ଚଳ ତିବ୍ବତ ସୀମାକୁ ଲାଗି ରହିଥିବା ଉକ୍ତ ଅଞ୍ଚଳକୁ ବେଜିଂ ତିବ୍ବତର ଏକ କ୍ଷେତ୍ର ବୋଲି କହୁଥିବାବେଳେ ନୂଆଦିଲ୍ଲୀ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପରଠାରୁ ଏହାକୁ ଭାରତର ବୋଲି ଦାବି କରିଥାଏ। ଗତ କିଛି ବର୍ଷ ହେଲା ଅରୁଣାଚଳକୁ ନେଇ କ୍ଷେତ୍ରିୟ ବିବାଦ ସହ ଏହି ଅଞ୍ଚଳରେ ଜଳ ଉତ୍ସ ସମ୍ପର୍କିତ ବିବାଦ ଯୋଡ଼ିହୋଇ ଯାଇଛି। କାରଣ ଚାଇନା ଏହି ଅଞ୍ଚଳରେ ପ୍ରବାହିତ ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀ ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରୁଛି। ତିବ୍ବତର ମେଡୋଗ୍ କାଉଣ୍ଟିରୁ ପ୍ରବାହିତ ଏହି ନଦୀ ଭାରତକୁ ପ୍ରବେଶ କରିବା ପରେ ଏହାକୁ ସିଆଙ୍ଗ୍ କୁହାଯାଏ। ଆସାମରେ ଏହା ଭାରତର ବ୍ରହ୍ମପୁତ୍ର ନଦୀ ନାମରେ ପରିଚିତ। ଏମ୍‌ପି ତଥା ଅରୁଣାଚଳ ପ୍ରଦେଶ ଭାଜପା ସଭାପତି ତାପିର ଗାଓ ଚାଇନାର ଏହି ପ୍ରୋଜେକ୍ଟକୁ ଗତମାସରେ ଏକ 'ଜଳ ବୋମା' ବୋଲି ଅଭିହିତ କରିଥିଲେ। ୬୦,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖି ଡ୍ୟାମ୍ ନିର୍ମାଣ ନିଷ୍ପତ୍ତି ନେଇଥିବା ଚାଇନା ଏହାକୁ ଭାରତ ବିରୋଧରେ 'ୱାଟର ବମ୍' ରୂପେ ବ୍ୟବହାର କରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୦ ଜୁନ୍‌ରେ ଚାଇନା ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀରୁ ପାଣି ଛାଡ଼ିଦେବାରୁ ତଳମୁଣ୍ଡରେ ଥିବା ଅରୁଣାଚଳ ପ୍ରଦେଶରେ ବଡ଼ ବନ୍ୟା ସୃଷ୍ଟି ହୋଇ ବିପର୍ଯ୍ୟୟର କାରଣ ସାଜିଥିଲା। ଯଦି ଚାଇନା ଭବିଷ୍ୟତରେ ଏହି ନଦୀରୁ ପାଣି ଛାଡ଼ିଦିଏ, ତେବେ ଅରୁଣାଚଳ ସହ ଆସାମ ଓ ବାଂଲାଦେଶ ଭଳି ଆଉ କିଛି ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ପ୍ରଭାବିତ ହେବେ ବୋଲି ତାପିର ସତର୍କ କରାଇଥିଲେ।

## ଡ୍ରୋନ୍‌କିଲର 'ଭାର୍ଗବାସ୍ତ୍ର'




### ଗୋଲାବନ୍ଧରେ ହେଲା ପରୀକ୍ଷଣ

ବ୍ରହ୍ମପୁର,୧୪।୫
(ସୁବାସ ଚନ୍ଦ୍ର ପାଢ଼ୀ)

ଡ୍ରୋନ୍ ଜରିଆରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ 'ଭାର୍ଗବାସ୍ତ୍ର' ନାମରେ ଏକ କାଉଣ୍ଟର୍ ଆଟାକ ସିଷ୍ଟମ ତିଆରି କରାଯାଇଛି। ଗଞ୍ଜାମ ଜିଲାର ଗୋଲାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ସୋଲାର୍ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍ ଲିମିଟେଡ (ଏସ୍‌ଡିଏଲ) ଦ୍ୱାରା ଏହା ପ୍ରସ୍ତୁତ କରାଯାଇଛି। ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ଏହି ସିଷ୍ଟମ ତିଆରି କରାଯାଇଛି। ଯାହାକି ଭାରତୀୟ ସେନା ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ସିଷ୍ଟମ୍‌ରେ ମାଇକ୍ରୋ ରକେଟ ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହାକି ଏକାଧିକ ଡ୍ରୋନ୍‌କୁ ଲକ୍ଷ୍ୟ କରି ନଷ୍ଟ କରିବାର କ୍ଷମତା ରଖିଛି। ପରୀକ୍ଷଣ ସମୟରେ 'ଭାର୍ଗବାସ୍ତ୍ର' ୧.୫ କି.ମି. ରେଞ୍ଜ ଦୂରତା ଓ ୪୦୦ ମିଟର୍ ଉଚ୍ଚତାରେ ଥିବା ଲକ୍ଷ୍ୟକୁ ଭେଦ କରିପାରିଛି। ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ମୋଟ ୩ଟି ପର୍ଯ୍ୟାୟରେ ଏହାର ପରୀକ୍ଷଣ କରାଯାଇଥିଲା।

# ପ୍ରଧାନ ବିଚାରପତି ଭାବେ ଶପଥନେଲେ ଜଷ୍ଟିସ୍ ଗଭାଇ

ନୂଆଦିଲ୍ଲୀ, ୧୪।୫

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ବୁଧବାର ଭାରତର ୫୨ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି। ଆସନ୍ତା ନଭେମ୍ବର ୨୩ ପର୍ଯ୍ୟନ୍ତ ସିଜେଆଇ ଭାବେ ତାଙ୍କର କାର୍ଯ୍ୟକାଳ ରହିଛି। ରାଷ୍ଟ୍ରପତି ଭବନରେ ଗଭାଇଙ୍କ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉପ ରାଷ୍ଟ୍ରପତି ଜଗଦୀପ ଧନକର, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ୍ ବି. ଆର୍ ଗଭାଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ସ୍ଥାନରେ ପ୍ରଧାନ ବିଚାରପତି ହୋଇଛନ୍ତି। ଜଷ୍ଟିର ଖାନ୍ନା ମଙ୍ଗଳବାର ଅବସର ଗ୍ରହଣ କରିଥିଲେ। ଗତ ୩୦ ତାରିଖରେ ଭାରତର ୫୨ତମ ସିଜେଆଇ ଭାବେ ଜଷ୍ଟିସ୍ ଗଭାଇଙ୍କ ନିଯୁକ୍ତି ସମ୍ପର୍କରେ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଥିଲା। ଗତ ୧୬ରେ ତତ୍କାଳୀନ ସିଜେଆଇ ଜଷ୍ଟିସ୍ ଖାନ୍ନା ଜଷ୍ଟିସ୍ ଗଭାଇଙ୍କ ନାମକୁ ପରବର୍ତ୍ତୀ ସିଜେଆଇ ଭାବେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ।

ଜଷ୍ଟିସ୍ ବି. ଆର୍ ଗଭାଇ ୧୯୮୫ରେ ଓକିଲାତି ଆରମ୍ଭ କରିଥିଲେ। ୨୦୦୩ ନଭେମ୍ବର ୧୪ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୫ ନଭେମ୍ବର ୧୨ରୁ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୧୯ ମେ' ୨୪ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଖଣ୍ଡପୀଠର ସେ ଅଂଶ ଥିଲେ। ଜଷ୍ଟିସ୍ ଗଭାଇ ଦେଶର ଦ୍ୱିତୀୟ ଦଳିତ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି। ତାଙ୍କ ପୂର୍ବରୁ ଜଷ୍ଟିସ୍ କେ.ଜି. ବାଲାକ୍ରିଷ୍ଣନ୍ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ଦେଶର ପ୍ରଥମ ଦଳିତ ସିଜେଆଇ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଦେଶର ପ୍ରଥମ ବୌଦ୍ଧ ଧର୍ମାବଲମ୍ବୀ ବିଚାରପତି ଭାବେ ଜଷ୍ଟିସ୍ ଗଭାଇ ପ୍ରଧାନ ବିଚାରପତି ହୋଇଛନ୍ତି।



ଜଷ୍ଟିସ୍ ବି.ଆର୍.ଗଭାଇ ବୁଧବାର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଉଛନ୍ତି।

ଆଜିର ସମ୍ପାଦକୀୟ: କ୍ଷମତା ଓ ବାଣିଜ୍ୟରେ ଘୋଡ଼ା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୋଲୋ ଆର୍ଟ ଏକ୍ସିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ 'ଜାତି ପ୍ରଥା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଜନ୍ମଦିନ ପାଳିତ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଆତ୍ମଜୀବନୀ 'ସମୟ ସମୁଦ୍ର ସ୍ୱର୍ଗଦ୍ୱାର'ର ପାଠକାର୍ପଣ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୨୧।
- ନୃତ୍ୟାଭିନୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନୃତ୍ୟଶାଳାର ୨୨ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- 'ଓଡ଼ିଶା ଭିଜନ- ୨୦୩୬ ଓ ୨୦୪୭' ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା, ସ୍ଥାନ: ନୋସି ଅଡିଟୋରିୟମ ହଲ୍, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ଅପରାହ୍ନ ୫ଟା।
- ସାର୍ବଜନୀନ ଚନ୍ଦନ ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ସନ୍ଧ୍ୟା ୬ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଜହଡା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ସକାଳ ୮ ଟା।
- ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୁରୁଣାବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୮ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ ଟା।

## କେନ୍ଦୁଝର
- ବଡ଼ବିଲରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବଡ଼ବିଲ ବିକାଶ ମହଲ, ସମୟ: ସକାଳ ୭ ଟା ୩୦।
- ଭାରତର ସେନାଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ସାଇକେଲ ଓ ବାଇକ ଶୋଭାଯାତ୍ରା, ସ୍ଥାନ: କାଳି ପଡିଆ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା,ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ, ନଗର ପରିକ୍ରମା, ଦଧି ମହୋତ୍ସବ, ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଫେଛକ) ଝାରପୋଖରିଆ,ସମୟ: ଅପରାହ୍ନ ୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ବୈଶାଖୀ ଉଡ଼ାପର୍ବ, ସ୍ଥାନ: ଚିତ୍ରଡ଼ା ମହାଦେବ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ସମୟ: ରାତି ୮ଟା।

## ବ୍ରହ୍ମପୁର
- ଭାରତୀୟ ସୈନିକଙ୍କୁ ଉତ୍ସାହିତ ଉଦ୍ଦେଶ୍ୟରେ ବାଇକ ଶୋଭାଯାତ୍ରା, ସ୍ଥାନ: ରାମଲିଙ୍ଗେଶ୍ୱର ପାର୍କ, ସମୟ: ସକାଳ ୮ ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ, ଗିରି ରୋଡ଼,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୭ଟା ୪୫।

## ଅନୁଗୋଳ
- କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଆଠମଲ୍ଲିକ ଆଇଟିଆଇ କଲେଜ ନିକଟ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ କଲେଜ ପରିସର, ସମୟ : ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର
- ଭାରତୀୟ ସୈନିକମାନଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ବେଳାଭୂମି ରାସ୍ତା, ବତିଘର ପାଖ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଭାରତର ବୀର ସୈନିକମାନଙ୍କୁ ଉତ୍ସାହିତ କରିବାକୁ ବାଇକ ଶୋଭାଯାତ୍ରା, ସ୍ଥାନ: ବ୍ୟାସନଗର ସଂସ୍କୃତି ଭବନ ପରିସର, ସମୟ: ସକାଳ ୭ଟା୩୦।
- ଅପରେସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଯାଜପୁର ଏକ୍ସପ୍ରେସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଯଯାତି କୋର୍ଟ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ୨ୟ ଦିବସ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ସ୍ଥାନ: ନୟାଗଡ଼ ଜିଲା ସଦର ମହକୁମା, ସ୍ଥାନ: ସକାଳ ୮ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୬ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୬ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରା ର ୧୬ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ,ସମୟ: ସକାଳ ୮ଟା।
- ଗ୍ରାମଦେବୀ ମା' ଠାକୁରାଣୀଙ୍କ ଝାମୀଯାତ୍ରା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନିକଟସ୍ଥ ଯାତ୍ରା ପଡିଆ, ମୁନିଗୁଡା, ସମୟ: ଅପରାହ୍ନ ୫ଟା ୩୦।

## ନବରଙ୍ଗପୁର
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚାମୁରିଆଗୁଡ଼ା, ସମୟ: ୮ଟା।

## କୋରାପୁଟ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାରିଣିପୁଟ ଛକ, ସମୟ: ସକାଳ ୭ଟା ୩୦।
- ଭାରତୀୟ ସେନା ପାଇଁ ରାଲି, ସ୍ଥାନ: ଦଶମନ୍ତପୁର ବ୍ଲକରୁ ଖମ୍ବେଶ୍ୱରୀ ପୀଠ, ସମୟ: ୭ଟା ୩୦।
- ତ୍ରିରଙ୍ଗା ରାଲି, ବାଇକ୍ ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରୁ ହାଟପଦା, ସମୟ: ସକାଳ ୮ଟା।
- ସେନା ସମର୍ଥନରେ ବାଇକ ରାଲି, ସ୍ଥାନ: ଦଶହରା ପଡିଆ, ସୁନାବେଡା-୧, ସମୟ: ସକାଳ ୮ଟା।
- ଯବାନମାନଙ୍କୁ ଉତ୍ସାହିତ କରିବାକୁ ବାଇକ ରାଲି, ସ୍ଥାନ: ଆରଟିଓ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।
- ଓଡ଼ିଶା ଭିଜନ-୨୦୩୬ ନେଇ କର୍ମଶାଳା, ସ୍ଥାନ:ଦକ୍ଷତା ବିକାଶ ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମାଥାଲପୁଟ ବସଷ୍ଟାଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମାଥଲପୁଟ ଶହିଦ ଲକ୍ଷ୍ମଣ ନାୟକ ଛକ, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି
- ଅପରେଶନ ସିନ୍ଦୁରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା,ସ୍ଥାନ:ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନଠାରୁ ଏମ୍.ଭି. ୭, ସମୟ: ସକାଳ ୮ ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍‌ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା ।
- ଜୁହାର ପରିବାର ଓ ଆଦର୍ଶ ସଂସ୍ଥା ଆୟୋଜନରେ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାକକ୍ଷ, ସମୟ : ସକାଳ ୯ଟା ୩୦ ।
- ଏକତା ଅନ୍ୱେଷା ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ ଉଦଯାପନୀ ଉତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦ ।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା ।

## ବଲାଙ୍ଗୀର
- ବଲାଙ୍ଗୀର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା (ମୋଟର ସାଇକେଲ ରାଲି), ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ,ସମୟ: ସକାଳ ୯ଟା ।

## ରାଉରକେଲା
- ଅପରେଶନ୍ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ ଲେବର ଟେର୍ନାମେଣ୍ଟ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୩୦ତମ ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର,ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼
- ତ୍ରିରଙ୍ଗା ରାଲି ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼ ସମୟ:ସକାଳ ୭ଟା ୩୦।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ପରିସର, ସମୟ: ସକାଳ ୭ଟା ୩୦।

## ବୌଦ୍ଧ
- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଚତୁର୍ଥ ଗନ୍ଧରାଡୀ ଲୋକକଳା ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଭାରତୀୟ ବୀର ଯବାନଙ୍କୁ ସମ୍ମାନ ଜଣାଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଦେଉଳମୁଣ୍ଡା ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା୩୦।
- କେନ୍ଦୁପାଲିରେ ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ଅପରେଶନ ସିନ୍ଦୂରରେ ଭାରତୀୟ ସେନାକୁ ସମର୍ଥନ ଜଣାଇ ସାଇକେଲ ଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ଟାଉନ ହଲ, ସମୟ: ସକାଳ ୮ଟା।
- ଭାରତୀୟ ସେନାକୁ ସମର୍ଥନ ଜଣାଇ ବିନିକାରେ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଏନ୍ଏସି ଅଫିସ ସମ୍ମୁଖରୁ ସହର ପରିକ୍ରମା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଧାନକିଣାର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ମହଦା ପାକ୍ସ ପରିସର, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହଯୋଗରୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବୃଷ** ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିନେବେ। ମନ ଭଲ ନ ଥିବାରୁ ଘରେ କିମ୍ବା ଅଫିସରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମାରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବାରେ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ରହିଛି। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ପାଇବେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ନିଜର ଅବହେଳାଜନିତ ଅନୁପସ୍ଥିତି କାରଣରୁ କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିନେବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। ରାଜନୀତି, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରୁ କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରନ୍ତି।

**ବିଛା** ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମ ସହଜ ଓ ସୁବିଧାରେ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣଜନିତ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହେବ। ପିଲାର ସ୍ୱାସ୍ଥ୍ୟ ପାଇଁ ଚିନ୍ତା କରିବେ। କିନ୍ତୁ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପରିବାରର ଗୁମର କଥାକୁ ସାଙ୍ଗଙ୍କୁ କହି ସମାଲୋଚିତ ହେବେ।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେ ମନାକରିବେ ନାହିଁ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଗୃହରେ କଳହ ସୃଷ୍ଟି ହେବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତରୁ ସୁଫଳ ପାଇବା ସହ ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବାରୁ ମନ ଭଲ ଲାଗିବ ନାହିଁ। ପିଲାଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ଲାଗି ଚିନ୍ତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ କିନ୍ତୁ ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ମୀନ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷ ସଂକ୍ରାନ୍ତି, ମେ ୧୫ ତାରିଖ ଗୁରୁବାର, ବିଶ୍ୱ ପରିବାର ଦିବସ। ଜ୍ୟେଷ୍ଠ କୃଷ୍ଣ ତୃତୀୟା, ରାଶିନକ୍ଷତ୍ର-ଦିବା ଘ.୦୨.୦୭ ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୪ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୦ ଗତେ ଘ.୦୨.୫୭ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଗୁଣ ଗୁଣ୍ଡି**
**ମାରିବୁ ହେଣ୍ଡି।**

ସାଧାରଣତଃ ଚାଳଘରେ ରହୁଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ଚାଳ ଛପର କରୁଥିବାର ଦେଖିବାକୁ ମିଳିଥାଏ। ତେବେ ଫାଲଗୁନ ମାସରେ ଘର ଛାଉଣି କଲେ ବର୍ଷା ଓ ପବନକୁ ଭୟ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଫଳ ଗଛକୁ ବୋଝ ନୁହେଁ,**
**ଫଳନ୍ତି ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ ମା'କୁ କଷ୍ଟ ହୋଇ ନ ଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡ଼ିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତ୍ରିରଙ୍ଗା ଯାତ୍ରା ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୫(ସୁନିତ୍ ମିଶ୍ର)

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂର'ର ସଫଳତା ପରେ ବୁଧବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ଯାତ୍ରା ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭହୋଇ ରାଜଭବନ ପର୍ଯ୍ୟନ୍ତ ଯାଇଥିବା ବେଳେ ପୋଲିସ ଓ ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ ନିଜ ସହ ତ୍ରିରଙ୍ଗା ପତାକା ଧରି ବାଇକ୍ ଚଳାଇ ବନ୍ଦେ ମାତରମ୍ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର'ର ସଫଳତା ପରେ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେ ନାହିଁ।

**■ ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ: ମୋହନ**

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଯଶୀପୁର ବ୍ଲକରେ ନିର୍ମାଣହେବ ଖଇରିବନ୍ଧନ ବ୍ୟାରେଜ

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା)

ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକର ଅଁଳାବେଣୀ ଗ୍ରାମ ନିକଟ ଖଇରିବନ୍ଧନ ନଦୀ ଉପରେ ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ହେବ। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌କୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ମୟୂରଭଞ୍ଜ ଯଶୀପୁର ବ୍ଲକର ଅଁଳାବେଣୀରେ ଗାଁରେ ଖଇରିବନ୍ଧନ ବ୍ୟାରେଜ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣହେଲେ ଉକ୍ତ ଅଞ୍ଚଳର ପଛୁଆ ବର୍ଗ ଏବଂ ଆଦିବାସୀମାନେ ବିଶେଷ ଭାବେ ଉପକୃତ ହେବେ। ସେଠାରେ ମରୁଡ଼ିକୁ ଦୃଷ୍ଟିରେ ରଖି ଖରିଫ ଜଳସେଚନ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୯୭ କୋଟି ୬୭ ଲକ୍ଷ ୯୮ ହଜାର ୭୫୫ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛି। ଉକ୍ତ ପ୍ରକଳ୍ପକୁ ୩୦ ମାସ ମଧ୍ୟରେ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ମୟୂରଭଞ୍ଜ ଜିଲାର ଯଶୀପୁର, ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ୪୭ଟି ଗାଁର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପ୍‌ଲାଇନ ଜଳବଣ୍ଟନ ବ୍ୟବସ୍ଥା(ୟୁଜିପିଏଲ) ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଫଳରେ ଏହି ପ୍ରକଳ୍ପ ୩୫,୦୦୦ରୁ ଅଧିକ ଜନସଂଖ୍ୟାକୁ ପାନୀୟଜଳ ସୁବିଧା ଯୋଗାଇବା ସହିତ ଘରୋଇ ପଶୁପାଳନ ତଥା ମତ୍ସ୍ୟଚାଷର ଚାହିଦାକୁ ମଧ୍ୟ ପୂରଣ କରିପାରିବ। ଏହାସହିତ ଭୂତଳ ଜଳସ୍ତର ବୃଦ୍ଧି ପାଇବ ଏବଂ ସ୍ଥାୟୀ ଖାଦ୍ୟ ଉତ୍ପାଦନ ସୁନିଶ୍ଚିତ କରିବା ସହ ଜୀବିକା ନିର୍ବାହ ନିମନ୍ତେ କୃଷି ଉପରେ ନିର୍ଭରଶୀଳ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ପ୍ରଧାନଶିକ୍ଷକ, ଶିକ୍ଷକଙ୍କ ବଦଳି ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୧୨।୫(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷ ଲାଗି ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ଆବେଦନ ଗୁରୁବାରଠାରୁ ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସଂଶୋଧିତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଜୁନ୍ ୧୩ ସୁଦ୍ଧା ଏହି ବଦଳି ପ୍ରକ୍ରିୟା ଶେଷ କରିବାକୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କ୍ୟାଲେଣ୍ଡର ଅନୁସାରେ, ମେ ୧୫ରୁ ୩୦ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୩୧ ସୁଦ୍ଧା ଜିଲା ଶିକ୍ଷା ଅଧିକାରୀମାନେ ଆବେଦନ ଫର୍ମଗୁଡିକର ଯାଞ୍ଚ କରିବା ସହିତ ଅପ୍‌ଲୋଡ କରିବେ। ୫ ଜୁନ୍ ସୁଦ୍ଧା ମେଡିକାଲ ମାମଲାଗୁଡିକୁ ମେଡିକାଲ ବୋର୍ଡକୁ ପଠାଯିବ। ଜୁନ ୧୦ ମଧ୍ୟରେ ମେଡିକାଲ ପରୀକ୍ଷା ଓ ରିପୋର୍ଟକୁ ଗ୍ରହଣ କରାଯିବ। ୧୧ ତାରିଖ ମଧ୍ୟରେ ଯୋଗ୍ୟ ପ୍ରାର୍ଥୀଙ୍କ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ ହେବ। ୧୩ରେ ରାଜ୍ୟସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କ ଆନ୍ତଃଜିଲ୍ଲା ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବା ସହିତ ଅନୁମୋଦନ କରାଯିବ। ସେହିପରି ଜିଲା ସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ଅନ୍ୟ ଶିକ୍ଷକଙ୍କ ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବ। ସେହିଦିନ ହିଁ ବଦଳି ନିର୍ଦ୍ଦେଶ ଜାରି କରାଯିବ। ଅଗଷ୍ଟ ୧୦ ସୁଦ୍ଧା ରିଲିଭ ଓ ଯୋଗଦେବା କାର୍ଯ୍ୟ ସରିବ। ଅଗଷ୍ଟ ୧୦ରୁ ୧୭ ଯାଏ ଶିକ୍ଷକଙ୍କ ପ୍ରୋଫାଇଲ ପୁଣିଥରେ ଖୋଲାଯିବ।ତେବେ ଏହି ବଦଳି ପ୍ରକ୍ରିୟାରେ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଅନୁପାତକୁ ଅନୁଧ୍ୟାନ କରାଯିବ। ସେହି ଅନୁସାରେ ଶିକ୍ଷକ ନିଯୁକ୍ତି ପାଇଁ ମେ ୩୧ ସୁଦ୍ଧା ତାଲିକା ପ୍ରସ୍ତୁତ କରାଯିବ। ଜିଲା ଶିକ୍ଷା ଅଧିକାରୀମାନେ ୨୫ ଜୁନ ସୁଦ୍ଧା ବଦଳି ପାଇଁ ତାଲିକା ପ୍ରସ୍ତୁତ କରିବେ। ୨୫ ଜୁନ ମଧ୍ୟରେ ସମସ୍ତ ଶିକ୍ଷକଙ୍କୁ ବଦଳି ପାଇଁ ଅନୁମତି ପ୍ରଦାନ କରାଯିବା ସହିତ ୩୦ ଜୁନ ମଧ୍ୟରେ ବଦଳି ଅର୍ଡର ବାହାର କରାଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଆମେରିକା, ସାଉଦି ଆରବ ପ୍ରତିରକ୍ଷା ଡିଲ୍

## ୧୪୨ ବିଲିୟନ୍ ଡଲାର

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାଉଦି ଆରବ ଗସ୍ତବେଳେ ଦୁଇଦେଶ ମଧ୍ୟରେ ୧୪୨ ବିଲିୟନ୍ ଡଲାର ମୂଲ୍ୟର ଏକ ବୃହତ୍ ପ୍ରତିରକ୍ଷା ଡିଲ୍ ସମ୍ପନ୍ନ ହୋଇଛି। ଏହି ଚୁକ୍ତିନାମା ବଳରେ ଆମେରିକୀୟ କମ୍ପାନୀଗୁଡ଼ିକ ରିୟାଧକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର, ପ୍ରତିରକ୍ଷା ଉପକରଣ ଓ ସେବା ପ୍ରଦାନ କରିବେ। ଏହା ବଦଳରେ ରିୟାଧ ଆମେରିକୀୟ କମ୍ପାନୀଗୁଡ଼ିକରେ ୬୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବ। ଏଫ୍-୩୫ ଫାଇଟର ଜେଟ୍ ରପ୍ତାନୀ ବିଷୟରେ କିଛି କୁହାଯାଇ ନ ଥିଲେ ମଧ୍ୟ ଆମେରିକା ପକ୍ଷରୁ ସାଉଦି ଆରବକୁ ଏହା ଯୋଗାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ୍ ହେବ ନାହିଁ ବୋଲି ସେ ମନେକରନ୍ତି।**



ସାଉଦି ଆରବ ରୟାଲ ପ୍ୟାଲେସ୍‌ରେ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ନୂଆଦିଲ୍ଲୀ/ନ୍ୟୁୟର୍କ/ଇସ୍‌ଲାମାବାଦ/ବେରୁଟ୍, ୧୪।୫

ଆମେରିକା ଓ ସାଉଦି ଆରବ ମଧ୍ୟରେ ପ୍ରାୟ ୧୪୨ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତି ସମ୍ପନ୍ନ ହୋଇଛି। ତଦନୁସାରେ ଆମେରିକା ସାଉଦି ଆରବକୁ ଏହି ପରିମାଣର ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣ ବିକ୍ରି କରିବ। ହ୍ୱାଇଟ୍ ହାଉସ୍ ଏହାକୁ 'ପ୍ରତିରକ୍ଷା ସାମଗ୍ରୀ ବିକ୍ରି ଇତିହାସରେ ସର୍ବବୃହତ୍ ଡିଲ୍' ବୋଲି ଅଭିହିତ କରିଛି। ଏଥିରେ ଜେନେରାଲ୍ ଇଲେକ୍ଟ୍ରିକ୍‌ରୁ ୧୪.୨ ବିଲିୟନ୍ ଡଲାରର ଗ୍ୟାସ୍ ଟର୍ବାଇନ୍ ଓ ଏନର୍ଜି ସଲ୍ୟୁଶନ ଏବଂ ୪.୮ ବିଲିୟନ୍ ଡଲାର ମୂଲ୍ୟର ବୋଇଂ ୭୩୭-୮ ପାସେଞ୍ଜର ଏୟାରକ୍ରାଫ୍ଟ ବିକ୍ରି ଅନ୍ତର୍ଭୁକ୍ତ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଚୁକ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇ ନ ଥିଲେ ହେଁ ଏହା ଅଧୀନରେ ବାୟୁସେନା, ମହାକାଶ, ଏୟାର ଓ ମିଶାଇଲ୍ ଡିଫେନ୍ସ, ସାମୁଦ୍ରିକ ନିରାପତ୍ତା, ସୀମା ସୁରକ୍ଷା, ସ୍ଥଳସେନାର ଆଧୁନିକୀକରଣ, ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନୀକରଣ ଆଦି ଆସୁଥିବା କହିଛି। ଏତିକି ନୁହେଁ, ରୟାଲ ସାଉଦି ଆର୍ମ୍ଡ ଫୋର୍ସେସ୍‌କୁ ଆମେରିକା ସାମରିକ ତାଲିମ ଦେବ। ସାଉଦି ଆରବର ସଶସ୍ତ୍ର ବଳକୁ ଶିକ୍ଷା ସହ ସାମରିକ ଡାକ୍ତରୀ ସେବା ମଧ୍ୟ ଆମେରିକୀୟ ସେନା ପ୍ରଦାନ କରିବ।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ବୁଧବାର ସାଉଦି ଆରବ ସହ ସମ୍ପାଦିତ ପ୍ରତିରକ୍ଷା ଚୁକ୍ତି ଆମେରିକା ଇତିହାସରେ ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ଡିଲ୍। ସାଉଦି ଆରବ ସହିତ ସହଭାଗିତାକୁ ମଜଭୁତ୍ କରିବା ନେଇ ଆମେରିକାର ପ୍ରତିଶ୍ରୁତିବଦ୍ଧତା ଏଥିରୁ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଏହା ବଦଳରେ ସାଉଦି ଆରବ ଆମେରିକାର ବିଭିନ୍ନ ଶିଳ୍ପରେ ୬୦୦ ବିଲିୟନ୍ ଡଲାର ପୁଞ୍ଜି ନିବେଶ କରିବ। ଆମେରିକାର ବିଦେଶୀ ସାମରିକ ବିକ୍ରି କଥା ବୁଝୁଥିବା ପରରାଷ୍ଟ୍ର ବିଭାଗ ମଧ୍ୟ ଡିଲ୍ ହୋଇଥିବା ବିଷୟ କହିଛି। କିନ୍ତୁ ଏହାର ପ୍ରତିନିଧିମାନେ ଏ ସମ୍ପର୍କରେ 'ବ୍ରେକିଂ ଡିଫେନ୍ସ'କୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ବିଶ୍ୱର ପ୍ରତିରକ୍ଷା ଶିଳ୍ପ କାରବାର ବିଶ୍ଳେଷଣକାରୀ ସଂସ୍ଥା 'ବ୍ରେକିଂ ଡିଫେନ୍ସ' ସହ ଆଲୋଚନାବେଳେ ନିଅର୍ ଇଷ୍ଟ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏହି ଡିଲ୍ ଯୋଗୁ ସାଉଦି ଆରବର ଏୟାର ଡିଫେନ୍ସ ବିଶେଷକରି ପାଟ୍ରିଅଟ୍ ଏୟାର ଡିଫେନ୍ସ ମଜଭୁତ୍ ହେବ। କିନ୍ତୁ ଏଥିଲାଗି ସେମାନଙ୍କୁ ଅଧିକ ପରିମାଣର ମିଶାଇଲ ଓ ନୂଆ ଲଞ୍ଚର ଦିଆଯିବା ଆବଶ୍ୟକ। ସାଉଦି ଆରବ ବହୁ ଆକାଂକ୍ଷିତ ପାଟ୍ରିଅଟ୍ ରାଡାରକୁ ମଧ୍ୟ ଏହି ଡିଲ୍ ଅଧୀନରେ ଉନ୍ନତ କରାଯାଇପାରେ।

## ଚର୍ଚ୍ଚାରେ ଏଫ୍-୩୫ ଜେଏସ୍ଏଫ୍

ସାଉଦି ଆରବ ଆମେରିକାଠାରୁ ଦୀର୍ଘ ସମୟ ଧରି ଏଫ୍-୩୫ ଜଏଣ୍ଟ ଷ୍ଟ୍ରାଇକ୍ ଫାଇଟର ପ୍ଲେନ୍ ଦାବି କରିଆସୁଥିବାବେଳେ ମଙ୍ଗଳବାର ସମ୍ପାଦିତ ୧୪୨ ବିଲିୟନ୍ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିରେ ଏସମ୍ପର୍କରେ ଉଲ୍ଲେଖ ଥିବା ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ ହେବ ନାହିଁ ବୋଲି ସେ ମନେକରନ୍ତି। ନିଅର୍ ଇଷ୍ଟ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏଫ୍-୩୫ ଡିଲ୍ ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରି ନ ଥାଏ। ବରଂ ବିଦେଶକୁ ନିଜ ଜ୍ଞାନକୌଶଳ ପ୍ରଦାନ କରାଯିବା ନେଇ ଆମେରିକା ଚିନ୍ତିତ ଥାଇପାରେ।



## ଭାରତରେ ତୁର୍କୀ, ଚାଇନାର ସରକାରୀ ମିଡିଆ ଏକ୍ସ' ଆକାଉଣ୍ଟ ବ୍ଲକ୍

ନୂଆଦିଲ୍ଲୀ, ୧୪।୫

ଚାଇନାରେ ସରକାରୀ ପରିଚାଳିତ ଗଣମାଧ୍ୟମ ଏଜେନ୍ସି ଗ୍ଲୋବାଲ ଟାଇମ୍ସ ଓ ଜିନ୍‌ହୁଆ ଏବଂ ତୁର୍କୀର ସରକାରୀ ମିଡିଆ ଏଜେନ୍ସି ଟିଆର୍‌ଟି ୱାର୍ଲ୍ଡର ଏକ୍ସ' ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଛି। ଗତ ସପ୍ତାହରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ମଧ୍ୟରେ ଭାରତର ଜାତୀୟ ସ୍ୱାର୍ଥ ବିରୋଧରେ ବିଭିନ୍ନ ବିଭ୍ରାନ୍ତିକର ଏବଂ ମିଥ୍ୟା ଖବର ପୋଷ୍ଟ କରୁଥିବାରୁ ଭାରତ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଉପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ଗଣମାଧ୍ୟମଗୁଡ଼ିକ ବିଭିନ୍ନ ବିଭ୍ରାନ୍ତିକର ଏବଂ ଭୁଲ୍ ତଥ୍ୟ ଶେୟାର କରିଥିଲେ।

## ଅଜୟ କୁମାର ହେଲେ ୟୁପିଏସ୍‌ସି ଚେୟାରମ୍ୟାନ



ନୂଆଦିଲ୍ଲୀ, ୧୪।୫

ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ବୁଧବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ଚେୟାରମ୍ୟାନ ଭାବେ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି। ଗତ ୨୯ ତାରିଖରେ ୟୁପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପ୍ରୀତି ସୁଦନଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରଠାରୁ ୟୁପିଏସ୍‌ସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ଅଜୟ ହେଉଛନ୍ତି ୧୯୮୫ ବ୍ୟାଚ୍ କେରଳ କ୍ୟାଡରର ପୂର୍ବତନ ଆଇଏଏସ୍ ଅଧିକାରୀ। ୨୦୧୯ ଅଗଷ୍ଟ ୨୩ରୁ ୨୦୨୨ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସେ ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



ସିଡିଏସ୍ ଜେନେଲାର ଅନିଲ ଚୌହାନଙ୍କ ସହ ୩ ସେନା ମୁଖ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି।

**ଅପରେଶନ ସିନ୍ଦୁର**

## ରାଷ୍ଟ୍ରପତିଙ୍କୁ ଅବଗତ କରାଇଲେ ସିଡିଏସ୍, ୩ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୪।୫

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେଲାର ଅନିଲ ଚୌହାନଙ୍କ ସହ ୩ ସେନା ମୁଖ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ବିଷୟରେ ଅବଗତ କରାଇଛନ୍ତି। ଏହି ଅବସରରେ ଜେନେଲାର ଅନିଲ ଚୌହାନଙ୍କ ସହ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ମୁର୍ମୁ ଭାରତୀୟ ସଶସ୍ତ୍ର ବାହିନୀର ସାହସିକତା ଏବଂ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ।

## ଜୟଶଙ୍କରଙ୍କ ସୁରକ୍ଷା ବଢ଼ିଲା

ନୂଆଦିଲ୍ଲୀ, ୧୪।୫

ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ ଅପରେଶନ ସିନ୍ଦୂର ପରେ ବୁଧବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ଦିଲ୍ଲୀସ୍ଥିତ ତାଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବଳୟକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜୟଶଙ୍କରଙ୍କ ସୁରକ୍ଷାରେ ୨ଟି ବୁଲେଟ ପ୍ରୁଫ୍ ଗାଡ଼ିକୁ ସାମିଲ କରାଯାଇଛି। ତେବେ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ।

ପ୍ରଥମ ଥର ପାଇଁ
ଇସବଗୁଲ୍
ବନସାର ଆପଣଙ୍କ ପାଇଁ ଆଣିଛି
100% ରିଫଣ୍ଡ ଅଫର୍*
ପ୍ରଥମେ ବ୍ୟବହାର କରନ୍ତୁ। ତାପରେ ବିଶ୍ୱାସ କରନ୍ତୁ।
ଯଦି ଆପଣ ବନସାର ଇସବଗୁଲ୍ କୁ ୧୫ ଦିନ ବ୍ୟବହାର କରିବା ପରେ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ତେବେ ଖୋଲା ଯାଇଥିବା ବ୍ୟବହୃତ ପ୍ୟାକ୍ ସହିତ ଆପଣଙ୍କର ମୁହଁ, ପ୍ୟାକ୍ ଓ ଲାଲ୍ ଷ୍ଟ୍ରିପକୁ ଉପଯୁକ୍ତ ଭାବରେ ଦୃଶ୍ୟମାନ କରି ଫଟୋ ନିଅନ୍ତୁ ଓ ଏହାକୁ ଅପଲୋଡ୍ କରନ୍ତୁ।
ଅଧିକ ସବିଶେଷ ପାଇଁ ପରିଦର୍ଶନ କରନ୍ତୁ www.vansaar.com ବା କ୍ୟୁଆର କୁ ସ୍କାନ କରନ୍ତୁ
ନିକଟତମ ସ୍ଥାନୀୟ ଷ୍ଟୋର, www.vansaar.com ଓ ସମସ୍ତ ଅଗ୍ରଣୀ ଅନଲାଇନ୍ ଷ୍ଟୋରରେ ଉପଲବ୍ଧ।
• ଦୃଶ୍ୟମାନ ଉନ୍ନତ ସିଙ୍ଗିଲ୍ ବ୍ଲେଣ୍ଡ ଇସବଗୁଲ୍ ସହିତ ଧଳା, ସଫା ଓ ବଡ଼ ଫ୍ଲେକ୍ସ
• ବିଜ୍ଞାନସମ୍ମତ ଭାବରେ ଉନ୍ନତ ଅନ୍ୟ ଇସବଗୁଲ୍ ତୁଳନାରେ ୨୬% ଅଧିକ ଡାଏଟାରି ଫାଇବର
• ଉନ୍ନତ କାର୍ଯ୍ୟକାରୀତା ଉତ୍କୃଷ୍ଟ ମାନ ହେତୁ


*Terms & conditions apply
Get a coupon equal to your purchase value - redeemable on Vansaar website.

## ୨୧ ଦିନ ପରେ ବିଏସ୍ଏଫ୍ ଯବାନଙ୍କୁ ମୁକ୍ତକଲା ପାକିସ୍ତାନ

**ପାକିସ୍ତାନୀ ରେଞ୍ଜରଙ୍କୁ ଛାଡ଼ିଲା ଭାରତ**

ଅମୃତସର, ୧୪।୫



ପୁର୍ନମ କୁମାର ଶ


ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ବୁଧବାର ଉଭୟ ଦେଶ ୱାଘା-ଅଟାରୀ ସୀମାରେ ନିଜ ନିଜ କବ୍‌ଜାରେ ଥିବା ଜଣେ ସୈନ୍ୟଙ୍କୁ ମୁକ୍ତ କରିଛନ୍ତି। ୨୧ ଦିନ ପରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନ ପୁର୍ନମ କୁମାର ଶଙ୍କୁ ପାକିସ୍ତାନ ମୁକ୍ତ କରିଛି। ବୁଧବାର ପୂର୍ବାହ୍ନ ୧୦.୩୦ଟା ସମୟରେ ପାକିସ୍ତାନୀ ରେଞ୍ଜରମାନେ ପୁର୍ନମଙ୍କୁ ବିଏସ୍ଏଫ୍‌କୁ ହସ୍ତାନ୍ତର କରିଥିଲେ। ଭାରତ ଫେରିବା ପରେ ପୁର୍ନମଙ୍କର ତୁରନ୍ତ ମେଡିକାଲ ଚେକ୍‌ଅପ୍ କରାଯାଇଥିଲା ଏବଂ ଏହାପରେ ତାଙ୍କର କାଉନ୍‌ସେଲିଂ କରାଯାଇଛି। ଗତ ଏପ୍ରିଲ ୨୩ରେ ସେ ଭୁଲ୍‌ବଶତଃ ଅନ୍ତର୍ଜାତୀୟ ସୀମା ପାର୍ କରି ପାକିସ୍ତାନରେ ପ୍ରବେଶ କରିଥିଲେ। ପୁର୍ନମଙ୍କ ମୁକ୍ତି ପାଇଁ ବିଏସ୍ଏଫ୍ ପକ୍ଷରୁ ଲଗାତର ପ୍ରୟାସ କରାଯାଇଥିଲା। ଏଥିପାଇଁ ବିଏସ୍ଏଫ୍ ଏବଂ ପାକିସ୍ତାନୀ ରେଞ୍ଜର୍ସଙ୍କ ମଧ୍ୟରେ ୬ରୁ ଅଧିକ ଥର ଫ୍ଲାଗ୍ ମିଟିଂ ହୋଇଥିଲା ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ପାକିସ୍ତାନୀ ରେଞ୍ଜରମାନେ ପୁର୍ନମଙ୍କୁ ଭାରତୀୟ ସେନା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପରେ ଭାରତ ପକ୍ଷରୁ ମଧ୍ୟ ପାକିସ୍ତାନୀ ରେଞ୍ଜର ମହମଦୁଲ୍ଲାଙ୍କୁ ପାକିସ୍ତାନୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମହମଦୁଲ୍ଲା ପ୍ରାୟ ୨ ସପ୍ତାହ ତଳେ ଅସାବଧାନତାବଶତଃ ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲାରେ ଥିବା ଅନ୍ତର୍ଜାତୀୟ ସୀମା ପାର୍‌କରି ଭାରତରେ ପ୍ରବେଶ କରିଥିଲେ। ତାଙ୍କୁ ବିଏସ୍ଏଫ୍ ହାଜତରେ ରଖାଯାଇଥିଲା।

## ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ: କଂଗ୍ରେସ

**ସୀମାରେ ଆଉ ଗୁଳିଗୋଳାର ଶବ୍ଦ କି ରାତିଅଧିଆ ଆକ୍ରମଣର ଆତଙ୍କ ନାହିଁ। ଜମ୍ମୁ-କଶ୍ମୀରରେ ଦୋକାନ ବଜାର ଖୋଲିବାରେ ଲାଗିଛି, ପିଲାମାନେ ସ୍କୁଲ ଯିବାକୁ ବାହାରିଲେଣି। ବୈଷ୍ଣୋଦେବୀ ପୀଠକୁ ୭ ଦିନ ପରେ ହେଲିକପ୍ଟର ସେବା ପୁଣି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ସୀମାନ୍ତବାସୀଙ୍କ ଦୁଃଖରେ ସହଭାଗୀ ହେବା ପାଇଁ ଏଲ୍‌ଓସିକୁ ଯାଇ ପୁନର୍ବାସର ପ୍ରତିଶ୍ରୁତି ଦେଉଛନ୍ତି। ଭୁଲ୍‌ବଶତଃ ପାକିସ୍ତାନ ମାଟିରେ ପାଦ ଥାପିଦେଇଥିବା ବିଏସ୍ଏଫ୍ ଯବାନ ୨୧ ଦିନ ପରେ ଭାରତ ଫେରିଛନ୍ତି। ଏସବୁ ଦେଖିଲେ ସ୍ଥିତି କ୍ରମଶଃ ସ୍ୱାଭାବିକ ଆଡ଼କୁ ଫେରୁଥିବା ମନେହେଉଥିବାବେଳେ ରାଜନୀତି କିନ୍ତୁ ସରଗରମ ହେବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପାକିସ୍ତାନକୁ ପାନେ ଦେଇଥିବା ଭାରତୀୟ ସଶସ୍ତ୍ର ବଳର ମନୋବଳ ବଢ଼ାଇବା ପାଇଁ ଯାତ୍ରା ଚଳାଇଥିବାବେଳେ 'ଅପରେଶନ୍ ସିନ୍ଦୂର' ସଫଳତାର ଶ୍ରେୟରୁ ଲାଭ ହାସଲ ଆଶାରେ ଭାଜପା ନିଜସ୍ୱ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରିଛି। ଏଭଳି ସମୟରେ ଅସ୍ତ୍ରବିରତିରେ ଆମେରିକାର ଭୂମିକାକୁ ନେଇ କଂଗ୍ରେସ ପୁଣି ପ୍ରଶ୍ନ ଉଠାଇଛି।**

ନୂଆଦିଲ୍ଲୀ, ୧୪।୫

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ବୁଧବାର ପାକିସ୍ତାନକୁ ପରିବର୍ଦ୍ଧିତ ପାଣ୍ଠି ସୁବିଧା କାର୍ଯ୍ୟକ୍ରମ ଅଧୀନ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧.୦୨୩ ବିଲିୟନ ଡଲାର ଦିଆଯାଇଛି। ଆସନ୍ତା ଜୁନ୍ ୨ରେ ପାକିସ୍ତାନ ସରକାର ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଇସ୍‌ଲାମାବାଦ ସହ ମେ' ୧୬ ପର୍ଯ୍ୟନ୍ତ ଆଲୋଚନା ଚାଲିବ ବୋଲି ଆଇଏମ୍ଏଫ୍ କହିଛି। ଏହା ପୂର୍ବରୁ ଶୁକ୍ରବାର ପାକିସ୍ତାନକୁ ଆଇଏମ୍ଏଫ୍ ୧ ବିଲିୟନ୍ ଡଲାର ଋଣ ପ୍ରଦାନ କରିଥିଲା। ଆତଙ୍କବାଦକୁ



ଜୟରାମ ରମେଶ

ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ଏଭଳି ସମୟରେ ୨.୦୨୩ ବିଲିୟନ ଡଲାର ସହାୟତା ପଛର କାରଣ କ'ଣ ବୋଲି ଅନେକେ ପ୍ରଶ୍ନ ଉଠାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ହସ୍ତକ୍ଷେପ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ବାରମ୍ବାର କହୁଛନ୍ତି। ଏପରି କି କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି।

ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ସ୍ଥିତି ଲାଗି ରହିବା ପରେ ମେ' ୧୦ ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ପାଇଁ ଦୁଇଦେଶ ସହମତି ପ୍ରକାଶ କରିଥିଲେ। ଉଭୟ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ) ସ୍ତରରେ ଆଲୋଚନା ପରେ ସିଜ୍‌ଫାୟାର ହୋଇଥିବା ଭାରତ ପକ୍ଷରୁ କୁହାଯାଉଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରର ଏପରି ସଫେଇକୁ ବିଶ୍ୱାସ କରିପାରୁନାହାନ୍ତି। ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ୍ ବୁଧବାର ଟ୍ରମ୍ପଙ୍କ ମଧ୍ୟସ୍ଥତା ମନ୍ତବ୍ୟ ଉପରେ କେନ୍ଦ୍ରକୁ ସ୍ପଷ୍ଟୀକରଣ ମାଗିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, କିଛିଦିନ ପୂର୍ବରୁ ପାକିସ୍ତାନ ସହ ଟ୍ରମ୍ପଙ୍କ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ଆମେ ଜାଣିବାକୁ ପାଇଥିଲୁ। ମଙ୍ଗଳବାର ସାଉଦି ଆରବରେ ଟ୍ରମ୍ପ୍ କହିଛନ୍ତି, ଅସ୍ତ୍ରବିରତି ପାଇଁ ଭାରତ ରାଜି ହୋଇ ନ ଥିଲେ ସେ ନୂଆଦିଲ୍ଲୀକୁ ବ୍ଲାକ୍‌ମେଲ୍ କରିଥାଆନ୍ତେ। ଟ୍ରମ୍ପଙ୍କ ନିକଟରେ କେନ୍ଦ୍ର ସରକାର ଭାରତର ସୁରକ୍ଷା ସ୍ୱାର୍ଥକୁ ବନ୍ଧା ପକାଇ ଦେଇଛନ୍ତି କି? ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ କି ବୋଲି ଏକ୍ସ'ରେ ରମେଶ ପ୍ରଶ୍ନ କରିଛନ୍ତି।

❝ ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-ବୃଷ ସଂକ୍ରାନ୍ତି, ବୃହସ୍ପତି ସଞ୍ଚାର ଓ ହଳ ନିଷେଧ

# କ୍ଷମତା ଓ ବାଣିଜ୍ୟରେ ଘୋଡ଼ା



ଦେବଦତ୍ତ ପଟ୍ଟନାୟକ

ଶହେ ବର୍ଷ ପୂର୍ବେ ପେଟ୍ରୋଲ ବିଶ୍ୱରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଆମ ପାଖରେ ଯେଉଁ ଗାଡ଼ି ଥିଲା ତାହା ପଶୁ ଦ୍ୱାରା ନୁହେଁ, ବରଂ ପେଟ୍ରୋଲରେ ଚାଲୁଥିଲା। କିନ୍ତୁ ଏହା ପୂର୍ବରୁ ୩୦୦୦ରୁ ଊର୍ଦ୍ଧ୍ୱ ବର୍ଷଧରି ରାଜାମାନେ ଘୋଡ଼ା ଚଢୁଥିଲେ। ଯେଉଁ ରାଜାଙ୍କର ବିଶାଳ ଅଶ୍ୱବାହିନୀ ଥିଲା ସେମାନେ ରାଜ୍ୟ ଜୟ କରିପାରୁଥିଲେ। ପାର୍ସି ଶବ୍ଦ 'ସିୟାସତ୍' ଅର୍ଥ ଘୋଡ଼ା ଓ ରାଜ୍ୟକୁ ଏକସଙ୍ଗରେ ପରିଚାଳନା କରିବା। ସେହିଭଳି ଇଂଲିଶ ଶବ୍ଦ 'ମ୍ୟାନେଜ୍‌ମେଣ୍ଟ' ଇଟାଲୀୟ ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି ଉଭୟ ଘୋଡ଼ା ଓ ରାଜ୍ୟ ପରିଚାଳନା କରିବା।

ଘୋଡ଼ା ଭାରତର ନୁହେଁ, ହାତୀ ହେଉଛି ଭାରତର। ହାତୀଗୁଡ଼ିକ ଭାରତର ଘଞ୍ଚ, ଉଷ୍ମ ତଥା ଆର୍ଦ୍ର ଜଙ୍ଗଲରେ ରହି ଜୀବନ କଟାନ୍ତି। ଏମାନଙ୍କୁ ବ୍ୟବସାୟୀ ଏବଂ ରାଜାମାନେ ନିଜର ସମୃଦ୍ଧି ଓ କ୍ଷମତା ପ୍ରତିଷ୍ଠା ପାଇଁ ବହୁଦିନଧରି ବ୍ୟବହାର କରିଆସିଛନ୍ତି। ଅନ୍ୟପଟେ ଘୋଡ଼ା ସାଧାରଣତଃ କେନ୍ଦ୍ର ଏସିଆ ଏବଂ ସମଗ୍ର ୟୁରୋପ-ଏସିଆର ଶୀତଳ ତଥା ସମତଳ ତୃଣଭୂମି ଅଞ୍ଚଳରେ ରହିବାକୁ ପସନ୍ଦ କରିଥାନ୍ତି। ପାଖାପାଖି ୫୦୦୦ ବର୍ଷ ପୂର୍ବେ ମାଂସ ଓ କ୍ଷୀର ପାଇଁ ଘୋଡ଼ା ପାଳନ କରାଯାଉଥିଲା। ସେମାନଙ୍କୁ ଗୃହପାଳିତ ପଶୁ ଭାବେ ଅଧିକ ପାଳନ କରାଯିବା ସହ ଘୋଡ଼ାଗାଡ଼ି ଟାଣିବାରେ ବ୍ୟବହାର କରାଯାଉଥିଲା। ପାଖାପାଖି ୨,୦୦୦ ବର୍ଷ ପୂର୍ବେ ଘୋଡ଼ାଙ୍କ ଆକାର ବଡ଼ ଥିଲା ଓ ସେମାନଙ୍କ ପିଠିରେ ବସି ଲୋକେ ଯିବାଆସିବା କରୁଥିଲେ। ୧,୦୦୦ ବର୍ଷ ପୂର୍ବେ ଘୋଡ଼ାପିଠିରେ କାଠ ସ୍ୟାଡେଲ(ଯେଉଁ ସିଟ୍‌ରେ ବସନ୍ତି) ଓ ଲୁହାର ଷ୍ଟିରପ୍(ଯାହା ଉପରେ ଘୋଡ଼ାଚଢ଼ାଳି ପାଦ ରଖନ୍ତି)ର ବ୍ୟବହାର କରାଗଲା। ଫଳରେ ପ୍ରଶିକ୍ଷିତ ବ୍ୟକ୍ତିମାନେ ସହଜରେ ଘୋଡ଼ା ଚଢ଼ି ବୁଲୁଥିଲେ। ଏହିପରି ତିନି ଉପାୟରେ ଘୋଡ଼ାର ବ୍ୟବହାର ସେହି ଲୋକମାନେ କରିଥିଲେ, ଯେଉଁମାନେ ଭାରତର ଇତିହାସକୁ ଗଢ଼ିଥିଲେ।

ଭାରତକୁ ପ୍ରଥମେ ଘୋଡ଼ାଗାଡ଼ିରେ ଆସିଥିବା ଲୋକମାନେ ବୈଦିକ ସଭ୍ୟତା ଗଢ଼ିଥିଲେ। ସେମାନେ ଗାଙ୍ଗେୟ ସମତଳଭୂମିରେ ଜଙ୍ଗଲ ସଫାକରି ଚାଷଜମି ବାହାର କରିଥିଲେ। ସେହି ସମୟରେ ସେମାନଙ୍କୁ ହାତୀ ସହ ଲଢ଼େଇ କରୁଥିଲେ, ଯାହା ସେମାନଙ୍କ ପ୍ରଗତିରେ ବାଧକ ସାଜିଥିଲା। ଆମେ ମହାରାଷ୍ଟ୍ରରେ ଘୋଡ଼ାଚାଳିତ ରଥ ଓ ଗଜବାହିନୀ ମଧ୍ୟରେ ଲଢ଼େଇର ବର୍ଣ୍ଣନା ସମ୍ପର୍କରେ ଶୁଣିଛେ। ବିଶେଷକରି ପଶ୍ଚିମ(ମାଦ୍ରା, କେକେୟା, ଗାନ୍ଧାର, ତ୍ରିଗର୍ତ୍ତ)ର ରାଜାଙ୍କ ନିୟନ୍ତ୍ରଣରେ ଘୋଡ଼ା ଥିଲାବେଳେ ପୂର୍ବ(କାମରୂପ, ମଗଧ)ରେ ଥିବା ରାଜାଙ୍କ ଅଧୀନରେ ହାତୀ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରୀକ୍, କେନ୍ଦ୍ର ଏସିଆରୁ ଚାଇନିଜ୍, ସ୍କିଥିଆନ(ପୁରାତନ ଇରାନୀୟ) ଓ ପାର୍ଥିଆନ(ଇଣ୍ଡୋ-ଇରାନୀୟ ଗୋଷ୍ଠୀ) ଆକ୍ରମଣକାରୀମାନେ ଭାରତରେ ପହଞ୍ଚିବା ପରେ ମୌର୍ଯ୍ୟ ସାମ୍ରାଜ୍ୟର ଉତ୍‌ଥାନ ଘଟିଥିଲା। ଅଶ୍ୱାରୋହୀ ହୁନ୍‌ମାନେ ଗୁପ୍ତ ସାମ୍ରାଜ୍ୟ ପତନର କାରଣ



ହୋଇଥିଲେ। ଏମାନେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣକରି ତାହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଜୈନ ସନ୍ନ୍ୟାସୀ କାଳକା ସାକ ଯୋଦ୍ଧାଙ୍କୁ ସାମ୍ନାକୁ ଆଣି ତାଙ୍କ ଭଉଣୀଙ୍କୁ ଉଦ୍ଧାର କରିଥିଲେ, ଯିଏ ଥିଲେ ଜଣେ ତପସ୍ୱିନୀ ଓ ତାଙ୍କୁ ଉଜ୍ଜୟିନୀ ରାଜା ଅପହରଣ କରିଥିଲେ। ଜଣେ ବୌଦ୍ଧ ସନ୍ନ୍ୟାସୀ ବୁଦ୍ଧଙ୍କ କାହାଣୀରେ କୁଶାଣ ଘୋଡ଼ାମାନଙ୍କର ଯାଦୁକରୀ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରିଥିବାରୁ ତାଙ୍କୁ ଅଶ୍ୱଭାଘୋଷ କୁହାଯାଉଥିଲା। ଏହି ବିଦେଶୀ ଶାସକମାନେ ବ୍ରାହ୍ମଣଙ୍କ ଆଶ୍ରୟଦାତା ନ ଥିଲେ। ଏଣୁ ବ୍ରାହ୍ମଣମାନେ ନୂଆ ଆଶ୍ରୟଦାତା ସନ୍ଧାନରେ ଦକ୍ଷିଣଆଡ଼କୁ ଯାଇଥିଲେ। ଏଣୁ ଖ୍ରୀଷ୍ଟାବ୍ଦ ୫୦୦ ପରେ ଡେକାନ(ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳ) ଓ ତାହାପରେ ଥିବା ଅଞ୍ଚଳରେ ଏକ ନୂଆ ହିନ୍ଦୁ ସାମ୍ରାଜ୍ୟ ଥିବା ଆମେ ଦେଖୁ।

ଶେଷ ପର୍ଯ୍ୟାୟରେ ମୁସଲମାନ ଯୋଦ୍ଧାମାନେ ଘୋଡ଼ା ଚଢ଼ି ଭାରତକୁ ଆସିଥିଲେ। ସେମାନେ ସେତେବେଳେ ଘୋଡ଼ା ଉପରେ ସ୍ୟାଡେଲ ଓ ଷ୍ଟିରପ ଲଗାଇଥିଲେ ଏବଂ ଘୋଡ଼ାପିଠିରେ ବସି ଧନୁତୀର ଚଳାଇ ପାରୁଥିଲେ। ଅନ୍ୟପଟେ ସେହି ସମୟରେ ଭାରତର ରାଜାମାନେ ହାତୀ ଉପରେ ବସି ସେନା ପରିଚାଳନା କରୁଥିଲେ, ଯାହାଫଳରେ ସେମାନଙ୍କ ସମକକ୍ଷ ହୋଇପାରୁ ନ ଥିଲେ। କେନ୍ଦ୍ର ଏସିଆରୁ ଆସିଥିବା ତୁର୍କୀର ପତଳା ତଥା ବଳିଷ୍ଠ ଘୋଡ଼ା ହିନ୍ଦୁକୁଶ ପର୍ବତ ଅତିକ୍ରମକରି ପଞ୍ଜାବର ଲେଖି ଜଙ୍ଗଲରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ହରଦ୍ୱାର ମାର୍କେଟକୁ ନିଆଯାଇଥିଲା। ପରେ ତେରାଇ ବାଟଦେଇ ବେଙ୍ଗଲକୁ ନିଆଯାଇଥିଲା ଏବଂ ବେଙ୍ଗଲରୁ ସେମାନଙ୍କୁ ଦକ୍ଷିଣ ପୂର୍ବ ଏସିଆକୁ ପଠାଯାଇଥିଲା କିମ୍ବା ଦକ୍ଷିଣରେ ଥିବା ରାୟାଲ ସୀମାରେ ତିରୁପତି ମାର୍କେଟକୁ ନିଆଯାଇଥିଲା। ଅନେକ ଘୋଡ଼ା ବେପାରୀ ସୁଲ୍‌ତାନ ପାଲଟି ଯାଇଥିଲେ, ଯାହା ଶେର୍ ଶାହା ସୁରିଙ୍କ କ୍ଷେତ୍ରରେ ଘଟିଥିଲା। ଘୋଡ଼ା ବ୍ୟବସାୟୀମାନେ ଯେତେବେଳେ ଘୋଡ଼ା କିଣୁଥିବା ରାଜାମାନେ ଦୁର୍ବଳ ଥିବା ଦେଖୁଥିଲେ ସେତେବେଳେ ସେମାନଙ୍କୁ ସହଜରେ ଗାଦିରୁ ହଟାଇଦେବାକୁ ସକ୍ଷମ ହେଉଥିଲେ।

ଦିଲ୍ଲୀର ସୁଲ୍‌ତାନମାନେ ଡେକାନ୍ ସୁଲ୍‌ତାନଙ୍କୁ ଘୋଡ଼ା ବିକିବାକୁ ଅନୁମତି ଦେଉ ନ ଥିଲେ। ଏଣୁ ଡେକାନ ସୁଲ୍‌ତାନମାନେ ଇରାନର ଦକ୍ଷିଣ ପଶ୍ଚିମ ଏସିଆରୁ ସମୁଦ୍ରପଥରେ ଘୋଡ଼ା ଆମଦାନୀ କରୁଥିଲେ। ଘୋଡ଼ା ପଶ୍ଚିମ ଉପକୂଳରେ ପହଞ୍ଚିବା ପରେ ସେମାନଙ୍କୁ ପାଲଘାଟ ଦେଇ କାବେରୀ ନଦୀରେ ପୂର୍ବ ଉପକୂଳକୁ ନିଆଯାଉଥିଲା ଏବଂ ଜାହାଜରେ ଦକ୍ଷିଣ ପୂର୍ବ ଏସିଆକୁ ନିଆଯାଉଥିଲା। ଏହା ଏକ ବିଶାଳ ବ୍ୟବସାୟ ଥିଲା। ଅଷ୍ଟାଦଶ ଶତାବ୍ଦୀରେ ଭାରତକୁ ବିଭିନ୍ନ ବାଟେ ପାଖାପାଖି ୧,୦୦,୦୦୦ ଘୋଡ଼ା ଆମଦାନୀ କରାଯାଇଥିଲା। ଏହି ବ୍ୟବସାୟର ପତନ ପୂର୍ବରୁ ଏହା ଥିଲା ସବୁଠୁ ବଡ଼ ବ୍ୟବସାୟ। ଯେଉଁ ସମୟରେ ମୋଗଲ ସାମ୍ରାଜ୍ୟର ପତନ ଘଟୁଥିଲା ଓ ମରାଠା ସାମ୍ରାଜ୍ୟର ଉତ୍‌ଥାନ ହେଉଥିଲା ସେତେବେଳେ ନାଦିର ଶାହାଙ୍କ ଭଳି ପାରସ୍ୟର ରାଜାମାନେ ଦିଲ୍ଲୀକୁ ଲୁଣ୍ଠନ କରିଥିଲେ। ଫଳରେ ଭାରତୀୟ ଦୁର୍ବଳ ବୋଲି ଇଂରେଜମାନେ ଅନୁଭବ କରିଥିଲେ। ଇଂରେଜଙ୍କ ପାଖରେ ଉନ୍ନତ ବନ୍ଧୁକ ଥିଲା ଏବଂ ଏହାକୁ ଚଳାଇପାରୁଥିବା ପ୍ରଶିକ୍ଷିତ ସେନା ରହିଥିଲେ। ଫଳରେ ସେମାନେ ସହଜରେ ଅଶ୍ୱାରୋହୀ ସେନାକୁ ପରାସ୍ତ କରିପାରୁଥିଲେ, କାରଣ ଅଶ୍ୱାରେହୀ ସେନା ଖଣ୍ଡା, ଭାଲା ଓ ନିମ୍ନମାନର ବନ୍ଧୁକରେ ଲଢୁଥିଲେ।

ଭାରତରେ ସ୍ଥାନୀୟ ଘୋଡ଼ା ପ୍ରଜନନ ବା ବଂଶବୃଦ୍ଧି କେବଳ ୧,୦୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯାହା ମରାଠା ଓ ରାଜପୁତର ଉତ୍‌ଥାନର କାରଣ ସାଜିଥିଲା। ଭାରତୀୟ ଘୋଡ଼ାଗୁଡ଼ିକ ପାହାଡ଼ିଆ ଅଞ୍ଚଳରେ ଗରିଲା ଆକ୍ରମଣ କରିବାରେ ଓ ଜିନିଷ ବୋହିବାରେ ପାରଙ୍ଗମ ଥିଲେ, କିନ୍ତୁ ବିଶାଳ ମୁହାଁମୁହିଁ ଲଢୁଥିବା ଅଶ୍ୱବାହିନୀ ପାଇଁ ଉପଯୁକ୍ତ ନ ଥିଲେ। ଗୁଜରାଟ, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ନେପାଳର ଏହି ଘୋଡ଼ା ପ୍ରଜନନ କେନ୍ଦ୍ରଗୁଡ଼ିକ ବହୁ ପୁରାତନ। ଏହିସବୁ ଅଞ୍ଚଳରେ ଘୋଡ଼ାଚଢ଼ା ଖଣ୍ଡାଧାରୀ ଲୋକଦେବତା ଯଥା ଭାଥିଜୀ, ଭାଚ୍ଛାରଦ୍ଧା, ରାମଦେବଜୀ, ତେଜାଜୀ, ଦେବନାରାୟଣ, ଗୋଲୁ ଦେବ ଏବଂ ଧର୍ମ-ଠାକୁର ଦେଖିବାକୁ ମିଳନ୍ତି।

ଭାରତରେ ପ୍ରାୟ ୭୦୦ ଶତାବ୍ଦୀରେ ପ୍ରଥମେ ଚେସ୍ ଖେଳ ଆବିଷ୍କାର ହୋଇଥିଲା ଓ ତାହା ଆରବ ବାଟ ଦେଇ ସାରା ବିଶ୍ୱକୁ ଯାଇଥିଲା। ରାଜାମାନେ ସେମାନଙ୍କ ସାମ୍ରାଜ୍ୟକୁ ନିୟନ୍ତ୍ରଣ କରିବା ପାଇଁ କେବଳ ସୈନ୍ୟ ନୁହନ୍ତି, ବରଂ ହାତୀ (କିମ୍ବା ଓଟ), ଘୋଡ଼ାଟଣା ରଥ ବା ଗାଡ଼ି ଏବଂ ଅଶ୍ୱାରୋହୀ ବୀରଙ୍କର କିଭଳି ଆବଶ୍ୟକତା ରହିଛି ତାହା ଏହି ଚେସ୍ ଖେଳ ସ୍ମରଣ କରାଇ ଦେଇଥିଲା। ଏହିପରି ଭାବେ ବିଦେଶୀ ଆକ୍ରମଣକାରୀ ଓ ବ୍ୟବସାୟୀଙ୍କ ଦ୍ୱାରା ଭାରତକୁ ଅଣାଯାଇଥିବା ଘୋଡ଼ା ଭାରତର ଇତିହାସରେ ରହିଛି। ଏହା ସାମ୍ରାଜ୍ୟ ଓ ଯୁଦ୍ଧକୁ ପ୍ରଭାବିତ କରିଥିଲା। ବୈଦିକ ଘୋଡ଼ାଟଣା ରଥଠାରୁ ଆରମ୍ଭ କରି ଇସଲାମ ଅଶ୍ୱାରୋହୀ ସେନା ପର୍ଯ୍ୟନ୍ତ ଘୋଡ଼ାସେନା ରଣନୀତିରେ ପରିବର୍ତ୍ତନ ଆଣିପାରିଥିଲା। ଭାରତରେ ଘୋଡ଼ାବଂଶ ବୃଦ୍ଧି ଆହ୍ୱାନପୂର୍ଣ୍ଣ ଥିଲେ ମଧ୍ୟ ବାଣିଜ୍ୟ, କ୍ଷମତା ଓ ସାଂସ୍କୃତିକ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଥିଲା।

-devduttofficial@gmail.com

## ଦାସତ୍ୱର ଅନ୍ତ କେବେ



ରାକେଶ ପଣ୍ଡା

ନିଜକୁ ସର୍ବଦା ଶ୍ରେଷ୍ଠ ମାନିବା ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନ୍ୟୂନ ଚକ୍ଷୁରେ ଦେଖିବା ହେଉଛି ମଣିଷର ଏକ ସହଜାତ ପ୍ରବୃତ୍ତି। ଯାହା କରିବା ଦ୍ୱାରା ତାର ଅହଂଭାବକୁ ବଡ ସନ୍ତୁଷ୍ଟି ମିଳିଥାଏ। ଏହାର ପରିଣାମ ସ୍ୱରୂପ ସମାଜରେ ଛୋଟ-ବଡ, ଉଚ୍ଚ-ନୀଚ, ଧନୀ-ଗରିବ ଏବଂ ଶାସକ ଓ ଶାସିତ ମଧ୍ୟରେ ଏକ ବଡ ଅନ୍ତର ସୃଷ୍ଟି ଏବଂ ଯେଉଁ ଅନ୍ତରକୁ ଆଧାର କରି ଦାସତ୍ୱ ପ୍ରଥାର ଜନ୍ମ। ସଭ୍ୟତାର ଇତିହାସରେ 'ବଳପୂର୍ବକ ଶ୍ରମ'ର ସବୁଠାରୁ ସାଧାରଣ ରୂପ ହେଉଛି 'ଦାସତ୍ୱ'। ଦାସତ୍ୱ ଏକ ସାଧାରଣ ଶବ୍ଦ, ଯାହା ସମସ୍ତ ପ୍ରକାର ବାଧ୍ୟତାମୂଳକ ଶ୍ରମକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ। ପ୍ରାଚୀନ ବିଶ୍ୱରେ, ଯେଉଁମାନେ ଦାସ ଭାବରେ କାମ କରୁଥିଲେ, ସେମାନଙ୍କୁ ସାଧାରଣତଃ 'ଦାସ' ବୋଲି ସମ୍ବୋଧନ କରାଯାଉଥିଲା। ଦାସତ୍ୱ, ଏକ ପରିସ୍ଥିତି ଯେଉଁଥିରେ ଜଣେ ମଣିଷ ଅନ୍ୟ ଜଣେ ମଣିଷର ମାଲିକ ଥିଲା। ସେତେବେଳେ ଆଇନ ଅନୁଯାୟୀ, ଦାସମାନଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ଭାବରେ ବିବେଚନା କରାଯାଉଥିଲା ଏବଂ ସ୍ୱାଧୀନ ବ୍ୟକ୍ତିଙ୍କ ଅଧିକାଂଶ ଅଧିକାରରୁ ସେମାନେ ବଞ୍ଚିତ ହେଉଥିଲେ, ଯାହା କି ଭାରତରେ ପ୍ରଚଳିତ ଥିଲା। କିନ୍ତୁ ୧୮୪୩ ମସିହାରେ ଭାରତୀୟ ଦାସତ୍ୱ ଆଇନ ପ୍ରଣୀତ ହେବା ପରେ ସମଗ୍ର ଭାରତବର୍ଷରେ ଦାସତ୍ୱ ପ୍ରଥାକୁ ଅବୈଧ ଘୋଷଣା କରାଯାଇଥିଲା। ଯଦିଓ ଭାରତରେ ଦାସତ୍ୱ ବର୍ତ୍ତମାନ ନିଷିଦ୍ଧ, କିନ୍ତୁ ସତ୍ୟ ହେଉଛି ଏହି ଶିକ୍ଷିତ ଓ ଆଧୁନିକ ପରିବେଶ ମଧ୍ୟରେ ଉକ୍ତ ଅମାନବୀୟ ପ୍ରଥା ଆଜି ମଧ୍ୟ କେଉଁଠାରେ ଶାରୀରିକ ଭାବରେ ଏବଂ ପୁଣି କେଉଁଠି ମାନସିକ ସ୍ତରରେ ନିଜର ବିଦ୍ୟମାନତାକୁ ବଜାୟ ରଖିଛି! ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ପ୍ରାୟ ୨ କୋଟି ୭୫ ଲକ୍ଷ ଦାସ ଅଛନ୍ତି। ଏହିପରି ଲୋକଙ୍କୁ କାମ କରିବାକୁ ବାଧ କରାଯାଏ ଏବଂ ଅନେକ ଅକଥନୀୟ ଓ ଅମାନବୀୟ ଘଟଣା ସେମାନଙ୍କ ସହ ପ୍ରତ୍ୟହ ଘଟିଥାଏ।

ଆଜିର ସମାଜରେ ଏହିପରି ଘଟଣା ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଭିନ୍ନ କ୍ଷେତ୍ର, ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ନିଜର ପଦ, କ୍ଷମତା, ସ୍ତର ଓ ଗରିମାକୁ ପ୍ରତିପାଦିତ କରିବାକୁ ଯାଇ ଅଧିକାଂଶ ବଡ଼ବାବୁମାନଙ୍କ ଦ୍ୱାରା ଜଣେ ନିମ୍ନ ତଥା ଅଧସ୍ତନ କର୍ମଚାରୀକୁ ନ୍ୟୂନ ଦୃଷ୍ଟିରେ ଦେଖିବା କିଛି ନୂଆ ଘଟଣା ନୁହେଁ। ଆଧିପତ୍ୟକୁ ସାବ୍ୟସ୍ତ କରିବା ସମାଜରେ ପ୍ରତ୍ୟହ ଏହା ଘଟି ଚାଲିଛି। ନିଜେ ଗୁଲିଖଟି କରି ସମୟ ନଷ୍ଟ କରିବା, କିନ୍ତୁ ସେମାନେ କେଉଁଠାରେ ଛିଡ଼ାହୋଇ କଥା ହେଲେ ବଡବାବୁମାନଙ୍କର ଦେହରେ ନ ଯିବା, ସେମାନଙ୍କୁ ପ୍ରାପ୍ୟ ଛୁଟି ପ୍ରଦାନ ନ କରିବା, ଯେତେ ଭଲ ତଥା ନିଷ୍ଠାର ସହ କାର୍ଯ୍ୟ କଲେ ତାଙ୍କୁ ସାବାସି ନ ଦେବା ଏକ ପ୍ରଚଳିତ ପ୍ରଥା। ଏହାର ଅସ୍ତିତ୍ୱ ବ୍ୟକ୍ତିଗତ ଘର ପରିବେଶ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଥାଏ। ଘର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଆସୁଥିବା ପରିଚାରିକା ତଥା ରୋଷେୟା, ବ୍ୟକ୍ତିଗତ ଗାଡି ଚାଳକ, ଫାଟକ ଜଗୁଆଳି ଆଦିଙ୍କୁ ଅଧିକାଂଶ ବ୍ୟକ୍ତି ତଥା ଘର ମାଲିକ ନ୍ୟୂନ ଚକ୍ଷୁରେ ଦେଖିବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଆବଶ୍ୟକତାକୁ ଅଣଦେଖା କରନ୍ତି। ବାସ୍ତବତା ହେଉଛି, ଗୋଟିଏ ଦିନ ସେମାନେ ଘରକୁ କାମ କରିବାକୁ ନ ଆସିଲେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଲା ପରି ଅନୁଭବ ହୁଏ ଏବଂ ମାଲିକଙ୍କର ମୁଣ୍ଡ କାମ କରି ନ ଥାଏ!

ଏହି ପରିପ୍ରେକ୍ଷୀରେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ୧୦ ଜଣ ପିଅନ, ବେସରକାରୀ ସଂସ୍ଥାରେ କାମ କରୁଥିବା ୧୦ ଜଣ ନିମ୍ନସ୍ତର ତଥା ଅଧସ୍ତନ କର୍ମଚାରୀ ଓ ଘରେ ପରିଚାରିକା ତଥା ରୋଷେୟା ଏବଂ ଫାଟକ ଜଗୁଆଳି ଭାବରେ କାର୍ଯ୍ୟ କରୁଥିବା ୧୦ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରିଥିଲି। ସେମାନଙ୍କଠାରୁ ତାଙ୍କର ଉପରିସ୍ଥ ଅଧିକାରୀ ତଥା ଘର ମାଲିକଙ୍କର ବ୍ୟବହାର, ଚିନ୍ତାଧାରା ଓ ଆଚରଣ ସମ୍ବନ୍ଧରେ କେତେକ ପ୍ରଶ୍ନ ପଚାରି ସେମାନଙ୍କର ପ୍ରତିକ୍ରିୟା ନେଇଥିଲି। ଶେଷରେ ସଂଗ୍ରହ କରିଥିବା ସୂଚନା ଆଧାରରେ ଉପନୀତ ହେଲି ଯେ ପ୍ରାୟ ୭୦ ଭାଗ ଉପରିସ୍ଥ ଅଧିକାରୀ ଓ ଘର ମାଲିକଙ୍କର ନିମ୍ନ କର୍ମଚାରୀମାନଙ୍କ ପ୍ରତି ମାନସିକତା ଅତି ନ୍ୟୂନ।

ବର୍ତ୍ତମାନ ସମାଜରେ ଔପଚାରିକ ଭାବରେ ଦାସତ୍ୱ ପ୍ରଥା ନାହିଁ। କିନ୍ତୁ ମାନସିକ ସ୍ତରରେ ପ୍ରାୟ ଅଧିକାଂଶ ମଣିଷଙ୍କ ମନରେ ଏହା ଏକ ଛାପ ତଥା ମଳିନ ଚିନ୍ତାଧାରା ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ମନ ମଧ୍ୟରେ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ ହୋଇଥାଏ ଯେ ଅଦୃଶ୍ୟ ଭାବରେ ଆମ ସମସ୍ତଙ୍କ ଗହଣରେ ଘର କରିଥିବା ଏହି ଦାସତ୍ୱ ପ୍ରଥା ଓ ଘୃଣ୍ୟ ମାନସିକତାର ଅନ୍ତ କେବେ ?

ବଢାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ମରୁଡ଼ିପ୍ରବଣ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଅଭିଯାନ ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବଙ୍କ ଦ୍ୱାରା ଚାଲିଛି। ଏହି ଦମ୍ପତି ୪୦୦ ଗ୍ରାମବାସୀ ଓ ବନ ବିଭାଗ ସହାୟତାରେ ଏବେ ସୁଦ୍ଧା ୧୧ଟି ଶୁଷ୍କ ପୁଷ୍କରିଣୀ ପୁନରୁଦ୍ଧାର କରିସାରିଲେଣି। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି କାର୍ଯ୍ୟ 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏଭଳି ସଫଳତା ପରେ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଉଥିବା ଲୋକେ ପୁଣି ଗାଁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ପୋଖରୀର ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ମଧ୍ୟ ଖନନ କରୁଛନ୍ତି। ଏହାସହ ସେମାନେ ବୃକ୍ଷଚାରା ରୋପଣ କରି ପରିସଂସ୍ଥାର ସୁରକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୭୬

- କଲିକତାର ବିଶିଷ୍ଟ ଖଣି ମାଲିକ ଗୋଏଙ୍କା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ତାଳଚେର ହାଣ୍ଡିଧୁଆ କୋଇଲା ଖଣି ଚଳାଇବା ସମ୍ପର୍କରେ ଓଡ଼ିଶା ସରକାର ବିରୁଦ୍ଧରେ ଦାଏର କରିଥିବା ମୋକଦ୍ଦମାକୁ କଲିକତା ହାଇକୋର୍ଟ ଖର୍ଚ୍ଚା ସହିତ ଡିସ୍‌ମିସ୍ କରିଛନ୍ତି।
- ଦାନପୁରଠାରେ ଥିବା ଜାତୀୟ ଚିନି ପ୍ରତିଷ୍ଠାନ ଅଧିକ ଚିନି ଉତ୍ପାଦନ ପାଇଁ ଗୋଟିଏ ଆଧୁନିକ 'ଆୟନ ଏକ୍ସଚେଞ୍ଜ ପ୍ରଣାଳୀ' ଆବିଷ୍କାର କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 4 | | 9 | |
| | | | | 8 | | 7 | 3 | |
| 9 | 1 | | | 2 | | | | |
| | | | | 3 | | | 4 | |
| | 7 | 3 | | | | | | |
| | | | | | 6 | 8 | | |
| | | 1 | 5 | | | 9 | 7 | |
| | | | | | 2 | 1 | | |
| | 4 | | | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 6 | 3 | 9 | 5 | 1 | 2 | 7 |
| 2 | 7 | 5 | 6 | 1 | 4 | 3 | 9 | 8 |
| 9 | 1 | 3 | 2 | 8 | 7 | 5 | 6 | 4 |
| 5 | 2 | 1 | 4 | 7 | 9 | 6 | 8 | 3 |
| 8 | 9 | 7 | 5 | 3 | 6 | 4 | 1 | 2 |
| 3 | 6 | 4 | 1 | 2 | 8 | 9 | 7 | 5 |
| 1 | 5 | 9 | 8 | 4 | 2 | 7 | 3 | 6 |
| 7 | 4 | 2 | 9 | 6 | 3 | 8 | 5 | 1 |
| 6 | 3 | 8 | 7 | 5 | 1 | 2 | 4 | 9 |

ଗତକାଲିର ଉତ୍ତର

# ଯୁଗାତିକ୍ରମଣ ଓ କବି କାଳିନ୍ଦୀଚରଣ




ଡ. ହୃଷୀକେଶ ମଲ୍ଲିକ

ଜଣେ ଯୋଗଜନ୍ମା କବି ବା ଲେଖକ ଆପଣାର ସଂକଳ୍ପ ଓ ପ୍ରତିବଦ୍ଧତାରେ ସର୍ବଦା ନିଜର ସମକାଳୀନ ବା କିୟତ୍ ପ୍ରାକ୍ତନ ଯୁଗଟିକୁ ଅତିକ୍ରମ କରି ଚାଲିଥାଏ। ଯେଉଁ ସାମାଜିକ ଓ ସାଂସ୍କୃତିକ ସ୍ଥିତିରୁ ସେ ତା'ର ଲେଖା ଆରମ୍ଭ କରେ, ସେହି ସ୍ଥିତିଟିକୁ ସେ ନିଜର ପ୍ରତିଭା ଓ ଅଧ୍ୟବସାୟ ବଳରେ ବଦଳାଇଦିଏ। କେବଳ ସ୍ଥିତିଟିକୁ ନୁହେଁ, ତା' ସହିତ ସେ ପ୍ରତି ପଦକ୍ଷେପରେ ନିଜର ସାରସ୍ୱତ ଦୃଷ୍ଟିକୋଣ, ବିଚାର ଓ ଉପସ୍ଥାପନାର ତରିକାକୁ ମଧ୍ୟ ବଦଳାଏ। ଏପରି ବଦଳିବାର ପ୍ରକ୍ରିୟା ପ୍ରତିଭାର ପରାକ୍ରମ ଦ୍ୱାରା ହିଁ ସମ୍ପନ୍ନ ହୋଇଥାଏ। ଓଡ଼ିଆ ସାହିତ୍ୟରେ ୧୯୨୧ରୁ ୧୯୩୫ ମଧ୍ୟରେ 'ସବୁଜ ଗୋଷ୍ଠୀ' ବୋଲି ଯେଉଁ ଗୋଷ୍ଠୀଟି ଗଢ଼ି ଉଠିଥିଲା, ସେଇ ବଳୟର ଆଦ୍ୟବିନ୍ଦୁରେ ଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ। ତାରୁଣ୍ୟର ସ୍ୱପ୍ନ ସବୁଜ କବିମାନଙ୍କୁ ସ୍ୱପ୍ନାଳସିତ କରି ରଖିଥିଲାବେଳେ କାଳିନ୍ଦୀ ବି ତହିଁରୁ ବାଦ୍ ପଡ଼ି ନ ଥିଲେ, ବରଂ ସବୁଜ ବନ୍ଧୁ (ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ହରିହର ଓ ଶରତ ଚନ୍ଦ୍ର)ଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠୁଁ ଗତିଶୀଳ, ନିତ୍ୟ ପରିବର୍ତ୍ତନମୁଖୀ ଆତ୍ମପ୍ରତ୍ୟୟୀ କବି।

କାଳିନ୍ଦୀଚରଣ ସବୁଜର 'ସ୍ୱପ୍ନବଳୟ' ମଧ୍ୟରେ ପେଟିକା ନିବଦ୍ଧ ଭୁଜଙ୍ଗ ପରି ଭାବବନ୍ଦୀ ହୋଇଥିଲେ ବି ସଦା ଉତ୍‌ଫଣ ରହିଥିଲା ତାଙ୍କ ସୃଜନବିଶ୍ୱ ନିତ୍ୟ ନିୟତ ବିବର୍ତ୍ତିତ ଆଧୁନିକ କାବ୍ୟ-ଚେତନା ପ୍ରତି। ୧୯୨୦ରୁ ୧୯୩୨ ମସିହା (ଓଡ଼ିଆ କବିତାର 'ସବୁଜ କାଳ') ପର୍ଯ୍ୟନ୍ତ ଥିଲା କାଳିନ୍ଦୀଙ୍କ 'ସବୁଜ-ପାରିଧି' ଓଡ଼ିଆ କବିତାରେ। ୧୯୩୨ ମସିହା ପରେ ତାଙ୍କ କାବ୍ୟସ୍ୱରରେ ଏକ ସଚେତନ ଭିନ୍ନ ଗତି ପରିଦୃଷ୍ଟ ହୁଏ, ଯାହା ୧୯୪୫ (ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ବର୍ଷ) ଯାଏ ବିକାଶପ୍ରାପ୍ତ। ନିଜର କାବ୍ୟଶିଳ୍ପକୁ ପରିଣତି ଲାଭର ଠିକ୍ ପୂର୍ବ କ୍ଷଣରେ ଛାଡ଼ିଦେଇ କାଳିନ୍ଦୀ ଗଦ୍ୟମନା ହୋଇଉଠନ୍ତି। ଏହା ସତ୍ତ୍ୱେ ସବୁଜ-ସତୀର୍ଥଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠାରୁ ଅଧିକ ସଚେତନ ଶିଳ୍ପୀ। ତାଙ୍କ କବିତା କେବେ ବି ଏକ ବଅରିଆ ହୋଇନାହିଁ, ବରଂ ହୋଇଉଠିଛି ଭାଷା ଓ ଭାବନାରେ ବହୁରଙ୍ଗୀ ଇନ୍ଦ୍ରଧନୁ। ଏହାର ସତ୍ୟାସତ୍ୟତାକୁ ତାଙ୍କ ରଚିତ 'ଜୟ ଭଗବାନ' (୧୯୩୬), 'ଭକ୍ତି ଓ ଚାବୁକ' (୧୯୩୮), 'ବାଜି ରାଉତ' (୧୯୩୮), 'ଯାଦୁଘର' (୧୯୩୮), 'ଛୁରୀଟିଏ ଲୋଡ଼ା' (୧୯୩୯), 'ମୋ ବାଣୀ', 'ଆଗାମୀ' (୧୯୪୨), 'କିଏ ଶଳା ଶଇତାନ' (୧୯୪୪)ରେ ଅନୁଭବ କରିହୁଏ। ପ୍ରଖ୍ୟାତ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ କହନ୍ତି: ''ଯେଉଁ କବି କାବ୍ୟ ଜୀବନର ଉନ୍ମେଷରେ ଥିଲେ ରୋମାଣ୍ଟିକ ଓ ରୂପପ୍ରାଣ, ସେଇ କବି କାବ୍ୟ ଜୀବନର ମଧ୍ୟାହ୍ନରେ ଏକ ମାନବବାଦୀ, ବୈପ୍ଲବିକ କାବ୍ୟଧାରା ଅନୁସରଣ କରିବାରେ ବିଚିତ୍ରତା ନିଶ୍ଚୟ ଅଛି। ଏହା ହିଁ କାଳିନ୍ଦୀ - କାବ୍ୟ- ସାଧନାର ଏକ ଚମତ୍କାର ଉତ୍ତରଣ।''

### ପୁଣ୍ୟତିଥି ଅବସରରେ



('ସବୁଜରୁ ସାମ୍ପ୍ରତିକ', ୧୯୭୯, ପୃ: ୧୮)

୧୯୨୦ରେ ରଚିତ 'ବିରହୀ ଯକ୍ଷ' ବା 'ରଜ' ଭଳି କବିତାରେ କାଳିନ୍ଦୀଚରଣଙ୍କ ଆଭିମୁଖ୍ୟ କେବେ ରୂପମୋହ ତ କେବେ ପରମ୍ପରାବହ ଜୀବନ ଦୃଷ୍ଟିରେ ଛନ୍ଦି ହୋଇଥିବାବେଳେ ୧୯୨୭ରେ ରଚିତ 'ପୁରୀ ମନ୍ଦିର' କବିତା କବିଙ୍କର ବ୍ୟତିକ୍ରମୀ କାବ୍ୟ ଭାବନାର ସଂକେତ ହୋଇଉଠିଛି। 'ମଧୁ ବିବାହ' (୧୯୨୫)ରେ ଲଗାମଛଡ଼ା ସବୁଜଦୃଷ୍ଟି ସଂଯତ ହୋଇଛି। 'ପ୍ରଣୟ' ଅପେକ୍ଷା 'ପରିଣୟ'ରେ ଅନୁଭବିଛି ଜୀବନର ସାର୍ଥକତା। 'କୁହୁପ୍ରାସ' (୧୯୩୧)ରେ କୋକିଳର କୂଜନ ନୁହେଁ, ଜୀବନର କୂଜନ ହିଁ ଶୁଭିଛି: ''ଧରଣୀ ହେଲା କୋମଳତମ ଆକାଶ କମନୀୟ/ ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।'' ('ଛୁରୀଟିଏ ଲୋଡ଼ା'- ପୃ: ୧୦୦) ବ୍ୟକ୍ତିଚେତନା, ସମାଜଚେତନା, ଭଗବତ୍‌ଚେତନା ଓ ଭଗବତୋତ୍ତର ଚେତନା- ଏହିପରି କ୍ରମୋତ୍ତରଣର ଶିଡ଼ି ଫଳିରେ ପାଦ ଥାପି କାଳିନ୍ଦୀଙ୍କ କବିତା ଯଦିଓ ମାଟିରୁ କ୍ରମେ ଆକାଶମୁଖୀ ହୋଇଛି, କିନ୍ତୁ ତାଙ୍କ କାବ୍ୟ ଚେତନାର କେନ୍ଦ୍ରରେ ଅଧିଷ୍ଠିତ ରହିଛି 'ମଣିଷ'। ମଣିଷର ହର୍ଷ ବିଷାଦ, ମଣିଷର ପ୍ରତିବାଦ ଓ ପ୍ରାର୍ଥନା ମଧ୍ୟଦେଇ କବିଙ୍କ କାବ୍ୟଚେତନାର ନାନା ଖାଲଢିପର ବାକ୍-ଯାତ୍ରାକୁ ଅତି କୌତୂହଳର ସହିତ ସମର୍ପିତ ପାଠକ ହିଁ କେବଳ ଉପଭୋଗ କରିପାରେ। କାନ ଡେରିଲେ କାଳିନ୍ଦୀଙ୍କ କବିତାରୁ ଶୁଭେ ଜୀବନର ମାର୍ମିକ ସ୍ୱର। କେତେବେଳେ ବଂଶୀ, କେତେବେଳେ କେନ୍ଦରା, କେତେବେଳେ ଖଞ୍ଜଣି ତ କେତେବେଳେ ମୃଦଙ୍ଗ ରହି ରହି ବାଜିଉଠେ ତାଙ୍କ ବହୁମୁଖୀ କବିତାରେ। ଏଣିକି ଜଡ଼ତା ନୁହେଁ, ଜାଗରଣ ; ଏଣିକି ଆଉ ମରଣ ନୁହେଁ ଜୀବନ।

କାଳିନ୍ଦୀଚରଣ କ୍ରମାଗତ ସାଧନା ଦ୍ୱାରା ଓଡ଼ିଆ କବିତାରେ ଏପରି ଏକ ବିଶ୍ୱ-ଚେତନାର ଅଧିକାରୀ ହୋଇଛନ୍ତି, ଯେଉଁ ଚେତନା ଜୀବନର ସଙ୍କଟକାଳରେ କାନ୍ଦିବାକୁ ଲାଜ କରେ ନାହିଁ କି ଜୀବନର ଉଚ୍ଛବରେ ଓଠରୁ ହସ ଲିଭାଇବସେ ନାହିଁ। କାରଣ ଏ ଚେତନାରେ ଥରେ ପହଞ୍ଚିଗଲା ପରେ ନିଶ୍ଚିତ ହେବାକୁ ହୁଏ ଯେ ''ଜୀବନ ପରେ ନାହିଁରେ କିଛି ନାହିଁ''(ଅମର ଆଶା, 'ମୋ କବିତା' ପୃ:୧୨୭)। ୧୯୩୫ରେ ଅନୁଜ ଭଗବତୀଚରଣଙ୍କ 'ନବଯୁଗ ସାହିତ୍ୟ ସଂସଦ' ପ୍ରତିଷ୍ଠିତ ହୁଏ ଓ ପ୍ରକାଶ ପାଏ ତା'ର ମୁଖପତ୍ର 'ଆଧୁନିକ'। ଏହି ପର୍ଯ୍ୟାୟରେ ବାଣୀସାଧକ କାଳିନ୍ଦୀ ହୋଇଉଠନ୍ତି ବାଣୀକର୍ମୀ (Poet Activist) ଓ ଅନ୍ତରର ପ୍ରାର୍ଥନା ହୋଇଯାଏ ଓଠର ପ୍ରତିବାଦ। ''ଖାଳଦେଇ ଯେତେ ଗଢ଼ିଲୁ ରାଇଜ ରଜା/ଲୁହ ଦେଇ ତୋର ହତିଆର ତହିଁ ପଜା/ ବେଳ ଏହି ବେଳ ଏହି / ତୋଳିଥିଲୁ ଯା'କୁ, ତାଡ଼ିବୁ ତାହାକୁ, ନ ଶୁଅରେ ଆଉ ଚେଇଁ।''(ବାଜି ରାଉତ, ୧୯୩୮)। କାଳିନ୍ଦୀଙ୍କ କବିତାର ଅନାସକ୍ତ ଅନୁସରଣ କଲେ ମନେହୁଏ ଯେ, ଅତୀତର ହୋଇ ବି ସେ ଥିଲେ ବାସ୍ତବରେ 'ଆଗାମୀ'ର କବି। ମମତା ଓ ସମତା-ଉଭୟରେ ସମଭାବେ ଲାଳିତ ତାଙ୍କ କବିତା। ତେଣୁ କବି ତାଙ୍କ କବିତାର ଚୂଡ଼ାନ୍ତ ଇସ୍ତାହାର ଶୁଣାନ୍ତି ଅତି ସ୍ପଷ୍ଟ ବାକ୍ୟରେ ଏହିପରି: ''କବିତା ଗଢ଼େ ଏକ ବିରାଟ ସମାଜର/ ସବୁରି ପାଇଁ ଯହିଁ ବଖୁରେ ହେଲେ ଘର / x x କହିବା ପାଇଁ କଥା ସବୁରି ଦାବି ଅଛି / ମୁଁ ସେଇ ସମାଜର କବିତା ବସେଁ ରଚି।'' ('ଆଗାମୀ', ୧୯୪୨)। ଆଜି ତାଙ୍କ ପୁଣ୍ୟ ତିଥି, ପୁଣି ଏ ବର୍ଷ ହେଉଛି କବିଙ୍କର ୧୨୫ତମ ଜୟନ୍ତୀ ବର୍ଷ। ଏହି ମହାନ୍ ଅବକାଶରେ ଭାରତୀୟ କବିତାର ଯୁଗନ୍ଧର କବି କାଳିନ୍ଦୀଚରଣଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

## ଚିରନ୍ତନୀ

ସପନ କବିତାର ପାଇଛି ମୂଲ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଶ୍ମୀର ସମସ୍ୟାରେ ମଧ୍ୟସ୍ଥତା ଦରକାର ନାହିଁ

ମହାଶୟ,

ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀମାନେ ନିରାପଦରେ ରହି ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବାରୁ ଦୀର୍ଘ ଦଶନ୍ଧି ଧରି ଏହି ଭୂସ୍ୱର୍ଗ ଅଶାନ୍ତ ହୋଇଛି। ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇ ''ଅପରେଶନ ସିନ୍ଦୂର''ରେ ପାକିସ୍ତାନ ଛାନିଆଁ ହୋଇଯାଇଛି। ଭାରତକୁ ପାକ୍ ଅଧିକୃତ କଶ୍ମୀର ନ ଫେରାଇବା ଏବଂ ଆତଙ୍କବାଦୀଙ୍କୁ ନିଜ ଦେଶରୁ ଭାରତକୁ ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ କଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏଣୁ ଏ କ୍ଷେତ୍ରରେ ଭାରତର କୌଣସି ମଧ୍ୟସ୍ଥତା ଦରକାର ନାହିଁ। ଯଦି ଭାରତ-ପାକିସ୍ତାନ ବିବାଦର ସମାଧାନ ପାଇଁ ଆମେରିକା ବ୍ୟଗ୍ର ତେବେ ପିଓକେ ଓ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଫେରାଇବା ପାଇଁ ପାକିସ୍ତାନକୁ ଆମେରିକା ପ୍ରସ୍ତାବ ଦେବା ଉଚିତ। ଏହା ନ ହେଲେ ଆମେରିକାର ମଧ୍ୟସ୍ଥତା ଦରକାର ନାହିଁ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖର୍ଚ୍ଚ ହେଲାଣି କୋଟିଏରୁ ଊର୍ଦ୍ଧ୍ୱ, ସମ୍ପୂର୍ଣ୍ଣ ହେଉନି କାମ

## ଖୋଲୁନି ଶିଶୁ ଉଦ୍ୟାନ, ପିଲା ନିରାଶ

ନବରଙ୍ଗପୁର,୧୪।୫
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ରହିଛି ଏକମାତ୍ର ପାର୍କ। ଆମୋଦ ପ୍ରମୋଦ ପାଇଁ ଅନ୍ୟ କିଛି ବ୍ୟବସ୍ଥା ନାହିଁ। ପୌର ପ୍ରଶାସନ ପାର୍କ ନାଁରେ ଖର୍ଚ୍ଚ କରୁଛି ବହୁ କୋଟି ଟଙ୍କା। କିନ୍ତୁ ଜନ ସାଧାରଣଙ୍କ କାମରେ ଲାଗୁନାହିଁ। ଅବସର ସମୟରେ ଶିଶୁ, ବୃଦ୍ଧ ଓ ବୃଦ୍ଧା କେହି ବି ଟିକିଏ ପାର୍କକୁ ଯାଇପାରୁନାହାନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ନବରଙ୍ଗପୁର ସହରର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ଶିଶୁ ଉଦ୍ୟାନ। ୨୦୦୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏହାପରେ ୨୦୦୩-୦୪ ବର୍ଷରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଉପକରଣ ଲଗାଗଲା। ଏ ବାବଦକୁ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା। ପରେ ୨୦୧୮- ୧୯ରେ ପାର୍କର ପୁନରୁଦ୍ଧାର ନାଁରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା। ଉଦ୍ୟାନ କିଛିଦିନ ପାଇଁ ଖୋଲାଗଲା ଓ ପରେ ତାଲା ପଡ଼ି ରହିଲା। ୨୦୨୪-୨୫ ବର୍ଷରେ ପାର୍କର ଉନ୍ନତୀକରଣ ନାଁରେ ୯୮ ଲକ୍ଷ ଟଙ୍କାର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୪ ଡିସେମ୍ବର ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ଠିକାଦାର ଚଳିତ ବର୍ଷ ଫେବୃୟାରୀ ମାସରେ ହସ୍ତାନ୍ତର କରିବେ ବୋଲି ପୌରସଂସ୍ଥାକୁ ଜଣାଇଥିଲେ। ଏ ଯାଏ କାମ ସମ୍ପୂର୍ଣ୍ଣ ହେଲା ନାହିଁ କି ଉଦ୍‌ଘାଟନ ମଧ୍ୟ ହୋଇପାରିଲା ନାହିଁ। ବର୍ତ୍ତମାନ ପାର୍କର ମୁଖ୍ୟ ଫାଟକରେ ପାର୍କ ବନ୍ଦ ଥିବା କାଗଜ ଲଗାଯାଇଛି। ଫଳରେ ସେଠାକୁ



ବନ୍ଦ ପଡ଼ିଥିବା ପାର୍କ।

ଯାଇ ଲୋକେ ନିରାଶରେ ଫେରୁଛନ୍ତି। ପାର୍କର ଉନ୍ନତି ହେଲେ ବ୍ୟବହାର ହୋଇପାରିବ । ଶିଶୁମାନେ ସେଠାକୁ ଯାଇ ଆମୋଦ ପ୍ରମୋଦ କରିବେ ଏହା ଭାବିଥିଲେ ଅଞ୍ଚଳବାସୀ। ସେପରି ନ ହେବାରୁ ଶିଶୁ ଓ ଜନସାଧାରଣଙ୍କ ମନ ମଉଳିଗଲାଣି। ପୌରସଂସ୍ଥା ଜନସାଧାରଣଙ୍କ ନାଁରେ ଯେଉଁ ବ୍ୟାପକ ଅନୁଦାନ ପାଣି ଭଳି ଖର୍ଚ୍ଚ କରୁଛନ୍ତି ତାହାର କୌଣସି ପ୍ରକାର କାର୍ଯ୍ୟରେ ନ ଲାଗିବା ବିଡ଼ମ୍ବନାର ବିଷୟ। ସେହିଭଳି ଗାବ୍ରିଏଲଗୁଡ଼ା ସାହିର ଏମ୍‌ସିସି ନିକଟରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ରେନ୍‌ବୋ ପାର୍କ ଓ ଭାଟିଶାଳଗୁଡା ସାହିରେ ଅଟଳଜୀ ପାର୍କ ୧୫ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଛି। ତାହାର ମଧ୍ୟ ଉଦ୍‌ଘାଟନ ହୋଇପାରିଲା ନାହିଁ। ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କୁ ପଚାରିବାରୁ ଛୁଟିରେ ଅଛି। ଠିକାଦାରଙ୍କୁ ତୁରନ୍ତ ବକେୟା କାର୍ଯ୍ୟ ସମ୍ପୂର୍ଣ୍ଣକରି ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତି କମ୍ ଦିନ ମଧ୍ୟରେ ଉଦ୍‌ଘାଟନ ନେଇ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବେଦିରୁ ବରକୁ ଉଠାଇନେଲା ପୋଲିସ

## ମହଙ୍ଗା ପଡ଼ିଲା ଦ୍ୱିତୀୟ ବିବାହ

କୋଡିଙ୍ଗା,୧୪।୫ (ସମରେନ୍ଦ୍ର ପଟ୍ଟନାୟକ)

ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଯାଇଥିଲା । ମୁକୁଟବନ୍ଧା ବର ଓ କନ୍ୟାଙ୍କୁ ନେଇ ବେଦିରେ ମନ୍ତ୍ର ପଢ଼ା ଚାଲିଥିଲା। ଅଳ୍ପ ସମୟ ମଧ୍ୟରେ ବାହାଘର ସରିଥାନ୍ତା। ହେଲେ ଯୁବକ ଜଣକ ଦ୍ୱିତୀୟ ବିବାହ କରୁଥିବା ପୋଲିସ ସୂଚନା ପାଇ ବରକୁ ବେଦିରୁ ଉଠାଇ ନେଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଞ୍ଚଳରେ । ଅଟକ ବର ଜଣକ ହେଲେ ଖୁଟୁବାଇ ପଞ୍ଚାୟତ ଖାଡିବାଲ ଗ୍ରାମର ଜୟରାମ ଗୌଡ (୩୫) ।

ମିଳିଥିବା ସୂଚନା ଅନୁଯାୟୀ, ଜୟରାମ ୧୨ବର୍ଷ ତଳେ କୋଡିଙ୍ଗା ପଞ୍ଚାୟତ ଜଗତୁଗୁଡା ଗ୍ରାମର ଚୁମୁକି ଭତରାଙ୍କୁ ବିବାହ କରି ସେହି ଗ୍ରାମରେ ରହି ଆସୁଥିଲେ। ଉଭୟଙ୍କ ୩ ଝିଅପୁଅ ମଧ୍ୟ ରହିଛନ୍ତି । କିଛିବର୍ଷ ପୂର୍ବେ ଜୟରାମଙ୍କ ବାପାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଚୁମୁକିକୁ ନେଇ ଖାଡିବାଲ ଗ୍ରାମରେ ରହିଆସୁଥିଲେ। ତେବେ ଜୟରାମ ଦାଦନ ଖଟିବାକୁ କେରଳ ଯାଉଛି କହି କୋଷାଗୁମୁଡା ଥାନା ଅନ୍ତର୍ଗତ ନେଇଗାଁ ଗ୍ରାମରେ ରହୁଥିଲେ। ଜୟରାମ ସେଠାରେ ଜଣେ ଯୁବତୀଙ୍କୁ ପ୍ରେମ କରିବା ସହ ତାଙ୍କ ସହିତ ମାସ ମାସ ଧରି ରହୁଥିଲେ । ଏ ସମ୍ପର୍କରେ ସ୍ତ୍ରୀ ଚୁମୁକି ଜାଣିବା ପରେ କୋଡିଙ୍ଗା ଥାନା ଓ ମହିଳା ସୁରକ୍ଷା କମିଟିର ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ବୁଝାମଣା ପରେ ଉଭୟ ରାଜିନାମା ହୋଇ ଏକାଠି କିଛି ଦିନ ରହିବା ପରେ ପୁଣି ଜୟରାମ ନେଇଗାଁ ଗ୍ରାମକୁ ପଳାଇ ଆସିଥିଲେ। ନେଇଗାଁ ଗ୍ରାମରେ ବୁଧବାର ଜୟରାମ ସମ୍ପୃକ୍ତ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରୁଥିବାବେଳେ କୋଡିଙ୍ଗା ପୋଲିସ ବାହାବେଦିରୁ ତାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଏ ନେଇ ଥାନାରେ ୮୬/୨୫ରେ ଏକ ମାମଲା ରୁଜୁ କରାଯାଇଥିବା କୋଡିଙ୍ଗା ଥାନା ଅଧିକାରୀ ଯୁଗୋଳ ଶବର ସୂଚନା ଦେଇଛନ୍ତି ।

# ଭାରସାମ୍ୟ ହରାଇ ଓଲଟିଲା କାର୍, ଜଣେ ମୃତ

## ଦୁର୍ଘଟଣାରେ ଜଣେ ଗୁରୁତର, ମୃତ୍ୟୁମୁଖରୁ ବର୍ତ୍ତିଲା କୁନି ଝିଅ

ଉମରକୋଟ,୧୪।୫ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ଅଧିକାରୀଗୁଡ଼ା ଗ୍ରାମ ଓ ଭାମିନିକୁ ସଂଯୋଗ କରୁଥିବା ରାସ୍ତାରେ ବୁଧବାର ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ କାର୍‌ରେ ଥିବା ଜଣେ କୁନିଝିଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି।

ସୂଚନା ଅନୁଯାୟୀ, ଏକ କାର୍ (ଓଡି୨୪ସି ୪୦୪୦) ଦ୍ରୁତଗତିରେ ଭାମିନି ନିକଟସ୍ଥ ମିରୁଗୁଡ଼ାରୁ ଉମରକୋଟ ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡି ରାସ୍ତାକଡରେ ଥିବା ବିଲରେ ୫ ଥର ଗଡି ଗଡି ୫୦୦ ମିଟର ଦୂରକୁ ଯାଇପଡ଼ିଥିଲା। କାର୍ ଚାଳକ ବିନୟ ଗୌଡ଼ ଗୁରୁତର ଆହତ ହେଇଥିବା ବେଳେ ସେଥିରେ ବସିଥିବା ସୁରେଶ ଗୌଡ଼ଙ୍କ ମୃତ୍ୟୁ ଘଟିଛି। ତେବେ କାର୍‌ରେ ଥିବା ସମସ୍ତେ ସମ୍ପର୍କୀୟ ଭାଇ ଭଉଣୀ ବୋଲି ଜଣାପଡିଛି। କାର୍‌ରେ ବସିଥିବା କୁନି ଝିଅକୁ ସାମାନ୍ୟ ଆଘାତ ଲାଗିଛି। ତେବେ ଗୁରୁତର ବିନୟ ଗୌଡ଼ଙ୍କୁ ପ୍ରଥମେ ଉମରକୋଟ ହସ୍ପିଟାଲ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିଲା। ମୃତଶରୀର ଉମରକୋଟ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ, ସବ୍ ଇନ୍ସପେକ୍ଟର ଶିବାଜୀ ପଣ୍ଡା,ପୁଷ୍ପଲତା ସୁନାନି ଓ କନଷ୍ଟେବଲ ନରେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଛନ୍ତି। ଏଏସ୍‌ଆଇ ପୁଷ୍ପଲତା ସୁନାନି ଘଟଣାର ତଦନ୍ତ କରୁଛନ୍ତି।

# ମାଣ୍ଡିଆ ଫସଲ ଅମଳ ଆକଳନ



ଫସଲ ସହ ଚାଷୀ, କୃଷି ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ତେନ୍ତୁଳିଖୁଣ୍ଟି, ୧୪।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କୃଷି କାର୍ଯ୍ୟାଳୟ ଅଗ୍ରଗାମୀ ଓ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୧୦ଟାରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ଅଧୀନ ସଲପା ଗ୍ରାମରେ ମାଣ୍ଡିଆ ଫସଲ ଆକଳନ କରାଯାଇଥିଲା। ଏହି ଅବସରରେ ବ୍ଲକ୍ କୃଷି ଅଧିକାରୀ ବରୁଣ ଧନପଲ୍ ଯୋଗଦେଇଥିଲେ। ବ୍ଲକ୍ କୃଷି ଅଫିସ୍‌ରୁ କୃଷି ଓଭରସିଅର ଧୀରେନ୍ କୁମାର ବେହ୍ୟା, ମଧୁସ୍ମିତା ପତି, କୃଷକ ସାଥୀ, ମାଣ୍ଡିଆ ଚାଷୀ, ଗାଁ ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ଅଗ୍ରଗାମୀ ସଂସ୍ଥା କର୍ମଚାରୀମାନେ ଯୋଗଦେଇଥିଲେ। ଦିଗି ପଞ୍ଚାୟତ ଅଧୀନରେ ଥିବା ସଲପା, ପଣସପଦର, ଚରମୂଳା, ଗାଦବାଗୁଡ଼ା, କଲିଚୁଆଁ, ବଡ଼ାକୁପୁଲି , ଡମ୍ବଗୁଡ଼ା ଆଦିର ମାଣ୍ଡିଆ ଚାଷୀମାନେ ଯୋଗଦେଇଥିଲେ। ନିଶାନ୍ତ ବିଷୋୟୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି ମାଣ୍ଡିଆ କ୍ଷେତ୍ର ଦିବସ ଉପରେ ଆଲୋକପାତ କରିଥିଲେ। ବ୍ଲକ୍ କୃଷି ଅଧିକାରୀ ଚାଷୀଙ୍କୁ କିପରି ଆଗାମୀ ଖରିଫରେ ଭଲ ଭାବରେ ମାଣ୍ଡିଆ ଚାଷ, ବିହନ ବିଶୋଧନ ସହ ଅମଳ କରିବେ ସେ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ପ୍ରାୟ ୧୦୦ ଜଣ ଚାଷୀ ଯୋଗଦେଇଥିଲେ। ମାଣ୍ଡିଆ ଚାଷ ଜମିର ଏକ ଜାଗାରେ କ୍ରପ୍ କଟିଂ ମଧ୍ୟ କରାଯାଇଥିଲା ଏବଂ ତାକୁ ସମସ୍ତଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଅଗ୍ରଗାମୀ ତରଫରୁ ସୋମାଇ ମାଝୀ, ନିରୋଦ ପଣ୍ଡା, ହିମାଂଶୁ ଦଳେଇ, ଜୟ ପାତ୍ର, ଅଶ୍ୱିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ଅନ୍ନ ଅଭିଯାନ ବ୍ଲକ୍ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ ଏହାକୁ ପରିଚାଳନା କରିଥିଲେ।

# ବଜ୍ରପାତରେ ୯ ଗୋରୁ ମୃତ

ଚନ୍ଦାହାଣ୍ଡି, ୧୪।୫(ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ପାଟଖଲିଆ ଗ୍ରାମପଞ୍ଚାୟତ ଅଧୀନ ବୋଦଲିପାଣି ଓ ରାଜକୋଟ ଗ୍ରାମରେ ବୁଧବାର ବଜ୍ରପାତରେ ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ସହ ଘଡ଼ଘଡ଼ି ମାରିଥିଲା। ବର୍ଷାରୁ ରକ୍ଷା ପାଇଁ ଗୋରୁ ନିକଟରେ ଥିବା ଏକ ଗଛ ତଳେ ଆଶ୍ରୟ ନେଇଥିଲେ । ତେବେ ସେହି ଗଛକୁ ବଜ୍ରପାତ ମାରିବାରୁ ଆଶ୍ରୟ ନେଇଥିବା ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନାନୁଯାୟୀ, ରାଜକୋଟ ଗ୍ରାମର ମାନସିଂହ ଗୌଡ଼ଙ୍କ ୨ଟି ବଳଦ ଓ ବୋଦଲିପାଣି ଗ୍ରାମର ଅନ୍ଧାରୁ ସାନ୍ତାଙ୍କ ଗାଈ ଓ ବାଛୁରୀ, ମିଶ୍ର ସାନ୍ତାଙ୍କ ଗୋଟେ ବଳଦ, ପଦନ ସାନ୍ତାଙ୍କ ଗୋଟେ ବଳଦ, ପାତ୍ର ସାନ୍ତାଙ୍କ ଗାଈ ଓ ବାଛୁରୀ ଏବଂ ରାଜେନ୍ଦ୍ର ସାନ୍ତାଙ୍କ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ସମୁଦାୟ ୬ ଜଣ ଚାଷୀଙ୍କ ୯ ଗୋରୁ ମୃତ୍ୟୁବରଣ କରିଥିବା ପାଟଖଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ହର ପୂଜାରୀ ସୂଚନା ଦେଇଛନ୍ତ। ସରପଞ୍ଚ ପଶୁ ଡାକ୍ତର ଟିମ୍‌କୁ ଯୋଗାଯୋଗ କରିବା ସହ ମୃତ୍ୟୁବରଣ କରିଥିବା ଗୋରୁ ମାଲିକ ବା ଚାଷୀଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ଏଥିସହ କ୍ଷତି ପୂରଣ ଦେବା ପାଇଁ ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି।


ମରିପଡ଼ିଥିବା ଗୋରୁ।

# ୮ ମାସ ପରେ ପଞ୍ଚାୟତ ସମିତି ବୈଠକ

ରାଇଘର୧୪।୫(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଭା କକ୍ଷଠାରେ ଦୀର୍ଘ ୮ ମାସ ପରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ସମସ୍ତ ଜନପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଭାବେ ଶିବନାଥ ବାନାର୍ଜୀ, ଏମ୍‌ପି ପ୍ରତିନିଧି ଭାବେ ପ୍ରୀତିସ୍ନିଧା ମହାପାତ୍ର, ଜିଲା ପରିଷଦ ଉପଧ୍ୟକ୍ଷା ଲିପିକା ବାରୋଇ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଖଗେଶ୍ୱର ହରିଜନ, ନାନାର ଖରା ଏବଂ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ବିବରଣୀ ପାଠ କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କାର୍ଯ୍ୟ ମିଳିମିଶି କରିବାକୁ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର କହିଥିଲେ।

# କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଉଦ୍‌ଯାପିତ


ଶ୍ରଦ୍ଧାଳୁ ମୁଣ୍ଡରେ ବାଲି ଚାଙ୍ଗୁଡି ମୁଣ୍ଡେଇ ବାଲିଭଟ୍ଟାଠାକୁ ଯାଉଛନ୍ତି।

କୋଡିଙ୍ଗା,୧୪।୫ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ଫାର୍ସାଗୁଡା ପଞ୍ଚାୟତରେ ବୁଧବାର ଐତିହାସିକ କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ୧୫ବର୍ଷ ପରେ ୩ ମାସ ଧରି ଚାଲିଥିବା ଏହି ବାଲିଯାତ୍ରାର ପ୍ରଥମ ଦିନ ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ ବାଲି ଛାମୁଡାଠାରୁ ମୁଣ୍ଡରେ ବାଲି ଚାଙ୍ଗୁଡି, ଶିରା ପୂଜାରୀ, ଲାଠି, କୁର୍ଚି, ବାଜା ବାଜଣା ସହ ବାହାରି ବାଲିଭଟ୍ଟାଠାରେ ପହଞ୍ଚିଥିଲେ । ସେଠାରେ ଶ୍ରୀ ଧାଙ୍ଗଡା ଭିମା ଦେବ ଓ କନ୍ଦନୀ ଦେବୀଙ୍କ ନିକଟେ ଗ୍ରାମର ମଙ୍ଗଳ କାମନା ସହ କୃଷିର ଉନ୍ନତି ସମେତ ଭଲ ବର୍ଷା ପାଇଁ ନଡିଆ ଧୂପଦୀପ ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଗ୍ରାମର ସମସ୍ତେ ସ୍ଥାନୀୟ ଏକ ପୋଖରୀ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ଭୀମା ଓ କନ୍ଦନୀ ଦେବତାଙ୍କ ପ୍ରତିମୂର୍ତ୍ତି ଖୋଜି ବାହାର କରିଥିଲେ। ବାଲିଯାତ୍ରା ପାଳନ ଦ୍ୱାରା ଗ୍ରାମର ସମସ୍ତ ଦେବଦେବୀ ସନ୍ତୁଷ୍ଟ ହୋଇ ଗ୍ରାମବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସହ ଫସଲକୁ ରୋଗ ଦାଉରୁ ରକ୍ଷା କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଦ୍ୱିତୀୟ ଦିନରେ ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ବାଲିକଟା ପର୍ବପାଳନ କରାଯିବ ବୋଲି ବାଲିଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ୧୫ବର୍ଷ ପରେ ଏହି ଯାତ୍ରା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଥିଲା । ବାଲିଯାତ୍ରା କମିଟି ଏହାକୁ ତଦାରଖ କରିଥିଲେ । ଏଥିସହ ମନୋରଞ୍ଜନ ପାଇଁ ରାତ୍ରିରେ ଦେଶିଆ ନାଟକ ପରିବେଷଣ କରାଯାଇଥିଲା ।

# ଉମରକୋଟ୍ ଓଏଭିର ୯୮.୫ ପ୍ରତିଶତ ପାସ୍ ହାର

## ଅଭିଲିପ୍ସା ଜିଲା ଟପ୍ପର



ଉମରକୋଟ,୧୪।୫ (ସନ୍ତୋଷ ଶତପଥୀ)

ସିବିଏସ୍‌ଇ ବୋର୍ଡ ଦ୍ୱାରା ପ୍ରକାଶିତ ଦଶମ ପରୀକ୍ଷାଫଳରେ ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯୮.୫ ପ୍ରତିଶତ ପାସ୍ ହାର ରହିଛି। ଚଳିତ ବର୍ଷ ଏହି ସ୍କୁଲରୁ ମୋଟ ୬୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୬୮ ଜଣ ପାସ୍ କରିଛନ୍ତି। ୫ ଛାତ୍ରୀଛାତ୍ର ୯୦ ପ୍ରତିଶତ ମାର୍କ ରଖି ପାସ ହୋଇଥିବା ବେଳେ ଏହି ସ୍କୁଲର ଛାତ୍ରୀ ଅଭିଲିପ୍ସା ପାଢ଼ୀ ୯୭.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହେବା ସହ ନବରଙ୍ଗପୁର ଜିଲାରେ ମଧ୍ୟ ଟପ୍ପର ହେଇଛନ୍ତି। ଅଭିଲିପ୍ସା ନିଜର ସଫଳତାର ଶ୍ରେୟ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ ଓ ମା'ବାପାଙ୍କୁ ଦେଇଛନ୍ତି। ଅଭିଲିପ୍ସା ଶିକ୍ଷକ ସୁନୀଲ କୁମାର ପାଢ଼ୀ ଏବଂ ଶିକ୍ଷୟିତ୍ରୀ ଜଲି ମହାପାତ୍ରଙ୍କ ଝିଅ। ସେହିପରି ଦ୍ୱାଦଶ ପରୀକ୍ଷାରେ ଏହି ସ୍କୁଲରୁ ୬୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୬୩ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଯୁକ୍ତ ୨ରେ ମୋଟ ପାସ୍ ହାର ହେଉଛି ୯୬.୯୨ ପ୍ରତିଶତ। ଚନ୍ଦନା ପଟ୍ଟନାୟକ ୮୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି।

# ଗାଁ ପୋଖରୀରୁ ଶିଶୁପୁତ୍ର ମୃତଦେହ ଜବତ

## ଅଲୋଡ଼ା ହେଲା ନବଜାତ ଶିଶୁ

ଉମରକୋଟ,୧୪।୫
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବଡ଼ଭରଣ୍ଡୀ ପଞ୍ଚାୟତର ସାନଭରଣ୍ଡୀ ଗ୍ରାମର ଗୋଟିଏ ପୋଖରୀରୁ ବୁଧବାର ସକାଳେ ଏକ ନବଜାତ ଶିଶୁପୁତ୍ର ମୃତଦେହ ଜବତ ହୋଇଛି। ଶିଶୁଟି ୨ ରୁ ୩ ଦିନ ଧରି ପାଣିରେ ପଡି ରହିଥିବା ଅନୁମାନ କରାଯାଉଛି। ଏବେ ପର୍ଯ୍ୟନ୍ତ ଶିଶୁର ନାହି ଝଡି ନ ଥିବାରୁ ଅଳ୍ପ ଦିନ ଭିତରେ ହିଁ ଜନ୍ମ ହୋଇଥିବ ବୋଲି ଅନୁମାନ କରାଯାଉଛି। ତେବେ ଏହି ଶିଶୁକୁ କିଏ ଓ କାହିଁକି ପୋଖରୀରେ ଫିଙ୍ଗିଦେଲା ସ୍ପଷ୍ଟ ଭାବରେ ଜଣାପଡୁନାହିଁ। ଘଟଣାକୁ ନେଇ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗାଁ ପୋଖରୀରେ ଏକ ଶିଶୁ ମୃତଦେହ ଭାସୁଥିବା ଗାଁ ଲୋକ ଦେଖି ପଞ୍ଚାୟତର ସରପଞ୍ଚ ଦୁର୍ଯ୍ୟୋଧନ ଗଣ୍ଡଙ୍କୁ ଖବର ଦେଇଥିଲେ। ପରେ ସରପଞ୍ଚ ଉମରକୋଟ ଥାନାରେ ଏତଲା ଦେଇଥିଲେ। ଖବରପାଇ ଉମରକୋଟ ଥାନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମିଶ୍ର ଓ ଶିବାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁର ମୃତଦେହ ବାହାରକରି ଉମରକୋଟ ହସ୍ପିଟାଲକୁ ନେଇଥିଲେ। ତେବେ ଅନୈତିକ ସମ୍ପର୍କରୁ ଶିଶୁଟି ଜନ୍ମ ହୋଇଥାଇପାରେ ଓ ସମାଜରେ ଲାଜରୁ ବଞ୍ଚିବା ପାଇଁ ଏପରି କୁକର୍ମ କାର୍ଯ୍ୟ କେହି ଜଣେ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି

## ଫେଭର ବ୍ଲକ୍ ରାସ୍ତା ନିମ୍ନମାନର ଅଭିଯୋଗ

ନବରଙ୍ଗପୁର,୧୪।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌର ସଂସ୍ଥା ପକ୍ଷରୁ ସହରର ୧୫ ନମ୍ବର ୱାର୍ଡରେ ନିର୍ମାଣାଧୀନ ଫେଭର ବ୍ଲକ (ଗ୍ରୀନ ଫିଲଡ୍) ରାସ୍ତାକାମ ଅତି ନିମ୍ନମାନର ହୋଇଛି । ଏ ନେଇ ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ବିଜେଡି ନଗର ସଭାପତି ପ୍ରମୋଦ ରଥ, କାଉସିଲର ନଗେନ୍ଦ୍ର ପଟ୍ଟନାୟକ ଓ ସରୋଜ ପାତ୍ର ବୁଧବାର ଜିଲାପାଳ ଡା ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ଗାବିରିଏଲଗୁଡା ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ କଡରେ ଗତ ୧ ବର୍ଷ ତଳେ ୪୨ ଲକ୍ଷ ଟଙ୍କା ବ୍ୟୟରେ ଏକ ଫେଭର ବ୍ଲକ ଗ୍ରୀନ ଫିଲଡ଼


କାଉସିଲର ଏବଂ ଅନ୍ୟମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ରାସ୍ତା ନିର୍ମାଣ ପାଇଁ ପ୍ରଥମେ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲା। ଏହାର କିଛିଦିନ ମଧ୍ୟରେ ଗାର୍ଡୱାଲ କେତେକ ସ୍ଥାନରେ ଭୁଶୁଡି ପଡିଲା। ହେଲେ ଏହାର ମରାମତି ହୋଇପାରିଲା ନାହିଁ । ଫେବର ବ୍ଲକ ପକାଇବା ପୂର୍ବରୁ ରାସ୍ତାକୁ ମେଟାଲ ଓ ପଥର ଗୁଣ୍ଡ ଦେଇ ସମତୁଲ କରାଯାଇଥିଲେ ମଧ୍ୟ ତାହା ଦବିଗଲା । ଏବେ ଫେଭର ବ୍ଲକ ପକାଇବାର ୨ ମାସ ବିତିନାହ, ରାସ୍ତା ଦବିବା ସହିତ ଫେଭର ବ୍ଲକଗୁଡିକ ବାହାରି ପଡ଼ିଲାଣି । ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଠିକାଦାର କାର୍ଯ୍ୟ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଥିଲା। ତେଣୁ ନିମ୍ନମାନର କାମକୁ ନେଇ ଏବେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।




# ଜମି ଯୋଗାଇଦେବାକୁ ନିୟମଗିରି ମର୍ଚ୍ଚାଣ୍ଟ ଆସୋସିଏଶନର ଦାବି

ରାୟଗଡ଼ା,୧୪।୫
(ଆଶିଷ ରଞ୍ଜନ ପଣ୍ଡା)

- ରେଲୱେ ଜମିରେ ଥିବା ଦୋକାନ ଘର ଖାଲି କରିବାକୁ ନୋଟିସ୍
- ଜିଲାପାଳଙ୍କୁ ସହଯୋଗ ପାଇଁ ଅନୁରୋଧ

ରାୟଗଡା ଜିଲା ବିଷମକଟକ ବ୍ଲକ ଅର୍ନ୍ତଗତ ଚାଟିକଣାସ୍ଥିତ ରେଳ ଷ୍ଟେଶନ ନିକଟବର୍ତ୍ତି ଜମିରେ ଦୀର୍ଘ ଦିନରୁ ଦୋକାନ କରି ବ୍ୟବସାୟ କରୁଛନ୍ତି ଛୋଟ ବେପାରୀ । ହେଲେ ଉକ୍ତ ଜମି ରେଲୱେ ବିଭାଗର ହୋଇଥିବାରୁ ତାକୁ ଖାଲି କରିବାକୁ ରେଳ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେଣୁ ଏ ନେଇ ନିୟମଗିରି ମର୍ଚ୍ଚାଣ୍ଟ ଆସୋସିଏଶନ ବୁଧବାର ରାୟଗଡ଼ା ଆସି ଜିଲାପାଳଙ୍କୁ ଭେଟି ଏ ନେଇ ପଦକ୍ଷେପ ଗ୍ରହଣ କରିବା ସହିତ ବ୍ୟବସାୟ କରିବା ପାଇଁ ସରକାରୀ ଜମି ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ନିୟମଗିରି ମର୍ଚ୍ଚାଣ୍ଟ ଆସୋସିଏଶନ କର୍ମକର୍ତ୍ତା।

ବୁଧବାର ଭାଜପା ନେତା ଶିବଶଙ୍କର ଉଲାକା ଓ ଯୁବନେତା ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଆସୋସିଏଶନ କର୍ମକର୍ତ୍ତା ଜିଲାପାଳ ପାରୁଲ ପଟାୱରିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସେମାନଙ୍କ ପୂର୍ବ ପୁରୁଷ ପିଢ଼ି ପରେ ପିଢ଼ି ଧରି ସେଠାରେ ବ୍ୟବସାୟ କରୁଛନ୍ତି । ତେବେ ରେଲୱେ ଜମି ହୋଇଥିବାରୁ ବର୍ତ୍ତମାନ ରେଳ ବିଭାଗ ସେଠାରୁ ଉଠିଯିବାକୁ ନୋଟିସ୍ ଜାରି କରିଛି। ହେଲେ ଅଞ୍ଚଳବାସୀଙ୍କ କହିବାନୁସାରେ ଆମେ ଅଞ୍ଚଳର ବିକାଶରେ ସହଯୋଗ ପାଇଁ ପ୍ରସ୍ତୁତ ଅଛୁ । ତେବେ ଆମମାନଙ୍କୁ ବ୍ୟବସାୟ କରିବା ପାଇଁ ରେଲୱେ ଅଥବା ସରକାରୀ ଜମି ଯୋଗାଇଦେଲେ ସୁବିଧାରେ ବ୍ୟବସାୟ କରିପାରିବୁ । ଦାବିପତ୍ର ପାଇବା ପରେ ଜିଲାପାଳ ପାରୁଲ ରେଲୱେ ବିଭାଗ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ।

# ଡମ ସମାଜ ପକ୍ଷରୁ ନିରାକାରଙ୍କୁ ସମ୍ବର୍ଦ୍ଧନା

## ଏମ୍‌ବିବିଏସ୍‌ରେ କୃତକାର୍ଯ୍ୟ ହେଲେ ଆଦିବାସୀ ଛାତ୍ର


ଡମ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ନିରାକାର ମାଝୀ।

ଟିକିରି,୧୪।୫ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଜଣେ ଆଦିବାସୀ ପୁଅ ନିରାକାର ମାଝୀ ଏମ୍‌ବିବିଏସ୍ ଡାକ୍ତରୀ ପାଠପଢ଼ି କୃତକାର୍ଯ୍ୟ ହୋଇଛନ୍ତି। ନିରାକାର ସାନମାଟିକଣା ଗ୍ରାମର ଶିକ୍ଷକ ଜଗଦୀଶ ମାଝୀଙ୍କ ପୁଅ। ନିରାକାର କାଶୀପୁର ମାଟିକୁ ଗୌରବାନ୍ୱିତ କରିଥିବାରୁ ଡମ ସମାଜ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ସମ୍ମାନିତ କରାଯାଇଛି। କାଶୀପୁର ବ୍ଲକ ନକଟିଗୁଡ଼ା ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ଡମ ସମାଜ ପକ୍ଷରୁ ଏ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡମ ସମାଜର ଖଗବର ନାଏକ, ଭାଗିରଥ ନାଏକ, କୈଳାସ ନାଏକ, ପଦ୍ମନ ନାଏକ, ସିମନ ନାଏକ, ରାମ ନାଏକ, ସୁକାନ୍ତ ନାଏକ, ଦିଲ୍ଲୀପ ନାଏକ, ସିଦ୍ଧେଶ୍ୱର ନାଏକ, ଇନ୍ଦ୍ରଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଉଡ଼ିଲା ଟିଣଛପର

ଗୁଡାରି,୧୪।୫ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ବ୍ଲକ୍‌ରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଗୁଡାରି ବ୍ଲକର ସିରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମାରାଜୁ ଗ୍ରାମରେ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ବର୍ଷା ଯୋଗୁ ଘାସି କ୍ରାଡିକାଙ୍କ ଘରର ଟିଣ ଛପର ଉଡିଯାଇଛି। ପବନରେ ଟିଣ ଉଡି ବିଦ୍ୟୁତ ତାରରେ ଓହଳି ଥିଲା। ଫଳରେ ଗ୍ରାମରେ ବିଦ୍ୟୁତ ସେବା ମଧ୍ୟ ବନ୍ଦ ରହିଛି। ଖବରପାଇ ଗୁଡାରି ବିଦ୍ୟୁତ କର୍ମଚାରୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗୁରୁବାର ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସରକାରଙ୍କ ନିୟମ ଅନୁଯାୟୀ ସାହାଯ୍ୟ କରାଯିବ ବୋଲି ଗୁଡାରି ତହସିଲଦାର ଏ. ସ୍ନେହଲତା କହିଛନ୍ତି ।


ଘାସି କ୍ରାଡିକାଙ୍କ ଘରର ଟିଣଛପର ଉଡିଯାଇଛି।

# ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସାମ୍ୟତା ସମ୍ପର୍କିତ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ।

ରାୟଗଡ଼ା,୧୪।୫(ଆଶିଷ ରଞ୍ଜନ ପଣ୍ଡା)

## ମହିଳା, ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ସାମିଲ ନେଇ ଆଲୋଚନା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାୟଗଡ ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ବ୍ଲକ୍ ସଦ୍‌ଭାବନା ସଭା ଗୃହରେ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡା ବ୍ଲକ୍ ଅଧ୍ୟକ୍ଷା ଚୁନି ହୁଇକା, ଜିଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହାକ, ଓସ୍‌ଡମାର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ ରଞ୍ଜନ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆଇନରେ ଥିବା ବ୍ୟବସ୍ଥା ଓ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା । ବର୍ତ୍ତମାନ ସମାଜରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମହିଳା, ଭିନ୍ନକ୍ଷମ, ତୃତୀୟ ଲିଙ୍ଗୀ ଓ କିଶୋରୀ ବାଳିକାଙ୍କ ସ୍ୱଳ୍ପ ଅଂଶ ଗ୍ରହଣର କାରଣ ଓ ନିରାକରଣ ସମ୍ପର୍କରେ ଦଳଗତ ଆଲୋଚନା ହୋଇଥିଲା । ରାୟଗଡା ଜିଲାରେ ବନ୍ୟା, ବଜ୍ରପାତ, ସାପ କାମୁଡା, ପାଣିରେ ବୁଡ଼ି ମୃତ୍ୟୁ, ରକ୍ତହୀନତା, ବାଲ୍ୟ ବିବାହ ଆଦି ସମ୍ଭାବ୍ୟ ବିପର୍ଯ୍ୟୟ ଉପରେ ଆଲୋଚନା ହୋଇଥିଲା। ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ଏବଂ ତାହାର ମୁକାବିଲା ନେଇ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ମହିଳା ଓ ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ସାମିଲ କରିବା ସହ ଅଞ୍ଚଳରେ ଥିବା ସମ୍ବଳ ଓ ଯୁବ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରାଥମିକ କୌଶଳ ତାଲିମ ପ୍ରଦାନର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ରାଜସ୍ୱ, ପୋଲିସ, ଗ୍ରାମ ପଞ୍ଚାୟତ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

ଟିକିରି,୧୪।୫
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜଲା କାଶୀପୁର ବ୍ଲକ ଟିକିରି ହଟାପଦା ନିକଟରେ ମୁଖ୍ୟରାସ୍ତାରେ ଏକ ବିଦେଶୀ ମଦ ଦୋକାନ ରହିଛି। ତେବେ ଏଠାରେ ଅନେକ ସମୟରେ ମଦ୍ୟପ ଲୋକଙ୍କ ଭିଡ ଜମୁଥିବାବେଳେ ସନ୍ଧ୍ୟା ହେଲେ ମହିଳା ଏବଂ ପିଲାମାନେ ସେହି ରାସ୍ତା ଦେଇ ଯାତାୟାତ କରିବାକୁ ନିରାପଦ ମଣୁ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କ ଭିଡ଼ ଯୋଗୁ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଅଭିଯୋଗ ହେଉଛି। ମଙ୍ଗଳବାର ସକାଳେ ଦୋକାନ ସମ୍ମୁଖରେ ଦୁର୍ଘଟଣା ହୋଇଥିବାବେଳେ କିଛି ମାସ ତଳେ ମଧ୍ୟ ଉକ୍ତ ସ୍ଥାନରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଇଥିଲା । ତେଣୁ ଉକ୍ତ ମଦ ଦୋକାନରୁ ମୁଖ୍ୟ ରାସ୍ତାରୁ ହଟାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ଉକ୍ତ ମଦ ଦେକାନୀ ବିଭିନ୍ନ ପ୍ରକାରର ବିଦେଶୀ ମଦ ଉପରେ ୪୦/୫୦ଟଙ୍କା ଅଧିକ ନେଉଥିବା ଅଭିଯୋଗ ହେଉଛି।

# ପ୍ରୀତିଶା ପ୍ରତିମ, ଦୋଳଗୋବିନ୍ଦ ଯୁଗ୍ମ ଟପ୍ପର

## ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ

ଗୁଣପୁର,୧୪।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଦଶମ ଶ୍ରେଣୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ ହୋଇଛି । ପ୍ରୀତିଶା ପ୍ରତିମ ସାହୁ ୯୧.୬ ଏବଂ ଦୋଳଗୋବିନ୍ଦ ଦାଶ ୯୧.୬ ପ୍ରତିଶତ ମାର୍କ ହାସଲକରି ଯୁଗ୍ମ ଭାବେ ସ୍କୁଲର ଟପ୍ପର ହୋଇଛନ୍ତି । ସେହିପରି ଅଶ୍ୱିନୀ ଚରଣ ଲିମା ୯୧.୨ ମାର୍କ ରଖି ଦ୍ୱିତୀୟ ଓ ସୀମାଦ୍ରି କମଳୀ ୮୮.୮ ପ୍ରତିଶତ ମାର୍କ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୩୬ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ । ସମସ୍ତେ ସଫଳତାର ସହ କୃତକାର୍ଯ୍ୟ ହୋଇ ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ଏଭଳି ସଫଳତା ପାଇଁ ଅଭିଭାବକ ମହଲରେ ଖୁସି ଆଣି ଦେଇଛି । ଅଭିଭାବକ, ଛାତ୍ରୀଛାତ୍ରମାନେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଧ୍ୟକ୍ଷ ସୌରଭ ଜୈନଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ପ୍ରୀତିଶା ପ୍ରତିମ ସାହୁ, ଦୋଳଗୋବିନ୍ଦ ଦାଶ।

# ଅଭ୍ୟାସ ଟେକ୍ନୋ ସ୍କୁଲର ଶତ ପ୍ରତିଶତ ପାସ୍ ହାର



ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର।

ପଦ୍ମପୁର,୧୪।୫ (ପ୍ରଶାନ୍ତ କୁମାର କର)

## ସିବିଏସ୍‌ଇ ଦଶମ ପରୀକ୍ଷାଫଳ

ଦଶମ ଶ୍ରେଣୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲର ପାସ୍ ହାର ଶତ ପ୍ରତିଶତ ରହିଛି। ଏଥିସହ ସ୍କୁଲର ୩ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ୧୧ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଅଧିକା ଏବଂ ୨୨ ଜଣ ଫାଷ୍ଟ ଡିଭିଜନ ପାଇଛନ୍ତି। ସ୍କୁଲର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠା ପାଇଁ ପିଲାମାନେ ଭଲ ନମ୍ବର ରଖୁଛନ୍ତି ବୋଲି ସେକ୍ରେଟାରି ଲାଡି ତୁକାରମ କହିଛନ୍ତି । ଅଭ୍ୟାସ ଟେକ୍ନୋ ସ୍କୁଲରୁ ମୋଟ ୨୭ ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ । ସମସ୍ତେ ପାସ୍ କରିଥିବା ଜଣାପଡ଼ିଛି।

# ସରିଲା ପ୍ରତିଷ୍ଠା ଉତ୍ସବ: ମନ୍ଦିରରେ ବିରାଜମାନ କଲେ ମା' ମଙ୍ଗଳା

ଟିକିରି,୧୪।୫ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଶେଷ ହୋଇଛି। ବୁଧବାର ସୂର୍ଯ୍ୟ ପୂଜା, ଗୋପୂଜା, ଚଣ୍ଡିପାଠ, ପ୍ରାଣପ୍ରତିଷ୍ଠା ପରେ ମା' ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ନୂତନ ମନ୍ଦିରକୁ ପ୍ରବେଶ କରିଥିଲେ। ୧୨ ତାରିଖରେ କଳସଯାତ୍ରା, ମଣ୍ଡଳକରଣ,କର୍ମାରମ୍ଭ ହୋଇଥିବାବେଳେ ୧୩ ତାରିଖରେ ଅଗ୍ନିସ୍ଥାପନ, ବଯୋଗ, ରତ୍ନମୂଦ, ମହାସ୍ନାନ କରାଯାଇଥିଲା। ପୁରହିତ ହରିହର ମିଶ୍ର ଓ ରଞ୍ଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲାର ପଣ୍ଡିତ ନିଳମାଧବ ତ୍ରିପାଠୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ୩ ଦିନ ଧରି ପୂଜାର୍ଚ୍ଚନା ଚାଲିଥିଲା। ଏହି ଉତ୍ସବରେ ଜଗନାଥ ସାହୁ, ଭବାନୀ ସାହୁ, ଲକ୍ଷ୍ମୀନାରାୟଣ ସାହୁ, ସବିତା ସାହୁ, ପିତବାସ ପ୍ରଧାନୀ, ଉର୍ମିଳା ପ୍ରଧାନୀ କର୍ତ୍ତା ଭାବେ ପୂଜାରେ ବସିଥିଲେ। ମନ୍ଦିର ପରିଚାଳନ କମିଟିର ସଭାପତି ପ୍ରସନ୍ନ ନାୟକ ଓ ସମ୍ପାଦକ ଜଗନ୍ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଚେଖର ସାହୁ ୧୨ ବର୍ଷ ପୂର୍ବେ ଏହି ମନ୍ଦିର ନିର୍ମାଣ କରାଇଥିଲେ। ହେଲେ ତାଙ୍କର ଦେହାନ୍ତ ପରେ ମନ୍ଦିର ପ୍ରତିଷ୍ଠା ହୋଇ ପାରି ନ ଥିଲା। ତାଙ୍କ ପୁଅ ଲକ୍ଷ୍ମୀନାରାୟଣ ସାହୁ ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିର ପ୍ରତିଷ୍ଠା ହେଲା।


ନୂତନ ମନ୍ଦିରରେ ବିରାଜମାନ ହୋଇଥିବା ମା' ମଙ୍ଗଳା।

# ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫିଙ୍ଗି ଉଚିତ ବ୍ୟବହାର ନେଇ ଆଲୋଚନା

ରାୟଗଡ଼ା,୧୪।୫ (ଆଶିଷ ରଞ୍ଜନ ପଣ୍ଡା)

## ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶରେ ବୁଧବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପିତାମହଲ ପଞ୍ଚାୟତର ବେହେରାଗୁଡାରେ ବିପର୍ଯ୍ୟସ୍ତ ପରିଚାଳନା ସମ୍ପର୍କରେ ଥିବା ଆଇନ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଅତିଥିଭାବେ ରାୟଗଡା ଓକିଲ ସଂଘର ଆଇନଜୀବୀ ଦେବରାଜ ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠୀ, ଜିଲା ଆଇନସେବା ପ୍ରାଧିକରଣର ପି.ଏଲ.ଭି ଅଶୋକ ମହାରଣାଙ୍କ ସମେତ ବେହେରାଗୁଡା ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିରେ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ କିପରି ତାହାର ଉଚିତ ବ୍ୟବହାର କରିହେବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ବିଭିନ୍ନ ଅସୁବିଧା ସମୟରେ ଜିଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବାକୁ ସମସ୍ତ ଜନସାଧାରଣଙ୍କୁ ବୁଝାଇଥିଲେ। ଶେଷରେ ଏକ ଖୋଲା ଆଲୋଚନାରେ ଅତିଥିମାନେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଫ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଛନ୍ତି।

# ବିସ୍ଥାପିତ ମହିଳାଙ୍କୁ ଆତ୍ମନିର୍ଭର ପାଇଁ ଉତ୍କଳ ଆଲୁମିନାର ପ୍ରୟାସ

ରାୟଗଡ଼ା/ଟିକିରି,୧୪।୫(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)

## ନୂଆପଡ଼ାରେ ଫିନାଇଲ ତିଆରି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ବୁଧବାର ଟିକିରି ଥାନା ଅର୍ନ୍ତଗତ ନୂଆପଡାଠାରେ ଫିନାଇଲ ତିଆରି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ସିଇଓ ସୌରଭ ଖେଡ଼କର, ମାନବ ସମ୍ବଳ କ୍ଲଷ୍ଟର ମୁଖ୍ୟ ଡ଼. କ୍ରିଷ୍ଣା ପାଢ଼ୀ ଓ କାରଖାନାର ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରଶିକ୍ଷଣ କେନ୍ଦ୍ରରେ କମ୍ପାନୀ ପକ୍ଷରୁ ଆର.ଆର.-୧ କଲୋନୀର ୭୪ ଜଣ ବିସ୍ଥାପିତ ପରିବାରର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବା ନିମନ୍ତେ ତାଲିମ ପ୍ରଦାନ ଆରମ୍ଭ ହୋଇଛି । ଏଠାରେ ପ୍ରସ୍ତୁତି ହୋଇଥିବା ଫିନାଇଲକୁ ବଜାରରେ ବିକ୍ରି କରିବା ପାଇଁ ମଧ୍ୟ କମ୍ପାନୀ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ସହଯୋଗ ପୂର୍ବକ ପ୍ରଥମ ପର୍ଯ୍ୟାୟରେ ଫିନାଇଲ ପ୍ରସ୍ତୁତି କରିବା ପାଇଁ ଆବଶ୍ୟକ ସାମଗ୍ରୀ ପ୍ରଦାନ ସହିତ ପ୍ରଶିକ୍ଷକ ମଧ୍ୟ ନିଯୁକ୍ତି କରିଛି କମ୍ପାନୀ । ଦୈନିକ ୫ଶହ ଲିଟରରୁ ଉର୍ଦ୍ଧ୍ୱ ପରିମାଣର ଫିନାଇଲ ପ୍ରସ୍ତୁତି କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହାଦ୍ୱାରା ଏଠାରେ ନିୟୋଜିତ ମହିଳା ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳତା ବଢ଼ିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କାରଖାନା ଅର୍ଥ ବିଭାଗ ମୁଖ୍ୟ ଭାସ୍କର ବାନାର୍ଜି , ମାନବ ସମ୍ବଳ ପ୍ରମୁଖ ବିଜୟ କୁମୁରା, ସିଏସ୍ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଆଇଆର ମୁଖ୍ୟ କିରଣ ନାୟକ ଓ କର୍ପୋରେଟ ଆଫଏର୍ସ ତଥା ଲୋକ ସମ୍ପର୍କ ବିଭାଗ ସାଧାରଣ ପରିଚାଳକ ପିତାମ୍ବର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ବେଲକର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ବିଭାଗର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।


ମହିଳାଙ୍କୁ ଫିନାଇଲ ପ୍ରସ୍ତୁତି କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

## କୁମୁଲିପୁଟରେ ଚୋରି, ଥାନାରେ ମାମଲା

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ଅନ୍ତର୍ଗତ କୁମୁଲିପୁଟରେ ଚୋରି ହୋଇଥିବା ନେଇ ସଦର ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ଅପରାହ୍ନ ୧ଟାରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ କୁମୁଲିପୁଟର ମୋହନ ରାଓ ବିଶାଖାପାଟଣା ଯାଇ ମଙ୍ଗଳବାର ଫେରିଥିଲେ। ତାଙ୍କ ଘର କବାଟ ଭାଙ୍ଗି ଆଲମାରିରୁ ସୁନା ରୁପା ଚୋରି ହୋଇଥିବା ଦେଖିଥିଲେ। ପୋଲିସ ମାମଲା ରୁଜୁ କରିଥିଲା। ସାଇଣ୍ଟଫିକ୍ ଟିମ ଓ ପୋଲିସ ତଦନ୍ତ କରୁଥିବା ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଜିଲ୍ଲାରୁ ୮ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

କୋରାପୁଟ,୧୪।୫
(ଅମିତାଭ ବେହେରା)



ବୈଠକରେ ଉପସ୍ଥିତ କୋରାପୁଟ ଜିଲାପାଳ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟ ଅଧିକାରୀମାନେ।

■ଜିଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ
■୨୫ରୁ ମଣ୍ଡି ଆରମ୍ଭ

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଚଳିତମାସ୨୫ରୁ ମଣ୍ଡି ଆରମ୍ଭ ହେବ ବୋଲି ନିଷ୍ପତି ନିଆଯାଇଛି। ଏଥିରେ ଜିଲାର ଯୋଗାଣ ବିଭାଗର ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜୟପୁର ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀ, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଯୋଗାଣ ବିଭାଗର ଅଧିକାରୀ, ମିଲର୍ସ ସଂଘର ପ୍ରତିନିଧି ଓ ଚାଷୀମାନେ ଯୋଗଦେଇଥିଲେ। ରବି ଋତୁରେ ଜିଲାରୁ ୮ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ପଣ୍ଡା ସୂଚନା ଦେଇଥିଲେ। ଏନେଇ ଚଳିତ ମାସ ୨୫ ତାରିଖରୁ ଜିଲାର ୭୩ ମଣ୍ଡି ଜରିଆରେ ଧାର୍ଯ୍ୟ ରବି ଧାନ କ୍ରୟ କରିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକ ସମ୍ପୂର୍ଣ୍ଣ ଭାବେ ଚାଷୀଙ୍କ ସହ ଜଡ଼ିତ। କିନ୍ତୁ ଯୋଗାଣ ବିଭାଗ ରାଜନୈତିକ ଚାପରେ ଦଳୀୟ ମନୋଭାବ ରଖି ମାତ୍ର ୫ ଜଣ ଚାଷୀଙ୍କୁ ଡାକିଥିବା ଜୟପୁର ବିଧାୟକ ବାହିନୀପତି ଅଭିଯୋଗ କରିଥିଲେ। ଅଧିକାରୀମାନେ ଚାଷୀମାନଙ୍କୁ ଦଳୀୟ ଭିତ୍ତିରେ ବିଭାଜନ କରୁଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିରେ ଜିଲାପାଳ ଭାସନ ହସ୍ତକ୍ଷେପ କରି ଆଗାମୀ ଦିନରେ ଜିଲାର ପ୍ରତି ବ୍ଲକ୍‌ରୁ ଜଣେ ଚାଷୀଙ୍କୁ ଡାକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଗୋଦାମ ଗୃହ ଅଭାବ ଥିବାରୁ ରବି ଧାନ କିଣିବାକୁ ମିଲର୍ସମାନେ ରାଜି ହେଉ ନାହାଁନ୍ତି। ଏଥିପାଇଁ ନିୟନ୍ତ୍ରିତ ବଜାର କମିଟି(ଆରଏମସି )ଦ୍ୱାରା ଗୋଦାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ମଣ୍ଡି ପାଇଁ ଆବଶ୍ୟକୀୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ନେଇ ଜିଲାପାଳ ଭାସନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବନ୍ଦେ ଭାରତ ଟ୍ରେନ୍ ସେବା ଦାବିକଲେ ବିଧାୟକ

ନନ୍ଦପୁର, ୧୪।୫(ତୁଷାରକାନ୍ତ ମହାନ୍ତି)


ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ।

ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଅଧୀନ ନନ୍ଦପୁର ବ୍ଲକ୍ କେ.କେ. ରେଳପଥରେ କୋରାପୁଟ-ବିଶାଖାପାଟଣା-ଭୁବନେଶ୍ୱର ଯାତାୟାତ ପାଇଁ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ ନେଇ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଦାବି କରିଛନ୍ତି। ଏ ନେଇ ବିଧାୟକ କାଡାମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରେଳମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଦାବି ଉପସ୍ଥାପନ କରିଛନ୍ତି। ପରବ ଉତ୍ସବରେ ମୁଖ୍ୟମନ୍ତ୍ରୀ କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଏକ ନୂତନ ଟ୍ରେନ ଚାଲିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ବିଧାୟକ ସ୍ମରଣ କରାଇଛନ୍ତି। ବିଧାୟକ ପତ୍ରରେ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ(୨୦୮୪୧) ଟ୍ରେନ୍‌କୁ କେ.କେ. ରେଳପଥରେ ଭାୟା ଆରକୁ ଦେଇ କୋରାପୁଟ ଯାଏ ସମ୍ପ୍ରସାରିତ କରିବାକୁ ଦାବି କରିଛନ୍ତି। କୋରାପୁଟରୁ ରାୟଗଡ଼ା ଦେଇ ଭୁବନେଶ୍ୱରକୁ ୬୮୨ କି.ମି. ରେଳ ଯାତ୍ରା ହେଉଥିବାରୁ କେ.କେ. ରେଳପଥରେ କୋରାପୁଟରୁ-ବିଶାଖପାଟଣା-ଭୁବନେଶ୍ୱର ଦୂରତା ମାତ୍ର ୬୫୭ କି.ମି. ହେବ। ଭୁବନେଶ୍ୱରରୁ ବନ୍ଦେ ଭାରତ ଟ୍ରେନ୍ ୪୪୨କି.ମି. ଦୂରତାକୁ ୫ ଘଣ୍ଟାରେ ଅତିକ୍ରମ କରି ବିଶାଖାପାଟଣାରୁ ଫେରୁଛି। ଏହାକୁ ଆଉ ମାତ୍ର ୨୧୫କି.ମି. ସମ୍ପ୍ରସାରିତ କରି ସର୍ବମୋଟ ୯ ଘଣ୍ଟାରେ କୋରାପୁଟ ପହଞ୍ଚିବ। କୋରାପୁଟ,ନନ୍ଦପୁର ଓ ଲମତାପୁଟ ବ୍ଲକକୁ ଭୁବନେଶ୍ୱର ସହ ଯୋଡ଼ାହୋଇପାରିବ। ଏହାଦ୍ୱାରା ପଟ୍ଟାଙ୍ଗି, ନନ୍ଦପୁର ଓ କୋରାପୁଟ ନିର୍ବାଚନମଣ୍ଡଳୀର ଲମତାପୁଟ ଭଳି ଅବହେଳିତ ବ୍ଲକଗୁଡ଼ିକ ରାଜଧାନୀ ସହ ସିଧାସଳଖ ଯୋଡି ହୋଇପାରିବ ବୋଲି ସେ କହିଛନ୍ତି। ଏହି ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଏକମାତ୍ର ହୀରାଖଣ୍ଡ ଟ୍ରେନରୁ ଯାତ୍ରୀ ବୋଝ କମିବ। ଏଥିଯୋଗୁ ଅବିଭକ୍ତ କୋରାପୁଟ ଜିଲାର ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆସିବ ବୋଲି ସେ କହିଛନ୍ତି। ବନ୍ଦେ ଭାରତ ଟ୍ରେନ୍ ଆରାକୁ, ପାଡୁଆ, ଭେଜା ଓ ମାଛକୁଣ୍ଡ ଦେଇ କୋରାପୁଟ ଯାଏ ସମ୍ପ୍ରସାରଣ କରିବାକୁ ଅନୁରୋଧ କରିଛନ୍ତି। ଏହି ଅନୁରୋଧପତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ରେଳ ମନ୍ତ୍ରଣାଳୟକୁ ପ୍ରେରଣ କରିଛନ୍ତି। ଆଗାମୀ ଦିନରେ ଏ ନେଇ ସେ ଉଭୟଙ୍କୁ ମିଶି ଦାବିପୂରଣ ପାଇଁ ଆଲୋଚନା କରିବେ ବୋଲି କହିଛନ୍ତି।

## ୧୩,୬୦୪ ଭତ୍ତା ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ସହାୟତା ରାଶି

ନନ୍ଦପୁର,୧୪।୫(ତୁଷାରକାନ୍ତ ମହାନ୍ତି)- ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ରାଜ୍ୟର ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କୁ ୪୦୦ ଟଙ୍କାର ଅତିରିକ୍ତ ସହାୟତା ରାଶି ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ନନ୍ଦପୁର ବ୍ଲକର ମୋଟ ୧୩ ହଜାର ୬୦୪ ହିତାଧିକାରୀ ଉପକୃତ ହେବେ ବୋଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ସାମାଜିକ ସହାୟତା ଯୋଜନାରେ ୪୮୧୨ ବାର୍ଦ୍ଧକ୍ୟ, ୨୦୩୫ ବିଧବା, ୧୭୨ ଭିନ୍ନକ୍ଷମ, ମୋଟ ୭୦୧୯ ଭତ୍ତା ହିତାଧିକାରୀଙ୍କୁ ଚଳିତ ମାସ(ମେ) ଅତିରିକ୍ତ ଗ୍ରୀଷ୍ମକାଳୀନ ସହାୟତା(ଛତା)ବାବଦକୁ ୧୦୦ ଟଙ୍କା ଓ ଶୀତକାଳୀନ ସହାୟତା ରାଶି ୩୦୦(କମ୍ବଳ)ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ୩୯୫୩ବାର୍ଦ୍ଧକ୍ୟ, ୧୧୪୪ ବିଧବା, ୧୦୩୩ ବିଧବା, ୩୭୦ ଅବିବାହିତ, ୭୩ ନିରାଶ୍ରୟ ଓ ଅନ୍ୟ ୧୨ ମୋଟ ୬୫୮୫ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆରଡ଼ି ବିଭାଗ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

ନନ୍ଦପୁର,୧୪।୫(ତୁଷାରକାନ୍ତ ମହାନ୍ତି)

**ତେନ୍ତୁଳିପଡ଼ା ଘାଟ, କୋଲାବ ଜଳଭଣ୍ଡାର ମାପଚୁପ**


ଯନ୍ତ୍ରୀ ନଦୀଘାଟରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନନ୍ଦପୁର ଥାନା ଅଧୀନ ଉମ୍ମେଲ ପଞ୍ଚାୟତ ତେନ୍ତୁଳିପଡ଼ା-ପୋଡ଼ାଗଡ଼କୁ ସଂଯୋଗ ପାଇଁ କୋଲାବ ଜଳଭଣ୍ଡାର ଉପରେ ଏକ ପୋଲ ନିର୍ମାଣ ଦାବି ହୋଇଥିଲା। ଏନେଇ ସୁନାବେଡା ଆରଡ଼ି ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ ବାରିକଙ୍କ ନିର୍ଦ୍ଦେଶରେ ଲମତାପୁଟ ଯନ୍ତ୍ରୀ ବୈଦ୍ୟନାଥ ନାହାକ ତେନ୍ତୁଳିପଡ଼ା ନଦୀ ଘାଟ ବୁଧବାର ପରିଦର୍ଶନ କରିଛନ୍ତି। ଘାଟର ସ୍ଥିତି ଅନୁଧ୍ୟାନ କରି ଜଳଭଣ୍ଡାରର ମାପଚୁପ କରିଥିଲେ। ସୂଚନା ଅନୁଯାୟୀ, ଲମତାପୁଟ ବ୍ଲକ ୪ ଓ ସେମିଳିଗୁଡା ବ୍ଲକର ୩ ପଞ୍ଚାୟତବାସୀ ମିଳିତ ଭାବେ ବୈଠକକରି କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ଡାକିଥିଲେ। ସେଥିରେ କୋଲାବ ଜଳଭଣ୍ଡାର ଉପରେ ତେନ୍ତୁଳିପଡ଼ା-ପୋଡ଼ାଗଡ଼କୁ ସଂଯୋଗୀ ପୋଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ନନ୍ଦପୁର ଦେଇ ସେମାନଙ୍କୁ କୋରାପୁଟ ଯିବାକୁ ୫୦ କି.ମି. ଯିବାକୁ ପଡୁଥିବା ବେଳେ ପୋଲ ନିର୍ମାଣ ହେଲେ ଜିଲା ସଦର ମହକୁମା ମାତ୍ର ୧୫ କି.ମି. ରାସ୍ତା ହେବ ବୋଲି କହିଥିଲେ। ୨ ବ୍ଲକ୍ ମଧ୍ୟରେ ପାରିବାରିକ ବ୍ୟବସାୟିକ ସମ୍ପର୍କ ବଢ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଏହାପରେ ବୁଧବାର ଆରଡ଼ି ବିଭାଗ ଯନ୍ତ୍ରୀ ନାହାକ ତେନ୍ତୁଳିପଡ଼ା ଘାଟ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ଉମ୍ମେଲ ଓ ତେନ୍ତୁଳିପଡା ଅଞ୍ଚଳର ରାମ ମୁଦୁଲି, ରାମ ଖିଲ, ବଳରାମ ଖିଲ, ଘେନୁ କଲାବି ଦାମ କଲାବି, ନବ ଘାଟୁଆଲ, ମଧୁ ଖରା, ଦୁର୍ଯ୍ୟୋଧନ ଖରା, ତ୍ରିନାଥ ଖରା, ମାଧବ ପ୍ରଧାନୀ ପ୍ରମୁଖ ମାପଚୁପ ବେଳେ ଉପସ୍ଥିତ ଥିଲେ। ଘାଟ ଓ ଜଳଭଣ୍ଡାରର ମାପଚୁପରେ ସ୍ଥାନୀୟ ଲୋକେ ଯନ୍ତ୍ରୀଙ୍କୁ ସହାୟତା କରିଥିଲେ। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ଥିବାରୁ ଅଞ୍ଚଳବାସୀ ପୋଲ ନିର୍ମାଣ ହେବା ନେଇ ଆଶା ରଖିଛନ୍ତି। ଲୋକେ ବିଧାୟକ ମାଛଙ୍କୁ ପ୍ରଶଂସା କରିଛନ୍ତି। ଯନ୍ତ୍ରୀ ନାହାକ ସମସ୍ତ ମାପଚୁପ୍ ଓ ଫଟୋ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ମୁତାବକ ପ୍ରେରଣ କରିଛନ୍ତି। ଆଗାମୀ ନିର୍ଦ୍ଦେଶ ଅପେକ୍ଷାରେ ଥିବା ସେ କହିଛନ୍ତି।

## ଜୟନଗର ରାସ୍ତାରେ ଜବରଦଖଲ ଉଚ୍ଛେଦ

ଜୟପୁର,୧୪।୫(ପବନ ପାଣିଗ୍ରାହୀ)- ଜୟପୁର ସହରର ଜୟନଗର ରାସ୍ତା ପ୍ରଶସ୍ତୀକରଣ ନେଇ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୈନିକ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ରହୁଥିବାରୁ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ଜୟପୁର ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶରେ ପୌର କର୍ମଚାରୀ, ରାଜସ୍ୱ ବିଭାଗ ଓ ପୋଲିସର ଉପସ୍ଥିତ ଥିଲେ। ଜୟନଗର ବଟଗଛଠାରୁ ଭୂତନାଥ ମନ୍ଦିର ଯାଏ ୪୦ ଫୁଟ ରାସ୍ତା କରାଯିବା ନେଇ ମାପଚୁପ, ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ଓ ନୋଟିସ କରାଯାଇଥିଲା। ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ରାଜସ୍ୱ ବିଭାଗର ସୁପରଭାଇଜର ହରିହର ଶତପଥୀ ଓ ଦିଲ୍ଲିପ କୁମାର ପ୍ରଧାନ,ରାଜସ୍ୱ ନିରୀକ୍ଷକ ଅଶୋକ କୁମାର ପ୍ରଧାନ ଓ ସଦା ହନ୍ତାଳ, ଏଆରଆଇ ପଦ୍ମା ମୁଦୁଲି, ଅମିନ ଶୁଭସ୍ମିତା ଜେନା, ଅବିନାଶ ସାନ୍ତ୍ରାପାତ୍ର, ଆରଡ଼ିର କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ପୌର ଯନ୍ତ୍ରୀ ଅଜୟ ଜାନୀ, କନିଷ୍ଠ ଯନ୍ତ୍ରୀ ଚୈତନ୍ୟ ବାସକି ଓ ଟାଉନ ପୋଲିସ ଉପସ୍ଥିତ ଥିଲେ।

## ଏମ୍‌ପି ପ୍ରତିନିଧିଙ୍କୁ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଉପଦେଷ୍ଟା ଦାୟିତ୍ୱ

ଲମତାପୁଟ,୧୪।୫(ଭକ୍ତରାମ ବାଙ୍କିଆ)


ରାମଚନ୍ଦ୍ର ପାଙ୍ଗୀ

ଲମତାପୁଟ ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ପାଙ୍ଗୀଙ୍କୁ କୋରାପୁଟ ଜିଲା ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନର ଜିଲା ସଂଯୋଜକ ଭାବେ ଚୟନ କରାଯାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ କଂଗ୍ରେସ ସତର୍କ ହୋଇ ନିର୍ବାଚନକୁ ହାତେଇବା ନେଇ ପ୍ରୟାସ ଜାରି ରଖିଛି। ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ଲମତାପୁଟ ବ୍ଲକ ପ୍ରତିନିଧି ଥିବା ରାମଙ୍କୁ ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନର କାର୍ଯ୍ୟଭାର ଦାୟିତ୍ୱ ଦିଆଯାଇଛି। ଏ ନେଇ ଏମ୍‌ପି ପ୍ରତିନିଧି ପାଙ୍ଗୀ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ଅପଜିସନ ପାର୍ଟି ଲିଡର ରାହୁଲ ଗାନ୍ଧୀ,ଓଡ଼ିଶା ପଞ୍ଚାୟତରାଜ ସଂଗଠନ ଅଧ୍ୟକ୍ଷ ସୁଦର୍ଶନ ଦାସ,ଏମ୍‌ପି ଉଲ୍ଲକା,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ,ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି,ଜେନେରାଲ ସେକ୍ରେଟାରୀ ବିଜୟ ପ୍ରଧାନ,ଓଡ଼ିଶା ରାଜ ସଂଗଠନର ଜଏଣ୍ଟ ସେକ୍ରେଟାରୀ ଡ. ରୂପକ ତୁରୁକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଦାୟିତ୍ୱ ସେ ନିଷ୍ଠାର ସହ ତୁଲାଇ ଆଗାମୀ ପଞ୍ଚାୟତ ନିର୍ବାଚନକୁ କଂଗ୍ରେସ ହାତମୁଠାକୁ ଆଣିବାକୁ ଚେଷ୍ଟା କରିବି ବୋଲି ଏମ୍‌ପି ପ୍ରତିନିଧି ପାଙ୍ଗୀ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର, ଜିଲା ଚିକିତ୍ସାଳୟରେ ଭର୍ତ୍ତି

କୋରୁକୋଣ୍ଡ, ୧୪।୫(ଶିବଦତ୍ତ ସାହୁ ) କୋରୁକୋଣ୍ଡା ସଦର ତଥା ବାଲିମେଲା -ମାଲକାନଗିରି ମୁଖ୍ୟ ରାସ୍ତା ଖିଲଗୁଡା ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ୨ ବାଇକ୍ ଆରୋହୀଙ୍କ ସମେତ ବସିଥିବା ଅନ୍ୟଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦୁଡାମେଟା ପଞ୍ଚାୟତ ଡ଼ଙ୍ଗା ଗୁଡା ଗ୍ରାମର ପରଦେଶୀ ହଲୱା, ତାଙ୍କ ସହ ବାଇକ୍‌ରେ ବସିଥିବା ଭୀମ ହାଲୱା ଏବଂ ଅନ୍ୟ ଜଣେ ଆରୋହୀ ନୂଆଗୁଡା ଗ୍ରାମର ସମ୍ବାରୁ ମାଡ଼ି। କୋରୁକୋଣ୍ଡା ଅଗ୍ନିଶମ କର୍ମଚାରୀମାନେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ କୋରୁକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ସେମାନଙ୍କର ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛନ୍ତି। ଥାନା ଏଏସ୍‌ଆଇ ପ୍ରଦୀପ କୁମାର ଖିଲଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ବାଇକ ୨ଟିକୁ ଜବତ କରିଛନ୍ତି ।

## ପିଏମ୍ ସହରାଞ୍ଚଳ ଆୱାସ ୨.୦ ସଚେତନତା ଅଭିଯାନ


କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀ ସୂଚନା ଦେଉଛନ୍ତି।

କୋରାପୁଟ, ୧୪।୫(ଅମିତାଭ ବେହେରା)

କୋରାପୁଟସ୍ଥିତ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆୱାସ ୨.୦ ଯୋଜନାର ଉପରେ ଲୋକଙ୍କୁ ସଚେତନତା ଉଦ୍ଦେଶ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିବା ସହ ଏହି ଯୋଜନାର ସୁବିଧା ସମସ୍ତ ଲୋକେ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଯୋଜନାରେ ସମସ୍ତ ଗରିବ ଶ୍ରେଣୀର ଲୋକଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଯେଉଁ ହିତାଧିକାରୀ ଶୀଘ୍ର ଗୃହକାର୍ଯ୍ୟ ଶେଷ କରିବେ ତାଙ୍କୁ ଅତିରିକ୍ତ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ସେଥିପାଇଁ ହିତାଧିକାରୀମାନେ ତୁରନ୍ତ ଅନ୍‌ଲାଇନ ଜରିଆରେ ଆବେଦନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ଯୋଜନାରେ ଅଧିକରୁ ଅଧିକ ସହରବାସୀ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ମ୍ୟୁନିସିପାଲଟିନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ଼ ଓ ପିଡି ଡୁଡା ତପନ କୁମାର ନାୟକ ଯୋଗଦେଇ ଏହି ଯୋଜନାର ଲାଭ ନେବା ପାଇଁ ହିତାଧିକାରୀଙ୍କ କ'ଣ ସବୁ ଡକ୍ୟୁମେଣ୍ଟ ଆବଶ୍ୟକ ଓ ଆବେଦନ ପ୍ରଣାଳୀ ଉପରେ ବୁଝାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ କୋରାପୁଟ ମ୍ୟୁନିସିପାଲିଟିରୁ ୫୭୫ ଜଣ ଆବେଦନ କରିଥିବା ଜଣାଯାଇଛି। ଏହି କର୍ମଶାଳାରେ ରାଜ୍ୟରୁ ଆସିଥିବା ବିଶେଷଜ୍ଞ ସାମନ୍ତ ଚନ୍ଦ୍ର ଶେଖର ଦାସ ଯୋଗଦେଇ ଏହି ଯୋଜନା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କୋରାପୁଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷାଙ୍କ ସମେତ ସମସ୍ତ କାଉନସିଲର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶଶିକାନ୍ତ ସ୍ୱାଇଁ ଏହାକୁ ସଂଯୋଜନା କରିଥିଲେ।

## ନକଲି ସୁନା ଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ସୁନାବେଡା/ସେମିଳିଗୁଡା,୧୪।୫(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)-ସେମିଳିଗୁଡା କଲେଜ ରୋଡ଼ ସମ୍ମୁଖ କାକି ଗାଁ ରାସ୍ତାରେ ଜଣେ ମହିଳାଙ୍କ ବେକରୁ କେତେକ ଦୁର୍ବୃତ୍ତ ଏକ ନକଲି ସୁନା ଚେନ୍ ଝାମ୍ପି ନେଇଛନ୍ତି। ସୂଚନା ଅନୁଯାୟୀ, କାକି ଗାଁର ପ୍ରିୟରଞ୍ଜନ ବେହେରା ସୋମବାର ସନ୍ଧ୍ୟାରେ ତାଙ୍କ ସ୍ତ୍ରୀ ଓ ଭଉଣୀଙ୍କୁ ନେଇ ଶପିଂ ମଲ୍‌ରୁ ଫେରୁଥିବା ବେଳେ ଘର ସମ୍ମୁଖରୁ କେତେକ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଭଉଣୀଙ୍କ ବେକରୁ ଏକ ଚେନ ଝାମ୍ପି ନେଇ ଚାଲିଯାଇଥିଲେ। ଏ ନେଇ ପ୍ରିୟରଞ୍ଜନ ଟୋଲ ଫ୍ରି ନମ୍ବରରେ ଫୋନ କରି ପୋଲିସକୁ ଜଣାଇଥିଲେ। ସୁନାବେଡା ଥାନା ଏଏସଆଇ ରାମଚନ୍ଦ୍ର ପଟ୍ଟନାୟକ ପହଞ୍ଚି ପଚରାଉଚରା କରିଥିଲେ। ଚୋରି ହୋଇଥିବା ଚେନ୍‌ଟି ନକଲି ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଏଏସ୍‌ଆଇ ପଟ୍ଟନାୟକଙ୍କୁ ପଚାରିବାରୁ ଚେନଟି ନକଲି ହୋଇଥିବାରୁ ଥାନାରେ ଏତଲା ହୋଇ ନଥିବା କହିଛନ୍ତି।

## ବାଣିଜ୍ୟରେ ଜାହ୍ନବୀ, ବିଜ୍ଞାନରେ ଶୀତିଲଗ୍ନା ସ୍କୁଲ ଟପ୍ପର

କୋରାପୁଟ,୧୪।୫
(ଅମିତାଭ ବେହେରା)

**ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ**



ଜାହ୍ନବୀ ଦାସ, ଶୀତିଲଗ୍ନା ଶତପଥୀ।

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଜାହ୍ନବୀ ଦାସ ବାଣିଜ୍ୟରେ ୯୩.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ଶୀତିଲଗ୍ନା ଶତପଥି ବିଜ୍ଞାନରେ ୯୧.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ଦାସ ପ୍ରକାଶ କରିଛନ୍ତି। ଜାହ୍ନବୀ କୋରାପୁଟର ମହାଦେବ ଲାଇନର ତୁଳେଶ୍ୱର ଦାସ ଓ ପଦ୍ମାବତୀ ଦାସଙ୍କ ଝିଅ। କବି ରବି ଶତପଥୀ ଓ ବତଶେବା ତାଣ୍ଡିଙ୍କ ଝିଅ ଶୀତିଲଗ୍ନା।

## ଉନ୍ନତ କିସମ ଧାନଚାଷ ପାଇଁ ପରାମର୍ଶ

ମାଲକାନଗିରି, ୧୪।୫(ଦୁର୍ଯ୍ୟୋଧନ ପାତ୍ର)



ଅତିଥିମାନେ ଉନ୍ନତମାନର ଧାନ ଚାଷ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମା ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ଜିଲାର ବିଭିନ୍ନ ଅଞ୍ଚଳର ମହିଳା ଓ ପୁରୁଷ ଚାଷୀଙ୍କୁ ନେଇ ଉନ୍ନତମାନର ଧାନ ଚାଷ କରିବା ପାଇଁ ସମ୍ମିଳନୀରେ ପରାମର୍ଶ ଦିଆଯାଇଛି। ଉନ୍ନତମାନର ବିଭିନ୍ନ କିସମ ଧାନର ଉତ୍ପାଦନକାରୀ ସଂସ୍ଥା ଏହି ଧାନଚାଷ କଲେ ଏହା ଅମଳ ବୃଦ୍ଧି ସହ ସୁସ୍ୱାଦୁ ଖାଦ୍ୟ, ଚାଷୀ ବର୍ଷସାରା ବ୍ୟବହାର କରିବା ସହ ବଳକା ଧାନ ଉଚିତ ମୂଲ୍ୟରେ ବିକ୍ରିକରି ଲାଭବାନ ହୋଇପାରିବେ । ଏହି କିସମ ବିହନଗୁଡିକରେ ଅଧିକ ରସାୟନିକ ସାର କିମ୍ବା କୀଟନାଶକର ଆବଶ୍ୟକତା ନ ଥିଲା ବେଳେ ମାଟିର ଉର୍ବରତା ବୃଦ୍ଧି, ଜୈବିକ ଖତ ସାର, ଅଧିକ ଅମଳ ଚାଷୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବ । ଜିଲାରେ ଚାଷୀ ସୁବାଷ ଢାଲି, ଟିଏନ୍‌ଆର୍‌ଏଚ୍ ୫୭୮୬, ୨୧୫୬, ୫୫୨୭ କିସମର ବିହନରେ ଧାନ ଚାଷକରି ଅଧିକ ଉତ୍ପାଦନ କରିଥିବାରୁ ତ୍ରିମୂର୍ତ୍ତି ସଂସ୍ଥା ତରଫରୁ ଢାଲିଙ୍କୁ ସମ୍ମାନିତ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀମାନଙ୍କ କ୍ଷେତ୍ର ପରିଦର୍ଶନ, ଚାଷ ପ୍ରଣାଳୀ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯିବ ବୋଲି ସଂସ୍ଥା ନିର୍ଦ୍ଦେଶକ ସୁବୋଧ କୁମାର, କ୍ଷେତ୍ର ପରିଚାଳକ ଅଜିତ କୁମାର ବିଶ୍ୱାଳ, ଗଣେଶ ସାହା କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାର ୧୦୦ ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗ ଦେଇଥିଲେ ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ

ଦଶମନ୍ତପୁର,୧୪।୫(ଅରବିନ୍ଦ ନାୟକ)

**୩ ଦିନ ହେବ ଅନ୍ଧାରରେ ଲୁଲା ପଞ୍ଚାୟତ**


ଅଞ୍ଚଳବାସୀ ବିଦ୍ୟୁତ୍ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଲୁଲା ପଞ୍ଚାୟତରେ ୩ ଦିନ ହେବ ବିଦ୍ୟୁତ୍ ନ ଥିବାରୁ ଅଞ୍ଚଳବାସୀ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ବୁଧବାର ଅପରାହ୍ନରେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଥିବା ଜଣାପଡ଼ିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ କହିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ସେମାନେ କହିଛନ୍ତି। ବିଦ୍ୟୁତ ନ ଯୋଗାଇବା ଯାଏ ଅଫିସ ଛାଡି କୁଆଡ଼େ ଯିବୁ ନାହିଁ ବୋଲି ସଞ୍ଜୀବ କୁମାର ବିଷୋୟୀ, ଦୁଃଶାସନ ବିଷୋୟୀ, ସତ୍ୟବାନ ଭତ୍ରା, ବିଭିଷଣ ଗୌଡ ଓ ଯତିନ ବିଷୋୟୀ ପ୍ରମୁଖ କହିଛନ୍ତି। ବିଦ୍ୟୁତ ନ ଥିବାରୁ ଚଳିବାକୁ କଷ୍ଟ ହେଉଥିବା, ମୋବାଇଲ ଫୋନ ସୁଇଚ ଅଫ୍ ହୋଇଥିବା କହିଛନ୍ତି। ଜରୁରୀ ବାର୍ତ୍ତା ଥିଲେ କାହାକୁ ଯୋଗାଯୋଗ କରି ପାରୁ ନ ଥିବା, ଗର୍ଭବତୀଙ୍କୁ ଡାକ୍ତରଖାନାରେ ନେବା ପାଇଁ ଆମ୍ବୁଲାନ୍ସ ଡାକିବାରେ ଅସୁବିଧା ହେଉଥିବା ସେମାନେ କହିଛନ୍ତି। କେବଳ ସେତିକି ନୁହେଁ ବିଦ୍ୟୁତ ନ ଥିବାରୁ ପଞ୍ଚାୟତରେ ଚାଉଳ ପାଇଁ ହିତାଧିକାରୀମାନେ ଟିପ ଚିହ୍ନ ଦେବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ତେଣୁ ଆମକୁ ବିଦ୍ୟୁତ ଯୋଗାଇ ଦିଆଯାଉ ବୋଲି ସେମାନେ କହିଛନ୍ତି। ବିଦ୍ୟୁତ ବ୍ୟବହାର ପାଇଁ ଆମେ ମାସ ପାହିଲାରେ ବିଲ୍ ଟଙ୍କା ପୈଠ କରୁଛୁ। ବିଦ୍ୟୁତ ଯୋଗାଇ ଦେବାରେ ଅବହେଳା କାହିଁକି ହେଉଛି ବୋଲି ଲୁଲା, ତବଜା ଗୁଡା, ପଦୁଗୁଡା, ଘାଣ୍ଟି ଗୁଡା, କୁଦାଲ ଅଟାଲ ଓ ମରିଚ ମାଳ ଆଦି ଅଞ୍ଚଳବାସୀ କହିଛନ୍ତି। ଦୁଆରଶୁଣି ପଞ୍ଚାୟତ ଅଧୀନ ମୁଣ୍ଡିଗୁଡ଼ା, ଜଟିଆ ଗୁଡ଼ା, ବେନ୍ଦଲା ଆଦି ଅଞ୍ଚଳ ମଧ୍ୟ ଦୀର୍ଘ ଦିନରୁ ଅନ୍ଧାରରେ ଥିବା ଅଭିଯୋଗ ହୋଇଛି।

# ଜମି ଜାଲିଆତି କରି ଜେଲ ଗଲେ ତହସିଲ କିରାଣି

ମାଲକାନଗିରି,୧୪।୫
(ଦୁର୍ଯ୍ୟୋଧନ ପାତ୍ର)

ଜମି କିଣାବିକାରେ ଦଲିଲ ପ୍ରସ୍ତୁତ ଦାୟିତ୍ୱ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସ୍‌ର ଚିହ୍ନିତ ଦେବେ ମାଲକାନଗିରି ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର ଜଣେ ପୂର୍ବତନ କିରାଣି ତଥା ବର୍ତ୍ତମାନ କୁଦୁମୁଲୁଗୁମା ତହସିଲରେ କାର୍ଯ୍ୟରତ କୈଳାସ ଚନ୍ଦ୍ର ମହାନ୍ତି ଜମି କାଗଜପତ୍ର ଜାଲିଆତି କରି ବୁଧବାର ଗିରଫ ହୋଇଛନ୍ତି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ୧୧।୦୩।୨୦୧୧ରେ ମାଲକାନଗିରିର ଯଶୋବନ୍ତୀ ରଥ ତାଙ୍କ ଜମି ଅନ୍ୟ ଜଣଙ୍କ ନାମରେ ପଞ୍ଜା ହୋଇଥିବା ନେଇ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ୨୦୦୪ରେ ମାଲକାନଗିରି ନିବାସୀ ସେଫାଳୀ ବିଶ୍ୱାସଙ୍କଠାରୁ ଖାତା ନଂ. ୭୯/୭୨, ପ୍ଲଟ ନଂ ୧୭/୩୧୯ରେ ଏକ ଜମି କିଣିଥିଲେ। ପୂର୍ବରୁ ୨୦୧୫ରେ ଯଶୋବନ୍ତୀ ଆଉ ଏକ ଜମି ବାଲି ଅନ୍ନପୂର୍ଣ୍ଣାଙ୍କଠାରୁ କିଣିଥିଲେ। ତେବେ ଉକ୍ତ ଜମିର ଦଲିଲ କରିବା ସମୟରେ ସେଫାଳୀଙ୍କ ସ୍ୱାମୀ କୈଳାସ ଚନ୍ଦ୍ର ମହାନ୍ତି ମାଲକାନଗିରି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ କୈଳାସ ଯଶୋବନ୍ତୀ ରଥଙ୍କ ଦସ୍ତଖତ, ଚିହ୍ନ ଓ ଫଟୋ ଜାଲିଆତିକରି ୨୦୦୪ରେ ସେଫାଳୀ ଯଶୋବନ୍ତୀଙ୍କୁ ବିକ୍ରି କରିଥିବା ଜମିକୁ ପୁନର୍ବାର ସେଫାଳିଙ୍କ ନାମରେ କରାଇ ନେଇଥିଲେ। ଏ ନେଇ ଯଶୋବନ୍ତୀ ଜାଣିପାରି ନ ଥିଲେ। ୨୦୨୧ରେ ଖଜଣା ଦେବା ପାଇଁ ଆଇଡ଼ୀଆଇଙ୍କ କାର୍ଯ୍ୟାଳୟକୁ ଗଲାପରେ ଯଶୋବନ୍ତୀ ଘଟଣା ସମ୍ପର୍କରେ ଜାଣିଥିଲେ। ୨୦୦୪ରେ କିଣିଥିବା ଜମି ପୁନର୍ବାର ସେଫାଳୀ ବିଶ୍ୱାସ ଓରଫ ମହାନ୍ତିଙ୍କ ନାମରେ ପଞ୍ଜା ପରିବର୍ତ୍ତନ ହୋଇଛି। ଏହାକୁ ଆଧାରକରି ସେ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ୨୦୨୨ରେ ମାଲକାନଗିରି ଏସ୍‌ଡିଜେଏମ୍, ସବ୍‌ଜଜ୍ କୋର୍ଟ, ଉଚ୍ଚ ନ୍ୟାୟାଳୟରେ ମଧ୍ୟ ମାମଲା ଦାଏର କରିଥିଲେ। ଏହାକୁ ଆଧାରକରି ମାଲକାନଗିରି ଥାନା କେସ୍ ନଂ. ୪୭୪/୨୧ରେ ଦଲିଲରେ ସାକ୍ଷୀ ଦସ୍ତଖତ କରିଥିବା ବ୍ୟକ୍ତିବିଶେଷ ଓ କୈଳାସ ଚନ୍ଦ୍ର ମହାନ୍ତି, ତାଙ୍କ ସ୍ତ୍ରୀ ସେଫାଳୀ ମହାନ୍ତି ଓରଫ ବିଶ୍ୱାସଙ୍କ ବିଷୟରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିସହ କୈଳାସ ନେଇଥିବା ଦସ୍ତଖତ ଅସଲି ନା ନକଲି ତାହା ଜାଣିବା ପାଇଁ ଭୁବନେଶ୍ୱର ଲାବରେଟୋରିକୁ ପଠାଯାଇଥିଲା। ଲାବରେଟୋରିରେ ଦସ୍ତଖତ ନକଲି ବୋଲି ଜାଣିଲା ପରେ କୋର୍ଟଙ୍କ ଆଦେଶ କ୍ରମେ କୈଳାସ ଚନ୍ଦ୍ର ମହାନ୍ତିଙ୍କୁ ମାଲକାନଗିରି ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି।



ଗିରଫ କୈଳାସ ଚନ୍ଦ୍ର ମହାନ୍ତି ।

# ଗାଁ ନାମ ପରିବର୍ତ୍ତନ ପ୍ରସ୍ତାବକୁ ଗ୍ରାମସଭାରେ ବିରୋଧ

ମାଲକାନଗିରି, ୧୪।୫
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଥିବା ଏମ୍.ଭି. ଗ୍ରାମର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରସ୍ତାବକୁ ଗ୍ରାମସଭାରେ ୧୪ ଆଦିବାସୀ ସମାଜ ପକ୍ଷରୁ ବିରୋଧ କରାଯାଇଛି। ସଦର ବ୍ଲକ ଚାଲାଣଗୁଡା ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍ଗୀୟ ଭାଷାଭାଷୀଙ୍କ ବସ୍ତି ଏମ୍.ଭି. ନମ୍ବରରେ ନାମିତ ହୋଇଥିବା ଗ୍ରାମଗୁଡିକୁ ପରିବର୍ତ୍ତନକରି ନୂତନ ନାମରେ ନାମିତ କରିବା ସହ ରାଜସ୍ୱ ଗ୍ରାମ ଭାବେ ନାମିତ କରିବା ବିଷୟରେ ଆଲୋଚନା ହୋଇଥିଲା। ଚଲାଣଗୁଡା ପଞ୍ଚାୟତରେ ଥିବା ବଙ୍ଗୀୟ ସମ୍ପ୍ରଦାୟ ବାସ କରଥିବା ଏମ୍.ଭି. ୧, ଏମ୍.ଭି. ୪, ଏମ୍.ଭି. ୯, ଏମ୍.ଭି. ୪୪, ଏମ୍.ଭି. ୪୫ ଏହି ୫ ଗ୍ରାମର ନାମ ପରିବର୍ତ୍ତନ କରି ରାଜସ୍ୱ ଗ୍ରାମ ମାନ୍ୟତା କରାଇ ଦେବୁ ନାହିଁ ବୋଲି ଆନ୍ଦୋଳନ କରିଥିଲେ।

ମାଲକାନଗିରି ଜିଲାରେ ଭାଇଚାରା ରହିଛି। ଏମ୍.ଭି. ଗ୍ରାମ ପରିବର୍ତ୍ତନ କରିବା ଓ ରାଜସ୍ୱ ଗ୍ରାମ ମାନ୍ୟତା ହେଲେ ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିବ । ତେଣୁ ସରକାରଙ୍କ ଏହି ବ୍ୟବସ୍ଥା ଓ ପ୍ରସ୍ତାବକୁ ଆଦିବାସୀ ସମାଜ ପକ୍ଷରୁ ବିରୋଧ କରାଯାଇଛି। ପ୍ରକାଶ ଯେ, ୧୯୭୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବାଙ୍ଗାଲାଦେଶର କେତେକ ଶରଣାର୍ଥୀଙ୍କୁ ମାଲକାନଗିରି ଜିଲାରେ ଥଇଥାନ କରିଥିଲେ। ଏମାନେ ଯେଉଁ ସ୍ଥାନରେ ରହିଲେ ସେହି ସ୍ଥାନକୁ ଏମ୍.ଭି. ନମ୍ବର (ମାଲକାନଗିରି ଭିଲେଜ ନଂ) ଭାବେ ନାମିତ କରାଯାଇଥିଲା। ମାଲକାନଗିରି ଜିଲାରେ ଏହି ଏମ୍.ଭି. ନମ୍ବର ନାମରେ ପ୍ରାୟ ୨୦୦ ଗ୍ରାମ ରହିଥିବା ବେଳେ ଗତ ନିର୍ବାଚନ ସମୟରେ ଭାଜପା ଏହି ଗ୍ରାମଗୁଡିକୁ ନୂତନ ନାମ ଓ ରାଜସ୍ୱ ଗ୍ରାମ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ଏହାଦ୍ୱାରା ଅସୁବିଧା ସୃଷ୍ଟି ହେବ ବୋଲି ଆଦିବାସୀ ସମାଜ ତରଫରୁ ଦାବି କରିବା ସହ ଏହାକୁ ବିରୋଧ କରିଛନ୍ତି।

ସେହିପରି ଗତ ଦୁଇଦିନ ପୂର୍ବେ ସେରପାଲୀ ପଞ୍ଚାୟତର ଗ୍ରାମସଭାରେ ଏହି ପ୍ରସ୍ତାବକୁ ବିରୋଧ କରାଯାଇଥିବାବେଳେ ପଦ୍ମଗିରି ପଞ୍ଚାୟତ, କାଲିମେଳା ବ୍ଲକ, ପଡିଆ ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ପଲ୍ଲିସଭାରେ ଏହି ପ୍ରସ୍ତାବକୁ ବଙ୍ଗୀୟମାନେ ସମର୍ଥନ କରୁଥିବା ବେଳେ ଆଦିବାସୀ ଗ୍ରାମଗୁଡିକରେ ଏହାକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ଚଲାଣଗୁଡା ଗ୍ରାମସଭାରେ ସରପଞ୍ଚ ଅରକ୍ଷିତ ନାୟକ, ପଞ୍ଚାୟତ ନର୍ବାହୀ ଅଧିକାରୀ ଦୟାନିଧି ନିମାଲ, ରାଜସ୍ୱ ନିରୀକ୍ଷକ ପଦ୍ମାବତୀ ସରକାର, ନାଏବ ସରପଞ୍ଚ ସୁନାମଣୀ କିସକୁଙ୍କ ୧୬ ରାଜସ୍ୱ ଗ୍ରାମର ୱାର୍ଡମେମ୍ବର, ସମିତି ସଭ୍ୟ ଓ ୫ ଏମ୍.ଭି,. ଗ୍ରାମର ବଙ୍ଗୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ରଗେ ପୁଷପାଲୀ ଗାଁରେ ପହଞ୍ଚି ସମସ୍ୟା ବୁଝିଲେ ଅଧିକାରୀ

ଧରିତ୍ରୀ ପ୍ରଭାବ



ଗ୍ରାମରେ ପହଞ୍ଚି ଅଧିକାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କୋରୁକୋଣ୍ଡା,୧୪।୫(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ରଗେ ପୁଷପାଲୀ ଗ୍ରାମରେ ବାସ କରୁଥିବା ୩୫ ରୁ ଊର୍ଦ୍ଧ୍ୱ ପରିବାରର ୨୦୦ ରୁ ଊର୍ଦ୍ଧ୍ୱ ଆଦିବାସୀ ଦୀର୍ଘ ବର୍ଷଧରି ରହି ଆସୁଛନ୍ତି। ପକ୍କା ରାସ୍ତା, ଡ୍ରେନ୍,ଶିକ୍ଷା, ପ୍ରାକ୍ ଶିକ୍ଷା ଓ ନାଳରେ ଆବଶ୍ୟକତା ଥିବା ପୋଲ ନିର୍ମାଣ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଗତ ୧୧ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ମାଲକାନଗିରି ଜିଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁ, ତାର୍ଲାକୋଟା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ନାୟକ, ଭକ୍ତ ରାମ ମାଣ୍ଡି, କନିଷ୍ଠଯନ୍ତ୍ରୀ କାର୍ତ୍ତିକ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଗ୍ରାମରେ ପହଞ୍ଚି ରାସ୍ତାଘାଟ, ପାନୀୟ ଜଳ ପ୍ରକଳ୍ପ ଓ ଡ୍ରେନ ଇତ୍ୟାଦି ବୁଲି ଦେଖିଥିଲେ। ଜିଲା ପ୍ରଶାସନ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଗ୍ରାମରେ ଲାଗି ରହିଥିବା ସମସ୍ୟାର ତୁରନ୍ତ ପର୍ଯ୍ୟାୟ କ୍ରମେ ସ୍ଥାୟୀ ସମାଧାନ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

# ସ୍କୁଟି ଦେବୁ କହି ୨ ମହିଳାଙ୍କଠାରୁ ଟଙ୍କା ଠକେଇ, ୩ ଗିରଫ

କୋରୁକୋଣ୍ଡା, ୧୪।୫(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳର ୨ ମହିଳାଙ୍କଠାରୁ ସ୍କୁଟି ଦେବୁ କହି ଟଙ୍କା ଠକେଇ ଅଭିଯୋଗରେ ୩ ସାଇବର ଲୁଟେରାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲା ବାଲିକୁଦା ଥାନା ବୋରିକିନା ଅଞ୍ଚଳର ନୀହାର ରଞ୍ଜନ ସାହୁ, ସୁଶୀଲ ମହାନ୍ତି ଏବଂ ନାରାୟଣ ସେନାପତି । ଏମାନେ ବାଲିମେଳା ସହରର ଡ୍ରଗ୍ ଲାଇନ୍‌ରେ ରହୁଥିବା ସତ୍ୟବାଦୀ ଦଣ୍ଡପାଟ(୬୦)ଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ବିଏସ୍‌ଏନ୍‌ଏଲ ବିଭାଗ କର୍ତ୍ତୃପକ୍ଷ ବୋଲି ପରିଚୟ ଦେଇ ଲଟେରୀରେ ତୁମର ଏକ ସ୍କୁଟି ଉଠିଥିବା ଫୋନ ଆସିଥିଲା। ଡେଲିଭରି ଚାର୍ଜ ବାବଦକୁ ଆମକୁ ୧୦,୫୦୦ ଟଙ୍କା ଦେଲେ ଜଣେ ଚାଳକ ସ୍କୁଟି ନେଇ ଘରେ ପହଞ୍ଚାଇ ଦେବ ବୋଲି କହିବା ସହିତ ଫୋନ ପେ ନମ୍ବର ଦେଇଥିଲେ। ତାଙ୍କ କଥାକୁ ସତ୍ୟବାଦୀ ବିଶ୍ୱାସକରି ଉକ୍ତ ଫୋନ ପେ ନମ୍ବରରେ ଟଙ୍କା ପଠାଇଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କ ଫୋନ ଦୀର୍ଘ ଦିନଧରି ବନ୍ଦ ରହିଥିଲା। ସନ୍ଦେହ ହେବାରୁ ସତ୍ୟବାଦୀ ୨୪।୪।୨୫ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୭/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ସେହିପରି ପୁନର୍ବାର ଉକ୍ତ ବ୍ୟକ୍ତିମାନେ ସମାନ କଥାକହି ଆଉ ଜଣେ ମହିଳା ସୌଦାମିନୀ ଭୂୟାଁଙ୍କୁ ସ୍କୁଟି ଦେବେ କହି ତାଙ୍କଠାରୁ ମଧ୍ୟ ଟଙ୍କା ଲୁଟି ନେଇଥିଲେ। ଏହି ଅଭିଯୋଗକୁ ନେଇ ଥାନାରେ ୯।୫।୨୫ ରେ ନଂ.୧୪୦/୨୫ ରେ ପୋଲିସ ଆଉ ଏକ ମାମଲା ରୁଜୁ କରିଥିଲା। ଏହି ସାଇବର ଠକେଇ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଜଗତସିଂହପୁର ଜିଲାରେ ପହଞ୍ଚି ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ସହ ନଗଦ ୧୫ ହଜାର ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି ।



ଗିରଫ ୩ ଅଭିଯୁକ୍ତ ।

# ୨୯ ଜଣ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ ପାଇଁ ଭୁବନେଶ୍ୱର ଗଲେ




ବସ୍ ନିକଟରେ ଅତିଥିଙ୍କ ସହ ଯୁବତୀ ଯୁବକ ।

ମାଲକାନଗିରି, ୧୪।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ ତରଫରୁ ଭୁବନେଶ୍ୱରଠାରେ ଥିବା ବିଶ୍ୱ ଦକ୍ଷତାକେନ୍ଦ୍ର ପରିଦର୍ଶନ ପାଇଁ ୨୯ ଜଣ ଯୁବତୀଯୁବକଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପଠାଯାଇଛି। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏମାନେ ଶିଶୁ ଗୃହ ଓ ସଖୀ ଗୃହରେ ଛୋଟ ବୟସରୁ ରହି ଶିକ୍ଷା ଗ୍ରହଣ କରିବା ସହ ସେମାନଙ୍କ ରହିବା ଖାଇବା ଇତ୍ୟାଦି ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ଶିକ୍ଷିତ ହୋଇ ନିଜ ଅଞ୍ଚଳରେ ବେକାରି ରହୁଥିବା ବେଳେ ସେମାନଙ୍କୁ କିପରି କର୍ମନିଯୁକ୍ତି ଦିଆଯାଇପାରିବ ସେଥିପାଇଁ ଭୁବନେଶ୍ୱରଠାରେ ଥିବା ବିଶ୍ୱଦକ୍ଷତା କେନ୍ଦ୍ରରେ ୨ ଦିନ ରହି ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି ଏବଂ ସେହି ଶିକ୍ଷା ଗ୍ରହଣ କଲା ପରେ ଏମାନେ କେଉଁ ବିଷୟରେ ନିଜ ନିଜର ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ଜ୍ଞାନ ଆରୋହଣ କରିବେ ସେ ବିଷୟରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ଯୁବତୀଯୁବକମାନଙ୍କ ନିଜ ନିଜର ଦକ୍ଷତା ହିସାବରେ ଆଗାମୀ ଦିନରେ ଏକବର୍ଷ ଶିକ୍ଷା ଦିଆଯିବ । ଶିକ୍ଷା ଗ୍ରହଣ ପରେ ଏମାନଙ୍କୁ ନିଯୁକ୍ତି କରାଯିବ ବୋଲି ଦାସ କହିଥିଲେ।

# ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର ଉଦ୍‌ଯାପିତ




ଅତିଥିଙ୍କ ସହ ମାନପତ୍ର ପାଇଥିବା ପ୍ରତିଯୋଗୀ ।

କୋରୁକୋଣ୍ଡା,୧୪।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ଏନ୍‌ଏସି ଅଧୀନରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର ଏପ୍ରିଲ ୨୫ରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଛି । ଏଥିରେ ୮ ବର୍ଷରୁ ୧୬ ବର୍ଷ ବୟସ ପ୍ରାୟ ପ୍ରାୟ ୫୦ ଖେଳାଳି ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନଗରପାଳ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିବଦତ୍ତ ସାହୁ ଓ ଶୁଭାଶିଷ କର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଲକ୍ଷ୍ମୀକାନ୍ତ ପୂଜାରୀଙ୍କ କହିବା ଅନୁସାରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କିଭଳି ଭାବରେ ଏହି ଅଞ୍ଚଳର ଖେଳାଳିଙ୍କ ପ୍ରତିଭା ଆଗକୁ ଯାଇପାରିବ । ଆଗାମୀ ଦିନରେ ଏହି ଖେଳାଳିମାନେ ଜିଲା ଏବଂ ରାଜ୍ୟସ୍ତରରେ ନିଜ ନାମ ଏବଂ ଅଞ୍ଚଳର ସୁନାମ ଆଣିପାରିବେ। ବିଗତ ଦିନରେ ବାଲିମେଳରୁ ବହୁତ ଖେଳାଳି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଖେଳରେ ଭଲ ପ୍ରଦର୍ଶନ କରିଛନ୍ତି । ଏଥିସହ ନାୟକ କହିଥିଲେ, ଭଲ ଖେଳାଳି ହେବାକୁ ହେଲେ ସହନଶୀଳତା ସହିତ ଏକାଗ୍ରତାର ଆବଶ୍ୟକତା ରହିଛି। ଶେଷରେ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପ୍ରଶିକ୍ଷକ ପୂଜାରୀ ପରିଚାଳନା କରିବା ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।


No.A-158

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE - II, CHANDIKHOLE**
Email ID : seec2chandikhole@gmail.com

**"e" Procurement Notice No. ACE, EC-II 02 of 2025-26 (On-line)**

| | | | |
|---|---|---|---|
| 1 | Name of Work | : | Work list attached in the Technical Bid Document |
| 2 | Total No. of Package | : | 32 nos. individual package |
| 3 | Tender Cost of Packages varies from | : | Rs. 227.73 Lakhs to Rs. 466.49 Lakhs |
| 4 | Cost of Bid Document | : | Rs. 10,000/- (On-line Payment) |
| 5 | Bid Security varies from | : | Rs. 2,27,800/- to Rs. 4,66,500/- |
| 6 | Class of Contractor | : | "A" Class for Sl. No. 1 & "B" & "A" Class for Sl.No.2 to 32 of Work list attached in the Bid Document |
| 7 | Period of completion | : | 06 (Six) Calendar months for all packages |

8. Other details are as follows

| Procurement Officer | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II. Chandikhole | 16.05.2025 at 10 A.M. | 30.05.2025 up to 5.00 P.M. | 31.05.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer
Eastern Circle-II, Chandikhole
OIPR-32322/11/0016/2526

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025018, ତା.06.05.2025ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନରେ ପୁରୀ ଷ୍ଟେସନ ୟାର୍ଡରେ ପ୍ଲାଟଫର୍ମ ସଂଖ୍ୟା 7 ଏବଂ 8 ପାଇଁ ବାଲାଷ୍ଟ ରହିତ ଟ୍ରାକ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1007.60 ଲକ୍ଷ, EMD : ₹ 6,53,800.00, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.06.2025ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୂର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-22/CI/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୨୮-୨୦୨୫, ତାରିଖ: ୧୪।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ: ରାଞ୍ଚି ମଣ୍ଡଳର ବିଭିନ୍ନ ସେତୁର ଫିଟିଙ୍ଗସ୍ ସମେତ ଏଚ୍-ବିମ୍ ସ୍ଲିପର ସହ ବିଦ୍ୟମାନ ଷ୍ଟିଲ୍ ଚ୍ୟାନେଲ ସ୍ଲିପରର ନବୀକରଣ। ଟେଣ୍ଡର ମୂଲ୍ୟ: ₹୫,୨୩,୪୧,୨୨୯.୫୨ । ଇଏମ୍‌ଡି ମୂଲ୍ୟ: ₹୪,୧୧,୭୦୦/-। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୯।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ।
(PR-159)

**ଦ.ପୂ. ରେଳପଥ – ଟେଣ୍ଡର**
ଏକକ ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟିପିକେଆର୍-ସିଏଏମ୍‌ସି-ଏମ୍‌ଇଏମ୍‌ୟୁ-୨୬୧୮୧୧, ତାରିଖ: ୧୩।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଇଏମ୍‌ୟୁ କାର୍‌ଶେଡ୍, ଟିକିଆପଡ୍ଡା, ଦକ୍ଷିଣପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ୦୫ ବର୍ଷ ଅବଧି ପାଇଁ ଅଲ୍‌ଷ୍ଟୋମ୍ ଟ୍ରାନ୍ସପୋର୍ଟେଶନ୍ ଲିମିଟେଡ୍, ବେଙ୍ଗାଲୁରୁ ସହିତ ଏମ୍‌ଇଏମ୍‌ୟୁର ୩ ଫେଜ୍ ପ୍ରପଲ୍‌ସନ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷାବେକ୍ଷଣ ଠିକା (ସିଏଏମ୍‌ସି) । ଟେଣ୍ଡର ମୂଲ୍ୟ: ₹୧୪,୬୬,୨୭,୯୨୩ । ଇଏମ୍‌ଡି: ₹୮,୮୩,୧୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦/- । ଖୋଲାଯିବା ତାରିଖ: ତା୦୭।୦୬।୨୦୨୫ରିଖ । ସମାପ୍ତି ଅବଧି: ୬୦ ମାସ । ଦାଖଲର ତାରିଖ: ତା୦୭।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
(PR-153)

**जिला अभियंता का कार्यालय , जिला परिषद, रामगढ़**
**अति अल्पकालीन निविदा आमंत्रण सूचना**
ई–निविदा सं० :– *ZP/RAMGARH/01/2025-26*
मद :– पर्यटन
कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | पतरातु | BEAUTIFICATION OF PATRATU LAKE | 3,91,99,600.00 | 7,84,000.00 | 10000.00 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 17.05.2025
2. ई–निविदा डालने / प्राप्ति की तिथि एवं समय – दिनांक 17.05.2025 से दिनांक 23.05.2025 अपराह्न 04:00 बजे तक।
3. निविदा खोलने की तिथि एवं समय – दिनांक 24.05.2025 को अपराह्न 04:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा *Double Bid* पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।

ह० / –
जिला अभियंता,
जिला परिषद, रामगढ़
PR 352355 District(25-26)#D

See Career Appointment on every Wednesday & Saturday

राष्ट्रीय सहकारी विकास निगम
NCDC
*Assisting Cooperatives. Always!*
सहकारिताओं की सहायता में सदैव तत्पर
International Year of Cooperatives 2025
Cooperatives Build a Better World
ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ
**ସହକାର ଟ୍ୟାକ୍ସି ପ୍ରୋଜେକ୍ଟ ପାଇଁ ଏକ ଅନ୍‌ଲାଇନ୍ କ୍ୟାବ୍ ଆଗ୍ରିଗେସନ୍ ସମାଧାନର ଡିଜାଇନ୍, ବିକାଶ, କାର୍ଯ୍ୟାନ୍ୱୟନ ଓ ସଞ୍ଚାଳନ ଲାଗି ଟେକ୍ନୋଲୋଜି ପାର୍ଟନରଙ୍କ ଅନ୍‌ବୋର୍ଡିଂ**
ନିମନ୍ତେ ଟେଣ୍ଡର ଆହ୍ୱାନ କରୁଛି
ପ୍ରାକ୍ ବିଡ୍ ବୈଠକ: ୨୩ ମେ, ୨୦୨୫ ଦାଖଲର ଶେଷ ତାରିଖ: ୨୫ ଜୁନ୍, ୨୦୨୫
ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: https://ncdc.in

**कार्यालय कार्यपालन अभियंता, ग्रामीण यांत्रिकी सेवा संभाग जशपुर, जिला-जशपुर, (छत्तीसगढ़)**
Phone: 9424242409, e-mail ID: ee-res.jashpur@nic.in
**''निविदा आमंत्रण सूचना''**
क्रमांक / 195 / वलेलि / ग्रा.यां.से / 2025-26 जशपुर, दिनांक: 09.05.2025

छत्तीसगढ़ के राज्यपाल की ओर से लोक निर्माण विभाग छत्तीसगढ़ में एकीकृत पंजीयन प्रणाली के अंतर्गत ''बी'' एवं उच्च श्रेणी में पंजीकृत सिविल ठेकेदारों से ग्रामीण यांत्रिकी सेवा के निम्नलिखित निर्माण कार्य हेतु प्रतिशत दर पर ऑनलाईन निविदा आमंत्रित की जाती है:-

| क्र. | कार्य का विवरण | अनुमानित लागत (रूपए लाख में) | निविदा डाउनलोड करने की अंतिम तिथि | अमानत राशि सत्यनिष्ठा संधि एवं तकनीकी दस्तावेज स्पीड पोस्ट से जमा करने की तिथि |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of 200 MT Godown, Covered shed with Platform, Boundary Wall, Common Toilet, approach concrete road and Kisan Bhavan at New Paddy purchasing centre Gala/Pathalgaon/Kilkila, Dist.: Jashpur (2nd Call) | 243.366 | 19.05.2025 | 20.05.2025 17.30 P.M. |
| 2 | ------------------- do ------------------ Kerakachhar / Tamta / Gharjiyabathan, Dist.: Jashpur (2nd Call) | 227.723 | 19.05.2025 | 20.05.2025 17.30 P.M. |
| 3 | ------------------- do ------------------ Kotba / Bagbahar / Jamjhor / Surangpani, Dist.: Jashpur (2nd Call) | 314.405 | 19.05.2025 | 20.05.2025 17.30 P.M. |
| 4 | ------------------- do ------------------ Dumarbahar / Ludeg / Kodri / Pangsua, Dist.: Jashpur (2nd Call) | 261.599 | 19.05.2025 | 20.05.2025 17.30 P.M. |
| | TOTAL | 1047.093 | | |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, विस्तृत निविदा विज्ञपित, निविदा दस्तावेज व अन्य जानकारी दिनांक 09.05.2025 से कार्यालयीन समय में उपस्थित होकर एवं विभागीय वेबसाईट https://eproc.cgstate.gov.in/ से प्राप्त की जा सकती है।

स्वा. / - कार्यपालन अभियंता, ग्रामीण यांत्रिकी सेवा संभाग, जिला: जशपुर
G-252600814/1

**ଟେଣ୍ଡର ନୋଟିସ**
**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**
ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା (ତା୦୧.୦୬.୨୦୨୫ ଠାରୁ ତା୩୧.୦୩.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଦୀପ ଦୋକାନ ପାଇଁ ଟେଣ୍ଡର, ଆସନ୍ତା ତା୨୮.୦୫.୨୦୨୫ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା୧୬.୦୫.୨୦୨୫ରିଖଠାରୁ ତା୨୦.୦୫.୨୦୨୫ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା୨୬.୦୫.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା-ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ) ପୋ-ବିଜେବି ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍-୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ। ତା୨୮.୦୫.୨୦୨୫ରିଖ ଦିବା ୧୨(ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।
ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

ତଫସିଲ ନଂ-୧
ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|
| ୧. ଘିଅ ଦୀପ ଦୋକାନ | ଟ.୮୭,୧୩,୮୩୩/- | ଟ.୮,୭୧,୩୮୩/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**
୧. ଘିଅ ଦୀପ ଦୋକାନ ପାଇଁ ଦୀପର ସର୍ବନିମ୍ନ ମୂଲ୍ୟ ଟ.୧୦/- (ଦଶ ଟଙ୍କା ମାତ୍ର) ରଖିବାକୁ ହେବ।
ବି.ଦ୍ର. : ଦୀପରେ ବ୍ୟବହୃତ ଘିଅ କେବଳ ଅମୁଲ/ଓମ୍ଫେଡ଼ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ।
ସ୍ୱାକ୍ଷର - କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

**ବିଶ୍ୱଜିତ ନାଏକ ହତ୍ୟା ମାମଲା**

# ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ଦେଇଥିଲେ



ତାଳଚେର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏବଂ ଅଭିଯୁକ୍ତ ଆନନ୍ଦ ନାଏକ।

## ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ହତ୍ୟା

ତାଳଚେର,୧୪।୫ (ମନୋଜ ନନ୍ଦ)

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ସୃଷ୍ଟ ଶତ୍ରୁତାରୁ ଅନୁଗୋଳ ଜିଲା ତାଳଚେର ବ୍ଲକ କଲିୟାରୀ ଥାନା ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକ (୨୫)ଙ୍କୁ ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିଲା। ଗତ ଏପ୍ରିଲ ୨୭ ତାରିଖରେ ତାଳଚେର ଥାନା ଶିବରାମପୁର ଗ୍ରାମ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ହୋଇଥିଲା। ତେବେ ଘଟଣାର ତଦନ୍ତ ପରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ବୁଧବାର ଜଣେ ଅଭିଯୁକ୍ତ ଆନନ୍ଦ ନାଏକଙ୍କୁ ତାଳଚେର ପୋଲିସ ଗିରଫ କରିବା ସହ ଏହି ହତ୍ୟା ମାମଲା ଉପରୁ ପରଦା ହଟାଇଛି।

ତାଳଚେର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଏପ୍ରିଲ ୨୭ ଅପରାହ୍ନ ୧ଟା ୩୦ରେ ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ଘରେ ଖାଉଥିବା ସମୟରେ ଏକ ଫୋନ କଲ୍ ପାଇଥିଲେ। ଏହାପରେ ସେ ହାଟତୋଟା ଯାଉଥିବା କହି ସ୍କୁଟି (ନଂ. ଓଡି୩୫ଜି-



ବିଶ୍ୱଜିତ ନାଏକ

୯୫୨୩)ରେ ଘରୁ ବାହାରି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବାରମ୍ବାର ଫୋନ କରି ଉତ୍ତର ପାଇ ନ ଥିଲେ। ଫଳରେ ବିଶ୍ୱଜିତଙ୍କ ବାପା ବିମଳ ନାଏକ କଲିୟାରୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗତ ୫ ତାରିଖରେ ଶିବରାମପୁର ଗ୍ରାମ ପାଖ ରାସ୍ତା କଡ଼ ନାଳ ଭିତରେ ଏକ ଗଳିତ ମୃତଦେହ ସହ ସ୍କୁଟି ପଡ଼ିଥିବା ଖବର ମିଳିଥିଲା। ପୋଲିସଠାରୁ ସୂଚନା ପାଇ ବିମଳ ସେଠାରେ ପହଞ୍ଚି ମୃତଦେହ ପୁଅ ବିଶ୍ୱଜିତଙ୍କର ବୋଲି ଚିହ୍ନଟ କରିବା ସହ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ତାଳଚେର ପୋଲିସ ନଂ.୧୬/୨୦୨୫ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ଏସ୍‌ଆଇ ତୁଷାରକାନ୍ତ ମହାନ୍ତି, ଏସ୍‌ଆଇ ଦେବବ୍ରତ ନାୟକ. ଏସ୍‌ଆଇ ସତ୍ୟବ୍ରତ ରାଉତ, ଏସ୍‌ଆଇ ପୁଲିନିକୁମାର ପ୍ରଧାନ, ଏସ୍‌ଆଇ ସରୋଜିନୀ ବେହେରା ଉପସ୍ଥିତ ଥିଲେ।

### ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ହୋଇଥିଲା ଯୋଜନା

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅଭିଯୁକ୍ତ ଆନନ୍ଦ ନାଏକ ଓ ସତ୍ୟପ୍ରକାଶ ନାଏକଙ୍କ ସହିତ ବିଶ୍ୱଜିତଙ୍କ ପୂର୍ବ ଶତ୍ରୁତା ଥିଲା। ତେଣୁ ଆନନ୍ଦ ଓ ସତ୍ୟପ୍ରକାଶ ମିଶି ବିଶ୍ୱଜିତଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେମାନେ ଏକ ବେନାମୀ ସିମ୍ ଓ ନୂଆ ମୋବାଇଲ କିଣି ଏପ୍ରିଲ ୨୫ରୁ ବିଶ୍ୱଜିତଙ୍କ ସହିତ କଥା ହେଉଥିଲେ। ୨୭ ତାରିଖରେ ଆନନ୍ଦ ଓ ସତ୍ୟପ୍ରକାଶ ବିଶ୍ୱଜିତଙ୍କୁ ଫୋନ କରି ଦେଉଳବେଡ଼ା ଗ୍ରୀନ ଗ୍ରାସ୍ ଷ୍ଟାଡିୟମ ପାଖକୁ ଡାକିଥିଲେ। ସେଠାରେ ଆନନ୍ଦ, ସତ୍ୟପ୍ରକାଶ ଓ ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ କାର୍ (ନଂ. ଓଡି ୩୩ କ୍ୟୁ ୮୯୮୯)ରେ ଅପେକ୍ଷା କରିଥିଲେ। ବିଶ୍ୱଜିତ ସ୍କୁଟିରେ ପହଞ୍ଚିବା ପରେ ତାଙ୍କୁ ଆନନ୍ଦ ଓ ସତ୍ୟପ୍ରକାଶ କାର୍‌ରେ ନେଇ ଏକଡାଳ ଗ୍ରାମ ଜଙ୍ଗଲକୁ ଯାଇଥିଲେ। ବିଶ୍ୱଜିତଙ୍କ ସ୍କୁଟି ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ ଚଳାଉଥିଲେ। ଏକଡାଳ ଜଙ୍ଗଲରେ ସେମାନଙ୍କ ସହ ସତ୍ୟପ୍ରକାଶଙ୍କ ଆଉ ୨ ସାଙ୍ଗ ଏକତ୍ରିତ ହୋଇଥିଲେ। ସନ୍ଧ୍ୟାରେ ସେମାନେ ବିଶ୍ୱଜିତଙ୍କୁ ଶିବରାମପୁର ଗ୍ରାମ ପାଖକୁ ନେଇ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ ପଛ ଚକା ତଳେ ଶୁଆଇ ଚାଳକଙ୍କୁ ଧମକ ଦେଇ ଗାଡ଼ି ନେଇ ପଳାଇବାକୁ କହିଥିଲେ। ଫଳରେ ଟ୍ରକ୍‌ର ପଛ ଚକା ବିଶ୍ୱଜିତଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ରାସ୍ତାକଡ଼ ନାଳ ଭିତରକୁ ବିଶ୍ୱଜିତଙ୍କ ମୃତଦେହ ସହ ସ୍କୁଟି ଫୋପାଡ଼ି ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପୁଲିନ କୁମାର ପ୍ରଧାନ ଏ ସମ୍ପର୍କରେ ତାଳଚେର ଥାନା ଅଧିକାରୀଙ୍କୁ ବୁଧବାର ଲିଖିତ ଭାବେ ଜଣାଇବା ପରେ ତାଳଚେର ଥାନାରେ ନଂ. ୩୮୭/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ତଦନ୍ତ ଭାର ନେଇଥିଲେ। ଯଥେଷ୍ଟ ପ୍ରମାଣ ସଂଗ୍ରହ ପରେ ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରାଯାଇଥିଲା।

# ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୨୮ରେ ରାୟ

ପାଟଣାଗଡ଼/ବଲାଙ୍ଗୀର, ୧୪।୫ (ସଚ୍ଚିଦାନନ୍ଦ ମହାକୁର/ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍‌ଙ୍କ(ଏଡିଜେ)କୋର୍ଟରେ ଚାଲିଥିବା ବହୁଚର୍ଚ୍ଚିତ ୨୦୧୮ ଫେବୃଆରୀ ୨୩ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଆସନ୍ତା ୨୮ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବୁଧବାର ବିତର୍କ ପ୍ରକ୍ରିୟା ଶେଷ ହେବା ପରେ ପାଟଣାଗଡ଼ ଏଡିଜେ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ଉକ୍ତ ମାମଲାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କଠୋର ଦଣ୍ଡବିଧାନ ହେବ ନା ସେ ଅଭିଯୋଗରୁ ମୁକୁଳିଯିବେ ତାକୁନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବିତର୍କ ବୁଧବାର ଶେଷ ହୋଇଛି। କୋର୍ଟରେ ଉଭୟ ପକ୍ଷର ଓକିଲ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯାହା ସବୁ ତଥ୍ୟ ପ୍ରମାଣ ମିଳିଥିଲା ତାକୁ ନେଇ ବିତର୍କ ଉପସ୍ଥାପନ କରିଥିଲେ। ପୀଡ଼ିତ ପରିବାର ନ୍ୟାୟ ପାଇବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଅଭିଯୁକ୍ତଙ୍କ ଓକିଲ ପ୍ରମୋଦ ମିଶ୍ର ମଧ୍ୟ କୋର୍ଟରେ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ସେ ଚ୍ୟାଲେଞ୍ଜ କରିଥିଲେ। କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା ଦେଖାଯାଇଥିଲା।

# ଏସ୍‌ପିଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଏସ୍‌ଡିପିଓ

ଜଳେଶ୍ୱର, ୧୪।୫ (ନବୀନ ସାହୁ)

ଜଣେ ପୋଲିସ ଅଧିକାରୀଙ୍କୁ ଉପରିସ୍ଥ ଅଧିକାରୀ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କୁ ଯଦି ନ୍ୟାୟ ନ ମିଳିବ ତେବେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଲେଶ୍ୱର ଏସ୍‌ପି ରାଜପ୍ରସାଦଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ। ତାଙ୍କ ପ୍ରତି ବାରମ୍ବାର ଆକ୍ଷେପମୂଳକ ଓ ଅପମାନଜନକ ବ୍ୟବହାର ପ୍ରଦର୍ଶନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଚାକିରିରୁ ନିଲମ୍ବନ ଧମକ ଦିଆଯାଉଛି ବୋଲି ବ୍ରଜମୋହନ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ସମାଧାନ କରା ନ ଗଲେ ସେ ଆତ୍ମହତ୍ୟା ଭଳି ଚରମପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ଏସ୍‌ଡିପିଓ ବ୍ରଜମୋହନଙ୍କ ଅଭିଯୋଗ ଅନୁଯାୟୀ, ଏସ୍‌ପି ତାଙ୍କ ଉପରେ ଅଧିକ ଦାୟିତ୍ୱ ଲଦି ଦେବା ସହ ବିଭିନ୍ନ ବୈଠକରେ ଅନ୍ୟ ଅଧସ୍ତନ କର୍ମଚାରୀଙ୍କ ଆଗରେ ବାରମ୍ବାର ଅପମାନିତ କରୁଛନ୍ତି। ସେ ଏବେ ବାଲେଶ୍ୱର ହେଡକ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବା ବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱରେ ଅଛନ୍ତି। ସେ ବାରମ୍ବାର ମନା କରିବା ସତ୍ତ୍ୱେ ତାଙ୍କୁ ଏସ୍‌ଡିପିଓ ଦାୟିତ୍ୱ ଦିଆଯାଇଛି। ୫୮ବର୍ଷ ବୟସରେ ସେ ଜଳେଶ୍ୱରରୁ ବାଲେଶ୍ୱର ଯିବା ଏବଂ ହେଡକ୍ୱାର୍ଟର କାର୍ଯ୍ୟରେ ଯୋଗଦେବା ପାଇଁ ଅସୁବିଧା ହେଉଛି।



ଚିକିତ୍ସାଧୀନ ଏସ୍‌ଡିପିଓ ବ୍ରଜ ମୋହନ ପ୍ରଧାନ।

## ଆତ୍ମହତ୍ୟା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖିଲେ

### ମେଡିକାଲରେ ଭେଟିଲେ ଡିଆଇଜି

ଗତ ମାସ ୪ ତାରିଖରେ ସେ ଜଳେଶ୍ୱର ଏସ୍‌ଡିପିଓ ଦାୟିତ୍ୱରେ ରହିବା ପାଇଁ ଅସମର୍ଥତା ପ୍ରକାଶ କରିଥିଲେ। କାରଣ ତାଙ୍କୁ ମୁଖ୍ୟାଳୟ କାର୍ଯ୍ୟ ପାଇଁ କୌଣସି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜିତ କରାଯାଇ ନ ଥିଲା। ଏସ୍‌ପି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜନ କରିବା ବଦଳରେ ତାଙ୍କୁ ଚାକିରି ଛାଡ଼ିବାକୁ ଧମକ ଦେଇଥିଲେ, ଯାହାକି ତାଙ୍କ ପ୍ରତି ପକ୍ଷପାତିତା ହୋଇଥିଲା। ତାଙ୍କ ପାଖରୁ ଯଦି ଏସ୍‌ଡିପିଓ ଦାୟିତ୍ୱ ପ୍ରତ୍ୟାହାର କରି ନିଆ ନ ଯାଏ ତା'ହେଲେ ସେ ଜୀବନ ହାରିଦେବେ। ତାଙ୍କର ମାନସିକ ସ୍ଥିତି ଭଲ ନାହିଁ ବୋଲି ଚିଠିରେ ପୂର୍ବାଞ୍ଚଳ ଡିଆଇଜିଙ୍କୁ ଜଣାଇଛନ୍ତି। ଏନେଇ ସେ ଗତ ୭ ତାରିଖରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ଏସ୍‌ଡିପିଓ ବ୍ରଜମୋହନ ଜଳେଶ୍ୱର ଥାନାରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜଳେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଡିଆଇଜି ନାୟକ ଡାକ୍ତରଖାନାରେ ପହଞ୍ଚି ଏସ୍‌ଡିପିଓ ବ୍ରଜମୋହନଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏସମ୍ପର୍କରେ ଡିଆଇଜି ନାୟକ ଅଭିଯୋଗ ଆଧାରରେ ତଦନ୍ତ ହୋଇ ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଡାକ୍ତରଖାନାରେ ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା ଏବଂ ଏଏସ୍‌ଆଇ ମଧୁମିତା ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଭଳି ଅଭିଯୋଗ ସମ୍ପର୍କରେ ଏସ୍‌ପି ରାଜପ୍ରସାଦଙ୍କ ମତ ନେବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

**ଭୁବନେଶ୍ୱରରେ ଶିଶୁ ଅପହରଣ ଘଟଣା**

# ଜେଲ ଗଲେ ଧରମ ମାମୁ

ଭୁବନେଶ୍ୱର,୧୪।୫(ସତ୍ୟଜିତ ରାଉତ)

ଭୁବନେଶ୍ୱର ୟୁନିଟ-୯ ଭୋଇନଗରରୁ ୪ବର୍ଷର ଶିଶୁପୁତ୍ର ଅପହରଣ ଘଟଣାରେ ଶହୀଦନଗର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଧରମ ମାମୁ ସୋନୁ ନାୟକ ଓରଫ ଅଭିଷେକ ଦିଗଲ (୨୫)ଙ୍କୁ ବୁଧବାର କୋର୍ଟ ଚାଲାଣ କରିବା ପରେ ସେ ଜେଲ ଯାଇଛନ୍ତି। ସୋନୁଙ୍କ ଘର କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ। ତେବେ ସେ କାହିଁକି ଶିଶୁପୁତ୍ରକୁ ଅପହରଣ କରିଥିଲେ ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷରେ ସୋନୁ ୧୫ବର୍ଷ ହେବ ପରିବାର ସହ ସମ୍ପର୍କ ରଖି ନ ଥିଲେ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସ୍ୱାମୀ ରାକେଶ କୁମାର ମଲ୍ଲିକଙ୍କ ସହ ଝଗଡା କାରଣରୁ ଶିଶୁର ମା' ଗୋରିତା ସିଂ କିଛିବର୍ଷ ତଳେ ବେଙ୍ଗାଲୁରୁରେ ରହୁଥିବା ସାନ ଭଉଣୀଙ୍କ ପାଖକୁ ପଳାଇ ଯାଇଥିଲେ। ୯ ମାସ ରହିବା ପରେ ଦୁଇ ମାସ ତଳେ ସ୍ୱାମୀଙ୍କ ପାଖକୁ ଫେରିଥିଲେ। ତେବେ ବେଙ୍ଗାଲୁରୁରେ ରହିବା ଭିତରେ ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ସୋମବାର ସୋନୁ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଗୋରିତାଙ୍କ ୪ବର୍ଷର ସାନ ପୁଅ ଘର ବାହାରେ ଖେଳୁଥିବାବେଳେ ସୋନୁ ତାଙ୍କୁ ଅପହରଣ କରିନେଇଥିଲେ। ଏପଟେ ପୁଅକୁ ନ ପାଇ ସନ୍ଧ୍ୟାରେ ଗୋରିତା ଥାନାରେ ଏତଲା ଦେଇଥିଲେ।

**Business**

# ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫%କୁ ହ୍ରାସ

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

ଖାଦ୍ୟ ସାମଗ୍ରୀ, ନିର୍ମିତ ଉତ୍ପାଦ ଏବଂ ଇନ୍ଧନର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫ ପ୍ରତିଶତକୁ ହ୍ରାସ ପାଇଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହି ସୂଚନା ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ୨.୦୫ ପ୍ରତିଶତ ଏବଂ ଏପ୍ରିଲ ୨୦୨୪ ରେ ୧.୧୯ ପ୍ରତିଶତ ଥିଲା। ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଖାଦ୍ୟ ଉତ୍ପାଦ, ଉତ୍ପାଦନ, ରାସାୟନିକ ଏବଂ ରାସାୟନିକ ଉତ୍ପାଦ, ଅନ୍ୟାନ୍ୟ ପରିବହନ ଉପକରଣର ଉତ୍ପାଦନ ଏବଂ ଯନ୍ତ୍ରପାତି ଏବଂ ଉପକରଣର ଉତ୍ପାଦନ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଏହାର ମୁଖ୍ୟ କାରଣ ଥିଲା। ପାଇକାରୀ ମୂଲ୍ୟ ସୂଚକାଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୦.୮୬ ପ୍ରତିଶତ ରହିଛି,



ଯାହା ମାର୍ଚ୍ଚରେ ୧.୫୭ ପ୍ରତିଶତ ଥିଲା। ପନିପରିବାର ମୁଦ୍ରାସ୍ଫୀତି ହାର ଏପ୍ରିଲରେ ୧୮.୨୬ ପ୍ରତିଶତ ଥିବାବେଳେ ମାର୍ଚ୍ଚରେ ଏହା ୧୫.୮୮ ପ୍ରତିଶତ ଥିଲା। ପିଆଜ ମୁଦ୍ରାସ୍ଫୀତି ଏପ୍ରିଲରେ ୦.୨୦ ପ୍ରତିଶତକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚରେ ୨୬.୬୫ ପ୍ରତିଶତ ଥିଲା। ତେବେ ଏପ୍ରିଲରେ ଉତ୍ପାଦିତ ଉତ୍ପାଦର ମୁଦ୍ରାସ୍ଫୀତି ୨.୬୨ ପ୍ରତିଶତ ଥିଲା, ଯାହା ମାର୍ଚ୍ଚରେ ୩.୦୭ ପ୍ରତିଶତ ଥିଲା। ସେହିପରି ଏପ୍ରିଲରେ ଇନ୍ଧନ ଏବଂ ବିଦ୍ୟୁତ୍ ମୂଲ୍ୟରେ ମୁଦ୍ରାସ୍ଫୀତି ୨.୧୮ ପ୍ରତିଶତ ଥିଲା, ଯାହାକି ମାର୍ଚ୍ଚରେ ୦.୨୦ ପ୍ରତିଶତ ଥିଲା। ସୂଚନାଥାଉକି, ମୁଦ୍ରା ନୀତି ପ୍ରସ୍ତୁତ କରିବା ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟତଃ ଖୁଚୁରା ମୁଦ୍ରାସ୍ଫୀତିକୁ ଦେଖେ। ପନିପରିବା, ଫଳ ଏବଂ ଡାଲିର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ଛଅ ବର୍ଷର ସର୍ବନିମ୍ନ ୩.୧୬ ପ୍ରତିଶତକୁ ହ୍ରାସ ପାଇଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଜୁନ୍‌ର ମୁଦ୍ରାନୀତି ସମୀକ୍ଷାରେ ରେପୋ ହାରରେ ପୁଣି ଥରେ ହ୍ରାସ ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ମୁଦ୍ରାସ୍ଫୀତି ଏପ୍ରିଲରେ ୩.୧୬ ପ୍ରତିଶତ ଥିଲା, ଯାହା ଜୁଲାଇ ୨୦୧୯ ପରଠାରୁ ସର୍ବନିମ୍ନ ସ୍ତରରେ ରହିଛି। ଜୁଲାଇ ୨୦୧୯ରେ ଏହା ୩.୧୫ ପ୍ରତିଶତ ଥିଲା। ୨୦୨୫ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୩.୩୪ ପ୍ରତିଶତ ଏବଂ ୨୦୨୪ ଏପ୍ରିଲରେ ୪.୮୩ ପ୍ରତିଶତ ଥିଲା। ଗତ ମୁଦ୍ରା ନୀତି ବୈଠକରେ, ଆର୍‌ବିଆଇ ପ୍ରମୁଖ ନୀତି ହାର ରେପୋକୁ ୦.୨୫ ପ୍ରତିଶତ ହ୍ରାସକରି ୬ ପ୍ରତିଶତ କରିଥିଲା।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୩୪) ପଏଣ୍ଟ ବୃଦ୍ଧି ଘଟି ୮୧,୩୩୧ (୮୧,୩୩୦.୫୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୮ (୮୮.୫୫) ପଏଣ୍ଟ ବଢି ୨୪,୬୬୭ (୨୪,୬୬୬.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଜେଏସ୍‌ଏଲ୍‌ରେ ପ୍ରକଳ୍ପ 'ପ୍ରଗତି'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୫

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ସୁବିଧା ଏବଂ ନୂତନ ପଦକ୍ଷେପ 'ପ୍ରଗତି'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ କମ୍ପାନୀର ହିସାର ୟୁନିଟ୍‌ରେ କାଷ୍ଟିଂରୁ ଆରମ୍ଭ କରି ଫିନିଶିଂ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନ ପ୍ରକ୍ରିୟାର ଅଟୋମେସନ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ଷ୍ଟିଲ ଓ ଷ୍ଟେନ୍‌ଲେସ ଶିଳ୍ପରେ ସର୍ବପ୍ରଥମ ସୁବିଧା ବୋଲି କୁହାଯାଉଛି। ସେହିଭଳି ପ୍ରକଳ୍ପ ପ୍ରଗତି ଜରିଆରେ କମ୍ପାନୀ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବ। ଡାସଲ୍ଟ ସିଷ୍ଟମର ଡେଲମିଆ ପ୍ଲାଟ୍‌ଫର୍ମର କାର୍ଯ୍ୟକାରୀ ପାର୍ଟନେର କ୍ୟାପ୍‌ଜେମିନି ସହଯୋଗରେ ଉନ୍ନତ ପ୍ଲାନିଂ ଏବଂ ଟେକ୍ନୋଲୋଜିକୁ ସାମିଲ କରାଯିବ। ଫଳରେ ଉତ୍ପାଦକତା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ। ପ୍ରଗତି କାର୍ଯ୍ୟକାରୀ ହେବା ସହ ଗ୍ରାହକ ଲିଡ ଟାଇମ୍ ୧୦ରୁ ୧୫% ହ୍ରାସ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି



ଅଭ୍ୟୁଦୟ ଜିନ୍ଦଲ

ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ହିସାର ୟୁନିଟ୍‌ରେ ପ୍ରଗତି ପ୍ରକଳ୍ପ ଆରମ୍ଭ ହେବା ଡିଜିଟାଲ ଅଭିନବତା ମାଧ୍ୟମରେ ମୂଲ୍ୟ ଶୃଙ୍ଖଳାକୁ ଉନ୍ନତ କରିବା ଦିଗରେ ଏକ ମାଇଲଖୁଣ୍ଟ । ବିଭିନ୍ନ ପର୍ଯ୍ୟାୟରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଏହାକୁ ଲେବଲ (ସ୍ତର) ୨ ସମନ୍ୱୟ ସହିତ ଆମର ଯାଜପୁର ପ୍ଲାଣ୍ଟ ସୁବିଧାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ଆମର ଉତ୍ପାଦନ ପ୍ରଣାଳୀ ଏବଂ ମେଶିନରୁ ସିଧାସଳଖ ରିଅଲ ଟାଇମ୍ ପ୍ରକ୍ରିୟା ପାରାମିଟରଗୁଡ଼ିକ ସଂଗ୍ରହ ହୋଇପାରିବ।

## ଦିଶା ଗୃହଋଣର ଶୁଭାରମ୍ଭ

ଭୁବନେଶ୍ୱର,୧୪।୫

ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ (ଏଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ଯୋଜନା ତଥା ଆକ୍ସିସ୍ ଫାଇନାନ୍ସ 'ଦିଶା ଗୃହ ଋଣ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଉତ୍ପାଦର ଲକ୍ଷ୍ୟ ହେଉଛି, ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଓ ନିମ୍ନ ଆୟ ବର୍ଗ (ଏଲ୍‌ଆଇଜି) ବର୍ଗର ଅଭିଳାଷୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ଦିଶା ଗୃହ ଋଣର ଲକ୍ଷ୍ୟ ହେଉଛି, ବିଭିନ୍ନ ସ୍ଥାନର ସୁହାଇବା ଭଳି ଗୃହ ଋଣ ସମାଧାନ ପ୍ରଦାନ କରିବା ସହିତ ଋଣ ଜୀବନଚକ୍ରରେ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା। ଏଥିରେ ଶ୍ରେଷ୍ଠ ମାନର ପ୍ରତିଭା ଏବଂ ଉନ୍ନତ ବ୍ୟବସ୍ଥା ଜରିଆରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଓ ଦ୍ରୁତ କାର୍ଯ୍ୟକାରୀ କରିବା। ଏହି ଉତ୍ପାଦ ବିଭିନ୍ନ ପ୍ରକାର ନିଯୁକ୍ତି ଯଥା ଆବାସିକ ଓ ପ୍ରବାସୀ ଭାରତୀୟ ବେତନଭୋଗୀ ଏବଂ ସ୍ୱାବଲମ୍ବୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ସେହିଭଳି ସଂଗଠିତ, ଅର୍ଦ୍ଧସଂଗଠିତ ଓ ଅଣସଂଗଠିତ ଆୟ କାଗଜପତ୍ର ରଖିଥିବା ବ୍ୟକ୍ତିବିଶେଷ ଓ ଆର୍ଥିକ ସହାୟତା ଚାହୁଁଥିବା ଲୋକଙ୍କ ଆବଶ୍ୟକତାକୁ ଏହା ପୂରଣ କରିବ। ଏହି ଋଣ କିଣିବା ପାଇଁ ପ୍ରସ୍ତୁତ, ଅର୍ଦ୍ଧନିର୍ମିତ, ପୁନଃବିକ୍ରି ସମ୍ପତ୍ତି, ଜମି ସହ ନିର୍ମାଣ, ନିଜସ୍ୱ ନିର୍ମାଣ, ଗୃହ ମରାମତି ଓ ସମ୍ପ୍ରସାରଣ ମିଳିପାରିବ। ଏ ସମ୍ପର୍କରେ ଆକ୍ସିସ୍ ଫାଇନାନ୍ସର ଏମ୍‌ଡି ତଥା ସିଇଓ ସାଇ ଗିରିଧର କହିଛନ୍ତି, ଆମେ ଆମର ନୂତନ ଯୋଜନା 'ଆକ୍ସିସ୍ ଫାଇନାନ୍ସ ଦିଶା ଗୃହ ଋଣ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଘର ମାଲିକାନାକୁ ଲୋକଙ୍କ ନିକଟତର କରିବାରେ ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବର୍ଗର ଲୋକମାନଙ୍କ ପାଖରେ ହାଉସିଂ ଫାଇନାନ୍ସ ପହଞ୍ଚାଇବାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ନିରନ୍ତର ଉଦ୍ୟମ ଅନୁସାରେ ଦିଶା ଗୃହ ଋଣ ବିଭିନ୍ନ ଅଞ୍ଚଳର ଗ୍ରାହକମାନଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାପକ ସମାଧାନ ପ୍ରଦାନ କରିବ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନୂତନ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୫ (ଅଭୟ ଦାଶ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବହୁ ପ୍ରତୀକ୍ଷିତ ତଥା ନୂତନ ସେଣ୍ଟର 'ଶ୍ରୀ ଶ୍ରୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେଶନ୍' ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିବସ ଅବସରରେ ଏହି କେନ୍ଦ୍ରର ଶୁଭାରମ୍ଭ ନେଇ ବେଙ୍ଗାଲୁରୁସ୍ଥିତ ଆନ୍ତର୍ଜାତିକ ଆର୍ଟ୍ ଅଫ୍ ଲିଭିଂ କେନ୍ଦ୍ରଠାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ସେହିଭଳି ଏହି ଇନ୍‌ଷ୍ଟିଚ୍ୟୁଟ ବା ସେଣ୍ଟର ଖୋଲିବା ଦ୍ୱାରା ଏଥିକାଲ୍ ଏଆଇ ଓ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସହାୟତାରେ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି ହୋଇପାରିବେ। ଏଥିକାଲ୍ ଏଆଇ ବା ନୈତିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା କେବଳ ବୈଷୟିକ ଜ୍ଞାନକୌଶଳଯୁକ୍ତ ଶିକ୍ଷା ଦିଆ ନ ଯାଇ ସ୍ୱଚ୍ଛତା, ମାନବିକ ମୂଲ୍ୟବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ତା'ର




ପୂରଣ ନିମନ୍ତେ ମଧ୍ୟ ଆବଶ୍ୟକ ଶିକ୍ଷା ଦିଆଯିବ। ସେହିପର ଇନ୍‌ଷ୍ଟିଚ୍ୟୁଟର ଉଦ୍‌ଘାଟନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, ଏଠାରେ ମାନବବାଦ ଟେକ୍ନୋଲଜିର ନୁହେଁ ବରଂ ଟେକ୍ନୋଲଜି ମାନବବାଦର ସେବା କରିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିବ। ଏଠାରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ଉଦ୍ୟୋଗ ଜଗତରେ କୃତ୍ରିମ ବୁଦ୍ଧିମତ୍ତାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣରେ ସକ୍ଷମ ହେବେ। ଏପରିକି ଉନ୍ନତମାନର କୃତ୍ରିମ ବୁଦ୍ଧିମତ୍ତା ନିମନ୍ତେ ଏଠାରେ ଉପଯୁକ୍ତ ପ୍ରୟୋଗଶାଳା ଓ ଗବେଷଣା ସୁବିଧା ଉପଲବ୍ଧ ରହିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ ଷ୍ଟାର୍ଟ ଅପ୍ ଇନ୍‌କ୍ୟୁବେଟର ପୃଷ୍ଠପୋଷକତାରେ ସାମାଜିକ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବ ଏବଂ ପ୍ରମୁଖ ପ୍ରଯୁକ୍ତି ବିଦ୍ୟା ଶିକ୍ଷାନୁଷ୍ଠାନ ଓ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକ ସହ ସଂଯୋଗ ରକ୍ଷାକରିବ। ଏହାବ୍ୟତୀତ ବିଭିନ୍ନ ଆଲୋଚନାଚକ୍ର ଏବଂ ସମ୍ମିଳନୀ ଜରିଆରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚାରପ୍ରସାର ସହ ତାକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଉଚ୍ଚତାରେ ନେଇ ପହଞ୍ଚାଇବ। ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ସାହାଯ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏପରି ଏକ ଭବିଷ୍ୟତ ନିର୍ମାଣ କରିବାକୁ ଯାଉଛି। ଯେଉଁଠାରେ ବୁଦ୍ଧିମତ୍ତା କେବଳ କୃତ୍ରିମ ନୁହେଁ,ସଚେତନ ଓ ନୈତିକତାସମ୍ପନ୍ନ ହେବା ସହ ଏଥିରେ ଡିଗ୍ରୀ କୋର୍ସ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ।

## ଆର୍‌ଏନ୍‌ଏଲ୍‌ଆଇସିର ବାର୍ଷିକ ଫଳାଫଳ

ଭୁବନେଶ୍ୱର,୧୪।୫

ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍(ଆର୍‌ଏନ୍‌ଏଲ୍‌ଆଇସି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ଟିକସ ପୂର୍ବବର୍ତ୍ତୀ ଲାଭ ୨୪୭ କୋଟି ଟଙ୍କା ହୋଇଛି। ଯାହା ୨୦୨୩-୨୪ ଆର୍ଥିକ ବର୍ଷର ୧୯୮ କୋଟି ଟଙ୍କା ତୁଳନାରେ ୨୫% ଅଧିକ ବୋଲି କୁହାଯାଉଛି। କମ୍ପାନୀର ପରିଚାଳନା ଅଧୀନ ସଂପତି (ଏୟୁଏମ୍) ୯% ବୃଦ୍ଧି ସହ ୩୮,୭୨୫ କୋଟି ଟଙ୍କା ହୋଇଛି। ଏହାର ନୂଆ ବ୍ୟବସାୟ ପ୍ରିମିୟମ୍ ୧୨୪୫ କୋଟି ଟଙ୍କା ହୋଇଥିବାବେଳେ ମୋଟ୍ ପ୍ରିମିୟମ୍ ପରିମାଣ ୫୭୧୧ କୋଟି ଟଙ୍କା ରହିଛି। କମ୍ପାନୀ ୨୩୫%ରେ ସୋଲ୍‌ଭେନ୍ସି ଅନୁପାତ ବଜାୟ ରଖିଛି,ଯାହା ନିୟାମକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଯାହା କମ୍ପାନୀର ଦୃଢ଼ ବାଲାନ୍ସ ସିଟ୍ ଓ ପୁଞ୍ଜି ପରିଚାଳନାକୁ ଦର୍ଶାଉଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନୀର ଦାବି ସମାଧାନ ଅନୁପାତ ୯୮.୯% ରହିଛି। ଏହି ବର୍ଷ ୫.୪ ଲକ୍ଷ ଗ୍ରାହକଙ୍କୁ କମ୍ପାନୀ ୩୫୨୩ କୋଟି ଟଙ୍କା ପ୍ରଦାନ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ଅଧିକ ବୋଲି କୁହାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଆଶିଷ ବୋହରା କହିଛନ୍ତି, ଶୃଙ୍ଖଳିତ ଯୋଜନା କାର୍ଯ୍ୟକାରିତା, ପ୍ରଥମେ ଗ୍ରାହକ ଭାବନା ଓ ଦୃଢ଼ ମୂଳଦୁଆ ଆଧାରରେ ଦୃଢ଼ ପ୍ରଦର୍ଶନ ଓ ଉନ୍ନତ ଲାଭର ଏକ ବିଷୟରେ ଜଣାଇ ଆମେ ଆନନ୍ଦିତ। ବଣ୍ଟନ ବ୍ୟବସ୍ଥାକୁ ଦୃଢ କରିବା, ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଉପରେ ନିରନ୍ତର ଗୁରୁତ୍ୱ ଆମକୁ ଏହି ଚମତ୍କାର ପରିବେଶରେ ଆଗକୁ ବଢ଼ିବାରେ ସହାୟକ ହୋଇଛି।

# ପାର୍କରେ ବିବାହ ବଜାର

## ପିଲାଙ୍କ ପାଇଁ ଜୀବନସାଥୀ ଖୋଜନ୍ତି ଅଭିଭାବକ



ବେଜିଂ

ପୂର୍ବରୁ ଲୋକମାନେ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ସହ କଥା ହୋଇ ଦୂର ଦୂରାନ୍ତରେ ବିଭିନ୍ନ ନେଟ୍‌ୱର୍କ ଲଗାଇ ପିଲାମାନଙ୍କ ପାଇଁ ଜୀବନସାଥୀ ଖୋଜୁଥିଲେ। ତେବେ ସମ୍ପ୍ରତି ଲୋକଙ୍କ ଜୀବନଶୈଳୀ ଧୀରେ ଧୀରେ ବ୍ୟସ୍ତ ବହୁଳ ହୋଇଥିବାରୁ ଚାକିରି ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ସମୟ ରହୁନାହିଁ। ଫଳରେ ଜୀବନସାଥୀ ଖୋଜିବା ପାଇଁ ବିଭିନ୍ନ ଡେଟିଂ ଆପ୍ କିମ୍ବା ମାଟ୍ରିମୋନିଆଲ ସାଇଟ୍ ଏବେ ଉପଯୁକ୍ତ ମାଧ୍ୟମ ପାଲଟିଛି। ତେବେ ଚାଇନାର ଶାଙ୍ଘାଇରେ ଲୋକେ ଏକ ନିଆରା ଉପାୟରେ ନିଜ ପିଲାଙ୍କ ବିବାହ ପାଇଁ ଜୀବନସାଥୀ ଖୋଜିଥାନ୍ତି। ସହରର ଟେଙ୍ଗଚୁଙ୍ଗ ରେନ୍‌ମିନ୍ ଗୋଗୋୟୁଆନ୍ ପାର୍କରେ ସପ୍ତାହକୁ ୨ ଦିନ ଏକ ନିଆରା ବିବାହ ବଜାର ବସିଥାଏ। ଶାଙ୍ଘାଇ ବିବାହ ବଜାର ଭାବେ ସ୍ଥାନୀୟ ଅଞ୍ଚଳରେ ଏହି ବଜାର ବେଶ୍ ପ୍ରସିଦ୍ଧି ପାଇଛି। ପ୍ରତି ଶନିବାର ଏବଂ ରବିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ଯାଏ ଏହି ବଜାର ବସିଥାଏ। ଲୋକମାନେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀ ଖୋଜିବାକୁ ଏହି ବଜାରକୁ ଆସିଥାନ୍ତି। ଏହି ବିବାହ ବଜାରରେ ପ୍ରବେଶ ମାତ୍ରେ ସୁନ୍ଦର ଭାବେ ଧାଡ଼ି ହୋଇ ବିଭିନ୍ନ ରଙ୍ଗିନ ଛତା ରଖାଯାଇଥିବାର ଦେଖିବାକୁ ମିଳିଥାଏ। ଅଭିଭାବକମାନେ ବୋହୂ କିମ୍ବା ଜ୍ୱାଇଁ ପାଇବା ଆଶାରେ ସେମାନଙ୍କ ପିଲାଙ୍କ ହସ୍ତଲିଖିତ ବାୟୋଡେଟାକୁ ନିଜ ଛତା ଉପରେ ପ୍ରଦର୍ଶିତ କରିଥାନ୍ତି। ଫଳରେ ଏହି ବଜାରରେ ଏକସଙ୍ଗେ ବିବାହ ଯୋଗ୍ୟ ଅନେକ ଯୁବତୀ ଏବଂ ଯୁବକଙ୍କ ବାୟୋଡେଟା ଦେଖିବାକୁ ମିଳିଥାଏ। ବାୟୋଡେଟାରେ ବିବାହ ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପ୍ରତ୍ୟେକ ବିବରଣୀ ଦିଆଯିବା ସହ ସେମାନଙ୍କ ଫଟୋ ମଧ୍ୟ ରହିଥାଏ। ଲୋକେ ଏଠାକୁ ଆସି ଆବଶ୍ୟକତା ଅନୁଯାୟୀ, ନିଜ ପିଲାଙ୍କ ପାଇଁ ଜୀବନସାଥୀ ବାଛିଥାନ୍ତି। ଯଦି କୌଣସି ବାୟୋଡେଟା ପସନ୍ଦ ଆସିଯାଏ, ତେବେ ସେଥିରେ ଲେଖାଥିବା ନମ୍ବର ଯୋଗେ ବିବାହ ପାଇଁ କଥା ଆଗକୁ ବଢ଼ିଥାଏ। ବର୍ତ୍ତମାନ ସୁଦ୍ଧା ଶାଙ୍ଘାଇ ବିବାହ ବଜାରରୁ ଅନେକେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀଙ୍କୁ ଖୋଜି ସେମାନଙ୍କର ବିବାହ କରାଇଛନ୍ତି। ଧୀରେ ଧୀରେ ଏହି ବିବାହ ବଜାରର କ୍ରେଜ୍ ବଢ଼ିବାରେ ଲାଗିଛି ଏବଂ ଏଠାରେ ଭିଡ଼ ମଧ୍ୟ ଆଗ ଅପେକ୍ଷା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ସମ୍ପ୍ରତି ଚାଇନାର ଯୁବପିଢ଼ି ନିଜ ଚାକିରି ଏବଂ କ୍ୟାରିୟରରେ ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ବିବାହ ପାଇଁ ଜୀବନସାଥୀ ଖୋଜିବାକୁ ସେମାନଙ୍କ ପାଖେ ସମୟ ନ ଥାଏ। ଫଳରେ ଅଭିଭାବକମାନେ ବିଭିନ୍ନ ଉପାୟରେ ସେମାନଙ୍କ ପାଇଁ ଜୀବନସାଥୀ ଖୋଜିଥାନ୍ତି।

# ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍



ମୁମ୍ବଇ

ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସିତାରେ ଜମିନ ପର୍'ର ଟ୍ରେଲର ମଙ୍ଗଳବାର ରାତିରେ ରିଲିଜ୍ ହୋଇଛି। ଆସନ୍ତା ଜୁନ୍ ୨୦ରେ ଏହି ଫିଲ୍ମ ରିଲିଜ୍ ହେବ। ଟ୍ରେଲରରେ ଆମୀରଙ୍କୁ ଜଣେ ଚିଡ଼ିଚିଡ଼ା ଏବଂ ଅହଙ୍କାରୀ ସ୍ୱଭାବର ବାସ୍କେଟବଲ୍ କୋଚ୍ ଭୂମିକାରେ ଦେଖିବାକୁ ମିଳିଛି। ତାଙ୍କୁ ଦଣ୍ଡ ସ୍ୱରୂପ କେତେଜଣ ମାନସିକ ଅନଗ୍ରସର ପିଲାଙ୍କୁ ବାସ୍କେଟବଲ୍ କୋଚିଂ ଦେବାପାଇଁ କୋର୍ଟ ନିର୍ଦ୍ଦେଶ ଦେଉଛନ୍ତି। କୋଚିଂ ଦେବା ସମୟରେ ଆମୀର ବିଭିନ୍ନ ସମସ୍ୟାରେ ପଡୁଛନ୍ତି, ଫଳରେ ସେ ପିଲାଙ୍କ ଉପରେ ବିରକ୍ତ ପ୍ରକାଶ କରୁଛନ୍ତି। ତେବେ ପିଲାଙ୍କ ନିରୀହତା ଧୀରେ ଧୀରେ ଆମୀରଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣୁଛି। ଫଳରେ ଏକ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟରେ ଉକ୍ତ ମାନସିକ ଅନଗ୍ରସର ପିଲାଙ୍କ ଟିମ୍‌କୁ ଜିତାଇବା ପାଇଁ ସେ ହୃଦୟରୁ ଲାଗି ପଡୁଛନ୍ତି। ତେବେ ଏହି ଟ୍ରେଲରରେ ପ୍ରତ୍ୟେକ ଦୃଶ୍ୟ ୨୦୧୮ରେ ରିଲିଜ୍ ହୋଇଥିବା ହଲିଉଡ୍ ସ୍ପୋର୍ଟସ କମେଡି ଡ୍ରାମା ଫିଲ୍ମ 'ଚାମ୍ପିୟନ୍ସ'ରୁ ସମ୍ପୂର୍ଣ୍ଣ ଭାବେ କପି କରାଯାଇଥିବା ଦର୍ଶାଇ ଅନେକ ୟୁଜର୍ସ ବୁଧବାର ଆମୀର ଏବଂ 'ସୀତାରେ ଜମିନ ପର୍' ଫିଲ୍ମକୁ ଟ୍ରୋଲ୍ କରିଛନ୍ତି। 'ସିତାରେ ଜମିନ ପର୍' ଫିଲ୍ମର ଟ୍ରେଲରରେ କୌଣସି ନୂତନତ୍ୱ ନ ଥିବା ସେମାନେ କହିଛନ୍ତି।

# 'ନିରନ୍ତର ବିକାଶ ଲାଗି ପରିବାରମୁଖୀ ନୀତି..'

**ଆଜି ଅନ୍ତର୍ଜାତୀୟ ପରିବାର ଦିବସ**

ଅନ୍ତର୍ଜାତୀୟ ପରିବାର ଦିବସ ପ୍ରତିବର୍ଷ ୧୫ ମେ' ରେ ପାଳନ କରାଯାଇଥାଏ। ଜାତିସଂଘ ସାଧାରଣ ସଭାଦ୍ୱାରା ୨୦ ସେପ୍ଟେମ୍ବର ୧୯୯୩ରେ ଏନେଇ ଏକ ପ୍ରସ୍ତାବ ଆଗତ ହୋଇଥିଲା। ସେଥିରେ ଏହି ଦିବସ ପାଳନ ପାଇଁ ପରିବାରଗୁଡ଼ିକ ପ୍ରତି ଅନ୍ତର୍ଜାତୀୟ ସମ୍ପ୍ରଦାୟର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା। ଯଦିଓ ପରିବାରଗୁଡ଼ିକ ଜଟିଳ ଏବଂ ବିଧ ହୋଇପାରନ୍ତି, ତଥାପି ସେଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଳିତ ଜାତିସଂଘ ଦ୍ୱାରା ୧୯୯୪ରେ ଅନ୍ତର୍ଜାତୀୟ ପରିବାର ଦିବସ ମେ'୧୫ରେ ଆନୁଷ୍ଠାନିକ ଭାବରେ ପାଳନ ହୋଇଥିଲା। ଅନ୍ତର୍ଜାତୀୟ ପରିବାର ଦିବସର ପ୍ରତୀକ ଏକ ସବୁଜ ବୃତ୍ତ। ଏଥିରେ ଏକ ଲାଲ ରଙ୍ଗର ହୃଦୟ ଏବଂ ଘରର ଚିତ୍ର ରହିଛି। ଏହି ପ୍ରତୀକ ଅର୍ଥ ପରିବାର ପ୍ରତ୍ୟେକ ସମାଜର ଏକ କେନ୍ଦ୍ରୀୟ ଉପାଦାନ ଏବଂ ସବୁ ବୟସଙ୍କ ପାଇଁ ଏକ ସ୍ଥାୟୀ ଓ ସ୍ଥିର ଗୃହ। ପ୍ରତିବର୍ଷ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ ସହିତ ମିଳିତ ଜାତିସଂଘ ଏକ ଥିମ୍ ଘୋଷଣା କରେ। ଏହି ଥିମ୍ ସମଗ୍ର ବିଶ୍ୱରେ ପରିବାର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପରିସ୍ଥିତି ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ। ତେବେ ଚଳିତ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା 'ନିରନ୍ତର ବିକାଶ ପାଇଁ ପରିବାରମୁଖୀ ନୀତି: ସାମାଜିକ ବିକାଶ ଲାଗି ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ଅଭିମୁଖେ' ରହିଛି।

—ସୌମ୍ୟରଞ୍ଜନ ରାଉତ,ଭୁବନେଶ୍ୱର


**GOVT. OF ODISHA** No.O-145
**OFFICE OF THE SUPERINTENDING ENGINEER, RURAL WORKS DIVISION-I, KEONJHAR**
"e" Procurement Notice for Road Works
Identification No. Online NCB-02/2025-26
Tel. 06766-258094 (O), Mail: eerw1_kjr@yahoo.com

1. Name of the Work : 01 No. Building Work, 2. Total Number of Work :01 No., 3. Estimated Cost: Rs.78.61 Lakhs, 4. Class of Contractor: "B" Class, 5. Period of Completion: As per annexure of e-Procurement Notice No.02 of 2025-26, 6. Other details:

| Procurement Officer | Bid Identification No. | Availability of tender Online for bidding | | Last date and time of seeking Tender Clarification | Date & Time of Opening of Tender in O/o S.E.,R.W. Division, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No.02 | Dt.14.05.2025 at 11.00 A.M. | Dt.21.05.2025 upto 5.00 P.M. | Dt.20.05.2025 upto 5.00 P.M. | Dt.22.05.2025 upto 5.00 P.M. | Will be intimated later |

Further details can be seen from the Website www.tenderorissa.gov.in
OIPR-25110/11/0015/2526 Sd./- Executive Engineer, R.W. Division-I, Keonjhar



**OFFICE OF THE DEAN & PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**
Mail ID- slnmchkptrecruitment@gmail.com
No.2658/Estt./II-738 (Vol-II)/ 2025 Dt:09.05.2025
**OFFICE ORDER**
**No.E-86:** In pursuance of notification no.-13296, Dtd.08.05.2025 of Commissioner-Cum-Secretary to Govt. H&FW Department, Govt. of Odisha, the advertisement for recruitment of Junior Resident at SLNMCH, Koraput vide this office Advt. No.2609, dt.07.05.2025 is hereby cancelled.
Sd./- Dean & Principal, SLNMCH, Koraput
OIPR-10121/11/0036/2526



GOVERNMENT OF ODISHA No.O-150
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
Unit-IX (Near Boys High School) Po-Bhoinagar, BBSR, Email:se_ccrw@yahoo.co.in,Phone No:0674-2540742(O)
No.2402 , Date 09.05.2025
2nd Corrigendum to Bid Identification No.Tender Online-C.C.10 of 2025, Dated 28.04.2025 invited vide Lr.No.2153 dated 28.04.2025 of Chief Construction Engineer, Central Rural Works Circle, Bhubaneswar
The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender Online-C.C-10 of 2025 Dt.28.04.2025 issued vide this office Lr.No.2153, Dt.28.04.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | Date & Time of opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 21.05.2025 upto 5.00 PM | 22.05.2025 at 11.00 A/M. | To be intimated later on |

All other conditions remain unaltered.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25194/11/0044/2526



**ODISHA HYDRO POWER CORPORATION LTD** (OHPC)
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
**CHIPLIMA HYDRO ELECTRIC PROJECT, CHIPLIMA**
At/PO-CHIPLIMA, VIA-C.A. CHIPLIMA-768025, DIST-SAMBALPUR (ODISHA)
WEB: www.ohpcltd.com, Ph:(0663) 2460661, Email-hpschiplima@yahoo.in
No.-CHEP/HRD-79 (Vol.-II)/1753 Date: 13.05.25
**ADVERTISEMENT**
**ENGAGEMENT OF ASST. TEACHER (TGT) SCIENCE ON CONTRACTUAL BASIS**
**No.CAD-400:**Applications are invited from the intending eligible candidates for engagement of Asst. Teacher (TGT) Science purely on contractual basis in Chiplima Hydro Electric Project, Chiplima, a unit under Odisha Hydro Power Corporation Ltd., Bhubaneswar, as follows.

| Name of the Post | Vacancy | Consolidated Remuneration | Last date of Receipt Application |
|---|---|---|---|
| Asst. Teacher (TGT Science) | 01 | Rs.26400/- PM | 16.06.2025 |

For details Notification please visit our website www.ohpcltd.com
OIPR-04006/11/0081/2526 Sd./- Unit Head, CHEP, Chiplima



GOVERNMENT OF ODISHA
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, KESINGA**
At/Po-Kesinga, Dist.-Kalahandi (Odisha), Pin-766012, Phone/Fax : 06670-222450,
E-mail-eenh.ksng@gmail.com
ORDER No.909/Dated 07.04.2025
**No.b-** :The Single tender received for the work "Construction of New RCC drain with RCC chamber and cover slab from Km. 181.550 to Km. 181.640 (LHS) of NH.26 for the year 2024-25 "NIT No. EENHKSNG- Online 02/2024-25 invited vide this office order No. 366 Date. 19.02.2025 Is here by cancelled as per Works Department, Odisha Amendment No. 2015 vide file No. 07556900052104- 16/WE dt. 01.01.2015 with OPWD Code Vol 1-2 Notes- (iii) of Para 3.5-18 & other 2 Nos i.e. (1) Construction of New RCC Drains in built up area of Dharamagarh Town, Bandaaskuturs village and Chhilipa Village of NH-130C for the year 2024-25 (2) Construction of C.C. Drain, Site Development and Parking Shed inside New N.H. Division Office Campus for the year 2024-25 is also cancelled due to administrative ground.
Sd./- Superintending Engineer, N.H. Division, Kesinga
OIPR-34018/11/0005/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007, Tel:2545586/2545852
email-serifedodisha@gmail.com, website:www.serifedodisha.in
**INVITATION FOR BIDS (e-Procurement)**
Bid Identification No.:-VI-07(09)/SERIFED/2025-26/592/Dt.09.05.2025
**No.CAD-395:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the 01 (One) no. of works at Nayagarh. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt.15.05.2025 to 17.00 hours upto dt. 22.05.2025. Online bids shall be received till 17.00 hours dt.22.05.2025 & shall be opened at 11.30 AM on Dt.23.05.2025. Any addendum/ corrigendum/ cancellation of tender can also be seen in the said website.
Sd./- MANAGING DIRECTOR
OIPR-39036/11/0046/2526



**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର**
No.H-05:ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ଉପଖଣ୍ଡର ସମସ୍ତ ଚାଷୀଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଚଳିତ ରବି ଋତୁ ୨୦୨୪-୨୫ ବର୍ଷ ପାଇଁ ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ନିର୍ଦ୍ଧାରଣ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ, ଚାଷୀ ଭାଇ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନାମ ପଞ୍ଜିକୃତ ହୋଇଥିବା ପ୍ରାଥମିକ ସମବାୟ ସମିତି ଲିଃ (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ଆସନ୍ତା ତା.୧୫.୦୫.୨୦୨୫ ତାରିଖ ଠାରୁ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ । ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ଯେ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ ।
**ଧାନ ବିକ୍ରି ଦିବସ–ରବିବାର ବ୍ୟତୀତ ସମସ୍ତ କାର୍ଯ୍ୟଦିବସ**

**ସରକାରୀ ଦର**

ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟଦର (କ୍ୱିଣ୍ଟାଲ ପ୍ରତି) |
|---|---|---|
| ୧ | ଗ୍ରେଡ ଏ ଧାନ | ଟ.୨୩୨୦.୦୦ |
| ୨ | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୨୩୦୦.୦୦ |
| ୩ | ଇନପୁଟ ସହାୟତା | ଟ.୮୦୦.୦୦ |

ପୂର୍ବବର୍ଷ ପରି ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ବାର୍ତ୍ତା ଆସିଲେ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସରେ ସକାଳ ଘ.୮ ରୁ ଅପରାହ୍ନ ଘ.୧ ମଧ୍ୟରେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର, ବ୍ୟାଙ୍କ ଖାତା ସାଙ୍ଗରେ ଆଣିବେ ଏବଂ ଧାନ ବିକ୍ରୟ କରିପାରିବେ ।
ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
OIPR-07089/11/0001/2526



GOVERNMENT OF ODISHA
**OFFICE OF THE PANCHAYAT SAMITI, AGALPUR, AT:DUDUKA, DIST:BALANGIR**
ଓଡ଼ିଶା ସରକାର
"e" Procurement Notice
No.i-87: Bid Identification No.PS-AGLP-01 OF 2025-26
Letter No.1616 E-mail ID:ori-agalpur@nic.in Date:08.05.2025

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of Building and Electrical Works as detailed in DTCN. | | |
| 2. | Nature of Works | : | Building Works |
| 3. | No. of Works | : | 06 (One) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | D & C Contractor |
| 6. | Availability of bid document in the website | : | From 10.00 AM Date: 14.05.2025 to 05.00 PM Date 28.05.2025 |
| 7. | Date of Opening of Bid | : | 11.00 AM On Dt.04.06.2025 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer, Agalpur (Duduka)
OIPR-19300/11/0006/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
E-procurement Tender Call Notice No.4 of 2025-26
No. 2367(Estg.) Bhubaneswar the 8th May-2025
**No.B-121** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for two number road works to be received in online bidding, double cover system as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 19.05.2025 to 5.00 P.M. of 02.06.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 03.06.2025** in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.
Sd./- Er. M.K. Mahananda, Chief Construction Engineer, Central (R&B) Circle, Bhubaneswar
OIPR-34156/11/0029/2526



**OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA** No.O-146
Government of Odisha e-Procurement Notice
Bid Identification No. Online Tender - 02/EERWD BLG/2025-26
rw_balliguda@yahoo.com
Letter No. : 1961 //RWDBLG Date : 09.05.2025

| | | | |
|---|---|---|---|
| 1 | Name of the work | : | **Road Works (03 Nos.)** |
| 2 | Estimated cost | : | Varies from Rs. 61.25 Lakhs to Rs. 84.70 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 14.05.2025 at 10.00 A.M. to 20.05.2025 up to 5.00 P.M. |
| 5 | Last date / Time for receipt of Bids in the Portal | : | 20.05.2025 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in.** Any addendum / corrigendum / cancellation of tender can also be seen in the said website only.
Sd./- Executive Engineer, Rural Works Division, Balliguda
OIPR-25164/11/0014/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI**
'e' Procurement Notice
Bid Reference No. SE MID BPT-01/2025-26
E-mail : eemikldbpt@gmail.com
**No.A-157** : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 02 (Two) Nos. |
| 3 | Estimated cost | : | Varies From Rs. 39.28 lakhs to 49.04 lakhs (Approximately) |
| 4 | Period of completion | : | 8 (Eight) calendar months |
| 5 | Date and Time of availability of bid documents in the portal | : | From 16.05.2025 (09.00 A.M.) to 25.05.2025 (5.00 P.M.) |
| 6 | Last date / time of receipt of bids in the portal | : | Dt. 25.05.2025 up to 5.00 P.M. |
| 7 | Date of opening of Bid | : | Dt. 28.05.2025 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 08.06.2025 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

**Further details can be seen from the e-Procurement market place http://tendersodisha.gov.in.
Sd./- Er. Saroj Sha, Superintending Engineer, M.I.Division, Kalahandi
OIPR-32035/11/0019/2526



**Government of Odisha, e-Procurement Notice**
INVITATION FOR BIDS (IFB)
Bid Identification No. C.C.E.Dkl. (R&B) 02/2025-26
Email Id - sedklpwd@gmail.com
Letter No. 988/Dt. 08.05.2025
**No.B-115** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Bridge work & Building work as detailed below :

| | | | |
|---|---|---|---|
| 1 | Name of the work | : | Road work |
| 2 | No. of works | : | 01 (One) No |
| 3 | Estimated cost | : | **Rs.2.04 Crore (as given in column No. 03 of table)** |
| 4 | Cost of tender paper | : | Rs. 10,000.00 |
| 5 | Class of contractor | : | 'A' Class & 'B' Class **(as given in column No. 07 of table)** |
| 6 | Period of completion of work | : | 07 (Seven) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : | From Dt.14.05.2025 to 5.00 P.M. of Dt.29.05.2025 |
| 8 | Date of opening of bid | : | Dt.30.05.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer, Dhenkanal (R&B) Circle, Dhenkanal
OIPR-34132/11/0029/2526



ସମଗ୍ର ଶିକ୍ଷା समग्र शिक्षा Samagra Shiksha
**DISTRICT PROJECT OFFICE**
SAMAGRA SHIKSHA, MALKANGIRI
NEAR CIRCUIT HOUSE, MALKANGIRI, ODISHA-764048
E-mail : dpcmalkanssa.opepa@nic.in, ssamalkangiri@gmail.com
No.2036/Estt/25 Date : 13.05.2025
**TENDER NOTICE**
**No.n-44** : Sealed tenders are invited from reputed Manpower Agencies/ Service Providers to provide the services of Data Entry Operators (07 Nos) to be engaged at Block Level @ 01 for each BEO under Samagra Shiksha, Malkangiri for handling Data Entry related works for a period of one year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The Collector-cum-Chairman, Samagra Shiksha, Malkangiri reserves the right to accept or cancel any application without assigning any reason (s) thereof.
For details please visit our website in www.malkangiri.odisha.gov.in
1. Last date of receipt of Sealed Bid is on 26.05.2025 up to 5.30 P.M. through Registered/ Speed Post only.
2. Opening of Bid papers i.e.(i) Technical Bid on: dt. 28.05.2025 at 10.00 A.M.
(ii) Financial Bid of eligible Tenders on dt. 28.05.2025 at 12.30 P.M.
By Order of Collector-cum-Chairman, Sd./- District Project Coordinator, Samagra Shiksha, Malkangiri
OIPR-27141/11/0006/2526



**ପଞ୍ଚାୟତ ସମିତି, ନୂଆଗାଁ, ଜିଲ୍ଲା - ସୁନ୍ଦରଗଡ଼, ଓଡ଼ିଶା**
At/Po - Nuagaon, District - Sundargarh, State - Odisha
PIN-770035, e-mail : ori-snuagaon@nic.in
Letter No. : 1196 Date : 09.05.2025
**TENDER CALL NOTICE No-01/2025-26**
**No.i-** : Sealed Tenders are invited from the interested bidder for the Electrical work under BDO, Nuagaon of Sundargarh District. The detail of works eligibility, estimated cost, EMD, Cost of Tender paper has been uploaded in the district website www.sundargarh.odisha.gov.in. The bidder should be a **"HT"** Category **(Electrical)** contractor. They have to submit the bid document to the undersigned in the address of **"Office of the B.D.O., Nuagaon, At/Po-Nuagaon, Pin-770035, Dist.-Sundargarh (Odisha)"** through Registered Post/Speed Post only on or before **30/05/2025 (up to 05.00 P.M.)**. DTCN & other details can be downloaded from the Dist. website www.sundargarh.odisha.gov.in from **09/05/2025 to 22/05/2025**. The authority reserves the right to cancel or reject the entire process without assigning any reason thereof. The tender will be opened on dt. **31/05/2025 at 11.00 A.M.** in the Office of the undersigned in the presence of the bidders or his/her representatives.
Sd./- Block Development Officer, Nuagaon
OIPR-19358/11/0009/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ମାମୁନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଛୁଆବର୍ଗଙ୍କୁ ତାଙ୍କର ହକ୍ ମିଳୁ: ଭକ୍ତ

## କଂଗ୍ରେସର ଜାତିଭିତ୍ତିକ ଜନଗଣନା ପାଇଁ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା)

ଓଡ଼ିଶାରେ ପଛୁଆବର୍ଗ ଓ ସାମାଜିକ ଏବଂ ଅର୍ଥନୈତିକ ଭାବେ ପଛୁଆବର୍ଗ(ଏସ୍‌ଇବିସି)ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହୋଇଥିଲେ ବି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନରେ ଅବହେଳା କରାଯାଉଛି, ଯାହାଫଳରେ ଏହି ବର୍ଗର ହଜାର ହଜାର ଛାତ୍ରୀଛାତ୍ର ସଂରକ୍ଷଣ ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସରକାର ତାଙ୍କର ହକ୍ ପ୍ରଦାନ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ବୁଧବାର କଂଗ୍ରେସ ଭବନଠାରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ପଛୁଆବର୍ଗ ଜାତିଭିତ୍ତିକ ଜନଗଣନା ଓ ଅନ୍ୟାନ୍ୟ ବିଷୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ ଯେ, ଓବିସି ଓ ଏସ୍‌ଇବିସି ଏବଂ ଏସ୍‌ସିଏସ୍‌ଟି ସଂପ୍ରଦାୟଙ୍କ ପ୍ରତି ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ମୁଖ୍ୟତଃ ଓବିସି ଓ ଏସ୍‌ଇବିସି ସଂପ୍ରଦାୟଙ୍କୁ ତାଙ୍କର ନ୍ୟାଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି। ବୈଷୟିକ ଶିକ୍ଷାରେ ଏସ୍‌ସିଏସ୍‌ଟିମାନଙ୍କୁ ଆଇନପ୍ରଦତ୍ତ ସଂରକ୍ଷଣ ଉଲ୍ଲଂଘନ କରାଯାଉଛି। ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକରେ ଏସ୍‌ସିଏସ୍‌ଟି, ଓବିସି ଏବଂ ମାଇନରିଟିମାନଙ୍କୁ ସୁଯୋଗ ଦେବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି।

ଏହି ଅବସରରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ପଛୁଆବର୍ଗ, ଆଦିବାସୀ ଓ ଦଳିତମାନଙ୍କର ସ୍ୱାର୍ଥପ୍ରତି କଂଗ୍ରେସ ସବୁବେଳେ ସଚେତନ ଓ ସଂଗ୍ରାମ କରି ଆସୁଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ବର୍ଗର ଲୋକମାନଙ୍କ ପାଇଁ ଲଢ଼େଇ ଜାରି ରଖିଛନ୍ତି। ସେମାନଙ୍କୁ ନ୍ୟାଯ୍ୟ ଅଧିକାର ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ସେ କହିଥିଲେ। ଏହି ବୈଠକକୁ ବିଜୟାନନ୍ଦ ଚାଉଳିଆ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ଶରତ ରାଉତ, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



## ଜନ୍ମଦିନ ଶୁଭେଚ୍ଛା



ତ୍ରୀଷ୍ଟା ତଲିନା (ମାମୁନ)

ସ୍ଥାନ: ସର୍ବୋଦୟନଗର, ପୁରୀ

ଆଜି ତୋର ୧୫ତମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର, ସର୍ବଦା ଖୁସି ରହ। ଭଗବାନ ତୋର ସବୁ ଇଚ୍ଛା ପୂରଣ କରନ୍ତୁ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।

ଶୁଭେଚ୍ଛା ସହ- ଜେଜେବାପା, ଜେଜେମା, ଅଙ୍କଲ, ଆଣ୍ଟି, ଅଜା, ଆଇ, ମାମୁ, ମାଇଁ, ଲିକି, ଲକି, ଲୁକୁନ, ଗୁଡ୍ଡୁ, ଟିଣ୍ଟୁ, ବାବା, ମାମା ଏବଂ ସମସ୍ତ ପରିବାରବର୍ଗ।

ଧ-୫୪୧


# ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଇଭି ପଲିସି: ସିଂଦେଓ



ବୈଠକରେ ବିଭାଗୀୟ ଅଧିକାରୀ, କମ୍ପାନୀ କର୍ମକର୍ତ୍ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

## ଓଡ଼ିଶାରେ ଇଭି ଷ୍ଟେଶନ ନିର୍ମାଣ ପାଇଁ ଆସିଛନ୍ତି ୧୦ କମ୍ପାନୀ

ଭୁବନେଶ୍ୱର,୧୪।୫ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି। ଏଥିରେ ଓଡ଼ିଶାର ମଧ୍ୟ ଯୋଗଦାନ କିଛି କମ୍ ନୁହେଁ। ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ପଡ଼ିବ। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବ୍‌ସିଡି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହ ସାରା ଓଡ଼ିଶାରେ ବିଦ୍ୟୁତ୍‌ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେଶନ ନିର୍ମାଣ ଲାଗି ଭିତ୍ତିଭୂମିକୁ ସୁଦୃଢ କରାଯାଉଛି। ଏଥିପାଇଁ ଓଡ଼ିଶା ଇଭି ପଲିସି ଖୁବ୍‌ଶୀଘ୍ର ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଉପମୁଖ୍ୟମନ୍ତ୍ରୀଙ୍କୁ ସର୍ଭୋଟେକ ନାମକ ସଂସ୍ଥା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେଶନ ନିର୍ମାଣ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଛନ୍ତି। ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମି ଖୁବ୍ ସୁଦୃଢ଼ ଅଛି। ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ୍ ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ମଧ୍ୟରେ ଓଡ଼ିଶାର ୩ଟି ସଂସ୍ଥା ସ୍ଥାନ ଅଧିକାର କରିଛି। ଏହାବ୍ୟତୀତ ଓଡ଼ିଶାର ବିଦ୍ୟୁତ୍ ପରିଚାଳନା ମଡେଲକୁ ଆପଣେଇବା ପାଇଁ ଉତ୍ତରପ୍ରଦେଶ ରାଜ୍ୟ ମଧ୍ୟ ଆଗ୍ରହ ପ୍ରକାଶକରି ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିଲେ। ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରୀଡ୍‌କୋ,ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265





Positively health benefits spa expert female therapist homely atmosphere. 9114559860. D-542

Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76913

## AFFIDAVIT

By virtue of an affidavit sworn before the Notary Public, Dharmasala, dated 13.05.2025, I, Charulata Bhuyan, Address: At/P.O./P.S.- Nihalprasad, Dist.- Dhenkanal, Odisha- 759016 declare that I have changed my name from Damayanti Bhuyan to Charulata Bhuyan. Henceforth, I shall be known as Charulata Bhuyan for all purposes. D-532

I, Santosh Sahoo, R/o-L-II- 88, Kalinga Bihar, Rourkela-15, P.S.- Chhend, Dist.- Sundargarh, Odisha declare that my daughter's name has been wrongly mentioned as Sibangini Sahoo instead of Shivangi Sahoo in her Aadhaar card. By this affidavit No. A/57 dated 13.05.25 sworn before the Executive Magistrate, Rourkela, I have changed her name to Shivangi Sahoo for all purposes. D-543

By virtue of an affidavit sworn before the Notary Public, Sambalpur, No. 2535 dt.13.5.2025, I, Soumya Sambedant Pati, At/P.O.- Jharuapara, Dist.- Sambalpur, (Odisha) have changed my name from SAMYA SAMBADANT PATI to SOUMYA SAMBEDANT PATI. Henceforth, I shall be known as SOUMYA SAMBEDANT PATI for all purpose. D-544

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Bulbul Makar, formerly called Padmalaya Makar, D/o- Niranjan Makar, currently residing at Kharmunda, P.O.- Badrama, P.S.- Jamankira, Dist.- Sambalpur, PIN- 768107 declare by this affidavit No. 720 dated 08.05.2025 sworn before the Notary Public, Jamankira, I have changed my name from Padmalaya Makar to Bulbul Makar. Henceforth, I shall be known as Bulbul Makar for all purposes. D-545

I, Sreenivas Mahapatro, S/o- Kesava Mahapatro, resident of Plot No.- 2669, Badagada Brit Colony, P.S.- Badagada, P.O.- Badagada Brit Colony, Bhubaneswar, Dist.- Khurda, Odisha, PIN- 751018, declare by this affidavit No.- 15514, dt- 13.05.2025, that now onwards I shall be known as Sreenivas Mohapatra, S/o- Kesava Mohapatra for all future purposes. D-76453

I, BISMITA SATAPATHY, mother of PRATIKSHYA DASH, W/o- Pranaya Kumar Dash, resident of plot 2F/516, Sector 11, Markat Nagar, Bidanasi, Cuttack Sadar-753014, Odisha declare by this affidavit No.-30, dtd. 08.05.2025 that now onwards I shall be known as BISMITA SATAPATHY for all future purposes. D-552

By virtue of an affidavit sworn before Executive Magistrate, Bhubaneswar, dated 14.05.2025, I, Rita Pradhan, Address: At- Kantapanhara, P.O.- Gholapur, P.S.- Banki, Dist.- Cuttack, PIN- 754029 declare that I have changed my name from Rita Behera to Rita Pradhan. Henceforth, I shall be known as Rita Pradhan for all purposes. Rita Pradhan D-547

By virtue of an affidavit sworn before the Executive Magistrate, Tangi- Choudwar, dated 19.04.2025, I, Dilu Barik, Address: At- Mania, P.O.-Uchapada, P.S.- Tangi, Dist.-Cuttack, Odisha- 754022 declare that I have changed my daughter's name from Anwsesha Priyadarsrini Barik to Anwesha Priyadarsini Barik. Henceforth, she shall be known as Anwesha Priyadarsini Barik for all purposes. D-551

ମୁଁ ଜଶ୍ମୀନ ମାଝୀ, ପିତା– ପ୍ରସନ୍ନ ମାଝୀ, ଗ୍ରାମ– ରାଜ ଜଙ୍ଗିଆ, ପୋଷ୍ଟ– କାମଗୁରୁ, ଜିଲ୍ଲା– ନୟାଗଡ଼, ସତ୍ୟପାଠକରି ୦୫।୧୧।୨୦୨୪ ତାରିଖରେ ମୋର ପୂର୍ବ ନାମ ପୂର୍ଣ୍ଣିମା ରାଣୀ ମାଝୀକୁ ବଦଳାଇ ଆଜିଠାରୁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଜଶ୍ମୀନ ମାଝୀ ଓ ପୂର୍ଣ୍ଣିମା ରାଣୀ ମାଝୀ ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଧ–୫୩୬

I, Prabhat Jut, S/o- Sudam Jut (Father), Hema Jut (Mother) & Rina Kumari Jut (Wife), Resident of Vill- Goudanuagam, P.O.- B.N.Pur, P.S.- Purushottampur, Dist.- Ganjam, Odisha, 761032 declare by this affidavit No.- 829, Dt-14.05.2025 that now onwards I shall be known as Prabhat Juti, S/o- Sudam juti (Father), HemaJuti (Mother) & Rina Kumari Juti (Wife) for all future purposes. D-550

By virtue of an affidavit sworn before Executive Magistrate, Basudevpur, dated- 10.02.2025, I, Harihar Biswal, S/o- Siba Prasad Biswal, At- Chhatra Pur, P.O.- Patanamishra Pur, P.S.- Nayakanidihi, Dist.- Bhadrak, declare that I have changed my daughter's name from Rojalin Biswal to Rojali Biswal. Henceforth, she shall be known as Rojali Biswal for all purposes. D-538

I, Jajneswar Behera, S/o- Nityananda Behera, At- Chanchhipada, Post.- Kuradhika, P.S.- Baisinga, Dist.- Mayurbhanj, PIN- 757052, declare vide affidavit No.- 25/5, dt- 14.05.25, that I have changed my name from Yaengyaswar Behera to new name Jajneswar Behera for Aadhar card name correction and all purposes. D-537

By virtue of an affidavit sworn before Notary Public, Rayagada Vide affidavit No.8361 on dated 18th May 2025, I, Akasapu Deepa, Wife of Sri Akasapu Srinivas Rao, Resident of B.C.Road, P.O.- Jayakaypur, P.S.- Chandili, Dist.- Rayagada, Odisha have changed my name from A.Deepa to Akasapu Deepa. Henceforth, I shall be known as Akasapu Deepa in all purposes. Sd./- Akasapu Deepa D-549

By virtue of an affidavit sworn before the Executive Magistrate, Dharmasala, dated 13.05.2025, I, Sabita Jena, Address: At/P.O.-Kadampal, P.S.- Balichandrapur, Dist.- Jajpur, Odisha-755008 declare that I have changed my son's name from Sipu Jena to Sipun Jena. Henceforth, he shall be known as Sipun Jena for all purposes. D-548

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତଃ ଶ୍ରୀଯୁକ୍ତ ଜୟକୃଷ୍ଣ ମହାନ୍ତି
(ଆଦର୍ଶ ଶିକ୍ଷକ)
ଏରବଙ୍ଗ, ଗୋପ, ପୁରୀ

ଦୀର୍ଘ ବାଇଶି ବର୍ଷ ହେଲା ଆପଣ ସବୁ ହସ ନେଇ ଲୁହ ଦେଇ ଚାଲିଗଲେ। ଆପଣଙ୍କର ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଉ, ଏତିକି ପ୍ରାର୍ଥନା।

-:ଆପଣଙ୍କ ଶୋକାକୁଳ:-
ପରିବାର ଏବଂ ବନ୍ଧୁବର୍ଗ

ଧ-୭୬୦୫୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଏମାର୍କଣ୍ଡ ସାହୁ

ଲେନ୍-୩, ଫେଜ୍-୧, ଏ/ଏଲ-୧୩୨, ଭିମଟାଙ୍ଗୀ ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର

ଆବିର୍ଭାବ: ୨୩.୦୧.୧୯୪୦ - ତିରୋଧାନ: ୦୫.୦୫.୨୦୨୫

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ପୁଅ- କୀର୍ତ୍ତି, ବୋହୂ- ବସନ୍ତ ମଞ୍ଜରୀ, ନାତି- ଅଭିନୀତ, ନାତୁଣୀ- ଅଭିଲିପ୍ସା ଓ ଶୋକାକୁଳ ସାହୁ ପରିବାରବର୍ଗ।

ଧ-୭୬୮୨୫

**୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ଏଭୁବନ ବିହାରୀ କର

ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪

ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।

ଇତି ଆପଣଙ୍କର- ମିତୁ, ରିତୁ ଓ ସିକୁ

ଧ-୪୧୫

# ୧୮ ଯାଏ ବଜ୍ରପାତ ଭୟ

ଭୁବନେଶ୍ୱର, ୧୪।୫
(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୬ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ମାତ୍ର ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ସହ ଝଟ୍‌କା ପବନ ଓ ବର୍ଷା ସମ୍ଭାବନା ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାଗ୍ରେର ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବିଜୁଳି ଘଡ଼ଘଡ଼ି ସହ ଝଟକାପବନର ବେଗ ୫୦–୬୦ କିଲୋମିଟର ରହିପାରେ। ଏହିସବୁ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ମଧ୍ୟାହ୍ନ ଓ ଅପରାହ୍ନରେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଡିଭାଇଡରକୁ ପିଟିଲା ବାଇକ୍, ୨ ଜୀବନ ଗଲା

ମଙ୍ଗୁଳି–ଜଗତପୁର,
୧୪।୫(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ବଇଁଚୁଆ ଛକ ନିକଟରେ ରାସ୍ତା ପାର୍ଶ୍ୱ ଡିଭାଇଡରରେ ଏକ ବାଇକ୍ ପିଟି ହୋଇ ଚାଳକଙ୍କ ସହ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁହେଁ ଯାଜପୁର ଜିଲା ବଂଶୀପୁର ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ର (୨୪) ଓ ରାଣୀଗୋଡା ଗ୍ରାମର କାଶୀନାଥ ପ୍ରଧାନ (୨୨)। ପୋଲିସ ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଉଭୟ ଏକ ବାଇକ୍ (ନଂ. ଓଡି୩୪ ଓ ୧୧୮୪)ରେ କଟକରୁ ଯାଜପୁର ଯାଉଥିଲେ। ବଇଁଚୁଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ବାମ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇ ଉଭୟ ଛିଟିକି ପଡିଥିଲେ। ଉଭୟଙ୍କ ମୁଣ୍ଡ ଡିଭାଇଡରରେ ପିଟି ହୋଇ ଗଭୀର ଆଘାତ ଲାଗିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ବାଇକ୍‌କୁ ଟାଙ୍ଗୀ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି।

# ସମୟାନୁବର୍ତ୍ତୀ ଭୂମି


ଭୂମି

ଯାହା କୁହନ୍ତୁ ନା କାହିଁକି ଭୂମି ପେଡେନକରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି। ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି। ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି। ଆଉ ଶୁଟିଂ ପାଇଁ ସେ ସେଠାକୁ ଯାଇଛନ୍ତି। ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉ ଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ଭୂମି ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ଭୂମିଙ୍କୁ ଦେଖି ତାଜୁବ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ସେ କହନ୍ତି, ''ଏହି ଗୀତର ଶୁଟିଂ ଆରମ୍ଭ ହେବାର ତିନି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି। ଯେହେତୁ ଏହା ଇନ୍‌ଡୋର ଶୁଟିଂ ତେଣୁ ଏଠାରେ ମୁଁ କିଛି ସମୟ ପ୍ରାକ୍ଟିସ କରୁଥିଲି। ଆଶା ରଖିଛି ଏହି ଗୀତଟି ଦର୍ଶକଙ୍କୁ ନିଶ୍ଚୟ ଏଣ୍ଟରଟେନ୍ କରିବ।'' ସେପଟେ ଭୂମି ଅଭିନୟ କରିଥିବା ଏକ ୱେବ୍ ସିରିଜ୍ ହିଟ୍ ପର୍ଯ୍ୟାୟଭୁକ୍ତ ହୋଇଛି। ଏହାର ଟାଇଟଲ ରହିଛି 'ଦ ରୟାଲ'। ଚଳିତ ମାସ ୯ ତାରିଖରୁ ଏହାର ଷ୍ଟ୍ରିମିଂ ଆରମ୍ଭ ହୋଇଛି। ଏଥିରେ ଭୂମିଙ୍କ ବ୍ୟତୀତ ଈଶାନ ଖଟ୍ଟର ମଧ୍ୟ ଅଭିନୟ କରିଛନ୍ତି। ଭୂମିଙ୍କ ଅଭିନୀତ ଶେଷ ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ କା ବିବି' ଚଳିତ ବର୍ଷ ଫେବୃଆରୀରେ ରିଲିଜ ହୋଇଥିଲା। ମୁଦାସର ଅଜିଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଥିଲେ ଅର୍ଜୁନ କପୁର।

# ନିଃସର୍ତ୍ତ

ପ୍ରେମ କେଉଁଠି କେମିତି ଆରମ୍ଭ ହୁଏ ତାହା ଆକଳନ କରିବା କଷ୍ଟକର। ତେବେ ବେଳେବେଳେ ପ୍ରଥମ ଦେଖାରେ ହିଁ ପ୍ରେମ ସୃଷ୍ଟି ହୋଇଥାଏ। ସେଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ରଚିତ ଗୀତଟିକୁ ଆଧାର କରି ପ୍ରସ୍ତୁତ ହୋଇଛି ମ୍ୟୁଜିକ ଭିଡିଓ 'ନିଃସର୍ତ୍ତ। ଆମର ମ୍ୟୁଜିକ ଦ୍ୱାରା ରିଲିଜ ହୋଇଥିବା ଏହି ଭିଡିଓ ପ୍ରାରମ୍ଭରୁ ସଫଳତା ସାଉଁଟିବାରେ ସଫଳ ହୋଇଛି। ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତା ବିକ୍ରମ ଓ ପ୍ରତୀକ୍ଷାଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଏହି ଭିଡିଓଟିରେ ଏକ ନିଚ୍ଛକ ଭଲପାଇବାର କାହାଣୀ ଦେଖିବାକୁ ମିଳିଛି। ଗୌରବ ଆନନ୍ଦ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା ଏବଂ ଗୌରବ। ଭିଡିଓଟିର ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ। ଭିଡିଓ ବିଷୟରେ ସେ କହନ୍ତି, ''ଏହାର ପିକ୍ଚରାଇଜେଶନ କରିବା ସମୟରେ ମୁଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି। ତା'ସହ ବିକ୍ରମ ଏବଂ ପ୍ରତୀକ୍ଷାଙ୍କ ଗୀତଟିରେ ବେଶ୍ ସୁନ୍ଦର ଅଭିନୟ କରିଛନ୍ତି। ଏହି ଭିଡିଓଟି ଆହୁରି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି।'' ବାବୁ ବାବୁ ଏହାପୂର୍ବରୁ ଏ ମେଘି ଏ ମେଘି , ଦିଲ୍ ଟା ନେଇଗଲା, ଦିଲ ସାରା ରା ରା , ଯାଦୁଗରୀ ମନ ମୋହିନୀ, ପ୍ରେମ ଖବର, ସାଜିବୁ ମୋ ସୁହାଗ ସିନ୍ଦୂର , ଦିଲ୍ ହେଲା କୁଟୁ କୁଟା ଆଦି ୧୦୦ ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଭିଡିଓର ନିର୍ଦ୍ଦେଶନା ଦେଇସାରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ଯେ ଖୁବ୍ ଶୀଘ୍ର ଏହି ନିର୍ଦ୍ଦେଶକ ବଡ ପରଦାରେ ପାଦ ଥାପିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି।


ପ୍ରତୀକ୍ଷା-ବିକ୍ରମ


# ସମୟ ହୋଇନାହିଁ

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ ସେ କୁଆଡ଼େ ଚଳିତବର୍ଷ ହାତକୁ ଦି'ହାତ ହେବାକୁ ଯାଉଛନ୍ତି। ଏ କଥା ଯେତେବେଳେ ତାଙ୍କ କାନରେ ପଡ଼ିଥିଲା ସେ ବା କେମିତି ଚୁପ୍ ହୋଇ ବସି ରହନ୍ତେ କହୁନାହାନ୍ତି ? ଆଉ ଏପରି କଥା ଶୁଣି ସେ ଯେତିକି ଅଭିମାନ କରିଥିଲେ ସେତିକି ଦୁଃଖ ମଧ୍ୟ ପ୍ରକାଶ କରିଥିଲେ। ଏଭଳି କଥାକୁ ନେଇ ସାରା କୁହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଏବେ ମ୍ୟାରେଜ୍ କରିବାର କୌଣସି ଯୋଜନା ନାହିଁ। କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ। କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ। ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।'' ସାରା ଏବେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି। ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି।


ସାରା

# ଶେଷରେ ମାନିଲେ ଶାହୀଦ

ଶାହୀଦ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ସେ ତାଙ୍କର ପାରିଶ୍ରମିକ ଦୁଇ ଗୁଣା କରିଦେଇଛନ୍ତି। ଏକଥାକୁ ନେଇ ଯେତେବେଳେ ଆଲୋଚନା ଆରମ୍ଭ ହେଲା, ସେତେବେଳେ ସେ ଏ ନେଇ ନୀରବତା ଅବଲମ୍ବନ କରିଥିଲେ। ହେଲେ ଶେଷରେ ଏ ବିଷୟରେ ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି। ହଁ, ଏଭଳି ଘଟଣା ଘଟିଛି ସେ ଅଭିନୟ କରିଥିବା ୱେବ୍ ସିରିଜ୍ 'ଫର୍ଜି ୨'ରେ। ଏଭଳି ଘଟଣା ବିଷୟରେ ସଫେଇ ଦେଇ ଶାହୀଦ କହନ୍ତି, ''ବର୍ତ୍ତମାନ ଯାହା ଆଲୋଚନା ହେଉଛି ତାହା ସତ। ଏହି ସିରିଜ୍‌ରୁ ମୋର ଓଟିଟି ଡେବ୍ୟୁ ଆରମ୍ଭ ହୋଇଛି। ଯେତେବେଳେ ପ୍ରଯୋଜକ 'ଫର୍ଜି'ର ସିକୁଏଲ ନିର୍ମାଣ କରିବାକୁ ଚାହିଁଲେ ସେତେବେଳେ ସେ ପ୍ରଥମେ ମୋ ସହ ଯୋଗାଯୋଗ କଲେ। ବେଶ୍ କିଛି ଦିନ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ମୁଁ ସେଥିରେ ଅଭିନୟ କରିବାକୁ ରାଜି ହୋଇଥିଲି। କିନ୍ତୁ ପ୍ରଯୋଜକ କହିଥିଲେ ଯେ 'ଆପଣଙ୍କ ପାଇଁ ଏକ ସରପ୍ରାଇଜ ଅଛି।' ତା'ପରେ ସେ ମୋତେ ୪୫ କୋଟି ଟଙ୍କାର ଏକ ଚେକ୍ ଦେଇଥିଲେ। ଆଉ ତାହାକୁ ଦେଖିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ଯାହାହେଉ ସେ ମୋ ପରିଶ୍ରମର ମୂଲ୍ୟ ବୁଝିଛନ୍ତି। ହେଲେ ଏ ନେଇ ମୋ ପଟରୁ କୌଣସି ଅନୁରୋଧ କରାଯାଇ ନ ଥିଲା।'' ବର୍ତ୍ତମାନ ଶାହୀଦ ନିର୍ମାଣାଧୀନ ହିନ୍ଦୀ ସିନେମା 'କକ୍‌ଟେଲ ୨'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା ଏବଂ କୀର୍ତ୍ତି ସାନନଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଶାହୀଦ

# ଯାହା ଖୋଜୁଥିଲେ ଦୀପକ...



ଦୀପକଙ୍କ ଖୁସି ଏବେ କହିଲେ ନସରେ। ଏହାବ୍ୟତୀତ ସେ ଏବେ ଠାରୁ ଦିନ ଗଣିବା ମଧ୍ୟ ଆରମ୍ଭ କରିଦେଲେଣି। ହେଲେ କ'ଣ ପାଇଁ ଜାଣିବେନି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ଆଶୀକ ଦିୱାନା' ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ସେ କହନ୍ତି, ''ଏହି ଫିଲ୍ମଟିର କାହାଣୀ ଶୁଣିବା ସମୟରେ ମୁଁ ଜାଣିସାରିଥିଲି ଯେ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ସେଥିରେ ଏଭଳି ମସଲା ରହିଛି, ଯାହା ଦର୍ଶକଙ୍କ ମନ ଜିଣିବାରେ ନିଶ୍ଚୟ ସହାୟକ ହେବ। ପ୍ରଯୋଜକ ଯେଉଁ ଭରସା ରଖି ମୋତେ ଏହି ରୋଲ୍‌ଟି ଦେଇଛନ୍ତି ତାହାକୁ ଶତ ପ୍ରତିଶତ ତୁଲାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ମହାଦେବ ଫିଲ୍ମସ ବ୍ୟାନରରେ ଏହି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ବରିଷ୍ଠ ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏହାର ସହ-ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏନ. ପଦ୍ମା। ଏହି ଫିଲ୍ମରେ ଦୀପକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା।

# ଅବସୋସ

ଅତୀତର ଭୁଲ୍ ପାଇଁ ସ୍ୱପ୍ନା ମାତୃତ୍ୱ ଲାଭରୁ ବଞ୍ଚିତ ହୋଇ ଲାଞ୍ଛନାର ଶିକାର ହୁଏ। ବିବାହ ପୂର୍ବରୁ ରାକେଶ ସାଥିରେ ଲିଭ ଇନ ରିଲେଶନ୍‌ରେ ରହି ବାରମ୍ବାର ଗର୍ଭପାତ କରିଥାଏ ସେ। ତା'ପରେ ହୋଇପଡେ ମାନସିକ ଅବସାଦଗ୍ରସ୍ତ। ଅବଚେତନ ସ୍ତରରେ ଶିଶୁକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ କରେ। ସ୍ୱାମୀ ରାକେଶ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତି। ଆଉ ତା'ପରେ କ'ଣ ହୁଏ ? ମା' ହେବାର ଆଶା ରଖିଥିବା ସ୍ୱପ୍ନାର ଆଶା କ'ଣ ପୂରଣ ହୁଏ ? ଏହାର ଉତ୍ତର ରହିଛି ନିକଟରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପରେ ପରିବେଷିତ, ନୀଳକଇଁ ପ୍ରଯୋଜିତ ଏବଂ ଟିମ୍ ନିବେଦିତ ନାଟକ 'ଅବସୋସ'ରେ। ନାଟ୍ୟକାର ଡ. ରଜନୀ ରଞ୍ଜନଙ୍କ ମନଛୁଆଁ ସଂଳାପ ଏବଂ ଶତ୍ରୁଘ୍ନ ସାମଲଙ୍କ ବଳିଷ୍ଠ ନିର୍ଦ୍ଦେଶନା ସହ ସୁଧାଂଶୁବାଳା (ସ୍ୱପ୍ନା), ଦିଲ୍ଲୀପ ବିଶ୍ୱାଳ (ରାକେଶ), ଶିଶୁ କଳାକାର ଫିଓନା, ମିଲି ମିଶ୍ର, ଶକ୍ତି ମହାପାତ୍ର, ଶ୍ରେୟା ଓ ଅସ୍ମି ପ୍ରମୁଖଙ୍କ ଅଭିନୟ ନାଟକଟିକୁ ସଫଳ କରିଥିଲା।


ନାଟକ 'ଅବସୋସ'ର ଏକ ଦୃଶ୍ୟ

# ପ୍ରୀତିରାଜ ଯାହା ଭାବୁଥିଲେ...



ନୂଆ ଓଡ଼ିଆ ସିନେମାରେ ଅଭିନେତା ପ୍ରୀତିରାଜ ଶତପଥୀଙ୍କୁ ଟୁ-ଇନ୍-ୱାନ୍ ରୂପରେ ଦେଖିବାକୁ ମିଳିବ। ପ୍ରଥମ କଥା ହେଲା, ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତା'ସହ ଏହାର ସହ ଆସୋସିଏଟ୍ ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଆଫା'। କାହାଣୀ ଅନୁସାରେ ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଖାସ୍ କଥା ହେଲା ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ, ନୈନା ଦାଶ, କୁନା ତ୍ରିପାଠୀ, ହର ରଥ ଏବଂ ଶିଶୁ କଳାକାର ଅନମୋଲ ପତି ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି।


କଙ୍ଗନା

# କେବଳ ଅଭିନୟ ପାଇଁ...

ବଲିଉଡ୍‌ରେ କଙ୍ଗନା ରାଣାୱତ ଅନେକ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଅଭିନୟ ଦୁନିଆରେ ପାଦ ରଖିବା ପୂର୍ବରୁ ସେ ମଡେଲିଂ କରୁଥିଲେ। ଏପରି କି ନିଜ ଲକ୍ଷ୍ୟ ପୂରଣ ପାଇଁ ସେ ଘର ଛାଡିବାକୁ ବାଧ୍ୟ ହୋଇଥିଲେ। ହେଲେ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରୁଥାଆନ୍ତେ ? ଏଭଳି ପ୍ରଶ୍ନର ଉତ୍ତରରେ କଙ୍ଗନା କହନ୍ତି, ''ପାଠ ପଢ଼ିବା ସମୟରେ ମୋର ଲକ୍ଷ୍ୟ ଅଲଗା ଥିଲା। ଜଣେ ଡାକ୍ତର ହୋଇ ଲୋକଙ୍କର ସେବା କରିବାକୁ ମନସ୍ଥ କରିଥିଲି। ସେଥିପାଇଁ ପାଠପଢ଼ା ପାଇଁ ଦିନରାତି ଏକ କରିଦେଇଥିଲି। ହେଲେ କ'ଣ ହେବ ? ମୋ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଘର ଛାଡି ମୁମ୍ବାଇ ଆସିବା ପରେ ମୁଁ ମଡେଲିଂ ଆରମ୍ଭ କରିଥିଲି। କିନ୍ତୁ ମହେଶ ଭଟ୍ଟ ସତେଯେମିତି ମୋ ଭିତରେ ଥିବା ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ। 'ଗ୍ୟାଙ୍ଗଷ୍ଟର' ଫିଲ୍ମରେ ଅଭିନୟ କରିବାକୁ ଯେତେବେଳେ ସେ ମୋତେ ସିଲେକ୍ଟ କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ଏହାର ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଟିପ୍ସ ମୋତେ ଆକ୍ଟିଂରେ ଆଗକୁ ଆଗେଇବାରେ ଅନେକ ସାହାଯ୍ୟ କରିଥିଲା।''

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ Bhubaneswar, Thursday, May 15/ 2025

# ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର, ଜ୍ୟୋତ୍ସ୍ନା ରନରଅପ୍

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ଓଡ଼ିଶା ଭାରୋତ୍ତୋଳନ ପାଇଁ ଏକ ଭଲ ଖବର। ବିହାରର ରାଜଗିରଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ପୁରୁଷ ବର୍ଗରେ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହିଳା ବର୍ଗରେ ରନରଅପ୍ ହୋଇଛନ୍ତି ଜ୍ୟୋତ୍ସ୍ନା ଶବର। ସବୁ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲକରି ପ୍ରଥମ ସ୍ଥାନ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଅଧିକାର କରିଛନ୍ତି। ମହାରାଷ୍ଟ୍ରର ୟଶ୍ ଖଣ୍ଡାଗଲେ ୬୩୫.୬୮୨ ପଏଣ୍ଟ ହାସଲକରି ରନରଅପ୍ ଏବଂ ପୁଣେର ସୁନୀଲ ସିଂ ୬୧୧.୩୫୫ ପଏଣ୍ଟ ସହ ତୃତୀୟ ସ୍ଥାନ ପାଇଛନ୍ତି। ସେହିପରି ମହିଳା ବର୍ଗରେ ଜ୍ୟୋତ୍ସ୍ନା ୭୧୪.୩୬୮ ପଏଣ୍ଟ ହାସଲକରି ରନରଅପ୍ ହୋଇଛନ୍ତି। ଆସାମର ଐସିଙ୍ଗ୍ଫା ଗୋଗୋଇ ୭୬୯.୭୩୯ ପଏଣ୍ଟ ସହିତ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହାରାଷ୍ଟ୍ରର ଅସ୍ମିତା ଧୋନେ ୬୯୧.୦୯୧ ପଏଣ୍ଟ ସହିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଶା ଲିଫ୍ଟର


ହର୍ଷବର୍ଦ୍ଧନ ସାହୁ ଓ ଜ୍ୟୋତ୍ସ୍ନା ଶବର।

ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି।

ପ୍ରକାଶଯୋଗ୍ୟ, ହର୍ଷବର୍ଦ୍ଧନ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଭାର ଉତ୍ତୋଳନ କରି ଐତିହାସିକ ସଫଳତା ପାଇଥିଲେ। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ସ୍ନାଚ୍‌ରେ ସେ ୮୮ କେଜି ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେ ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଜପତି ଜିଲା ପେକଟା ଗ୍ରାମର ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି।

# ଉଡେନ୍ ଜିତିଲେ ୪ର୍ଥ ଷ୍ଟେଜ୍

**ରୋମ୍, ୧୪।୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୪ର୍ଥ ଷ୍ଟେଜ୍ ଜିତିଛନ୍ତି ନେଦରଲାଣ୍ଡ୍ସ ରାଇଡର କାସ୍ପର ଭାନ୍ ଉଡେନ। ଆଲବେରୋବେଲୋଠାରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍‌ରେ କାସ୍ପର ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅନେକ ତାରକା ରାଇଡରଙ୍କ ଉପସ୍ଥିତି ସତ୍ତ୍ୱେ

**ଗିରୋ ଡି ଇଟାଲିଆ-୨୦୨୫**

ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କାସ୍ପର ଚମକପ୍ରଦ ପ୍ରଦର୍ଶନ କରି ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିସହିତ ସେ ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ(ୟୁସିଆଇ) ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ରେ ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ଟିମ୍‌କୁ ରିଲିଗେଶନ


ଚତୁର୍ଥ ଷ୍ଟେଜ୍ ରେସ୍ ଜିତିବାପରେ କାସ୍ପର ଭାନ୍ ଉଡେନ।

ଜୋନ୍‌ରୁ ବାହାରକୁ ଆଣିଛନ୍ତି। ଭାନ୍ ଉଡେନଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡ ଟୁର୍ ଷ୍ଟେଜ୍ ବିଜୟ। ଅନ୍ତିମ କ୍ଷଣରେ ନେଦରଲାଣ୍ଡ୍ସର ଭୀଷ୍ମା-ଲିଆସେ ବାଇକ୍ ଟିମ୍ ରାଇଡର ଓଲାଭ କୋଇଜ୍‌ଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। ମାତ୍ର କୋଇଜ୍ ଦ୍ୱିତୀୟ ଓ ଟୁଡୋର ପ୍ରୋ ସାଇକ୍ଲିଂ ଟିମ୍‌ର ଅନ୍ୟତମ ନେଦରଲାଣ୍ଡ୍ସ ରାଇଡର ମାଇକେଲ ଜିଜ୍‌ଲାର୍ଡ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରଶନ ୪ର୍ଥ ସ୍ଥାନରେ ରହିଥିଲେ ହେଁ ଓଭରଅଲ୍ ଅଗ୍ରଣୀ ରହି ପିଙ୍କ୍ ଜର୍ସି ବଜାୟ ରଖିଛନ୍ତି।

# ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ଭେଟିଲେ ସିନର

**ଭାଟିକାନ ସିଟି,୧୪।୫(ଏପି)**

ଟେନିସ ପ୍ରଶଂସକ ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ବୁଧବାର ୱାର୍ଲ୍ଡ ନଂ-୧ ପୁରୁଷ ସିଙ୍ଗଲ୍ସ ଖେଳାଳି ଜାନିକ ସିନର ଭେଟିଥିଲେ। ସିନର ପୋପ୍‌ଙ୍କୁ ଏକ ଟେନିସ ର‍୍ୟାକେଟ ପ୍ରଦାନ କରିଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସିନରଙ୍କ ସହ ତାଙ୍କ ପରିବାର ସଦସ୍ୟ ଓ ଇଟାଲିଆନ ଟେନିସ ଫେଡେରେଶନ (ଆଇଟିଏଫ୍) ସଭାପତି ଆଞ୍ଜେଲୋ ବିନାଘି ଉପସ୍ଥିତ ଥିଲେ। ଡୋପ୍ ଜନିତ ୩ ମାସିଆ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିଥିବା ସିନର


ପୋପ୍ ଚତୁର୍ଦ୍ଦଶ ଲିଓଙ୍କ ସହ ଜାନିକ ସିନର।

ଚଳିତ ଇଟାଲିଆନ ଓପନ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସିନର ମାଡ୍ରିଡ୍ ଓପନ ଚାମ୍ପିୟନ କାସ୍ପର ରୁଡ୍‌ଙ୍କୁ ଭେଟିବେ।

# ଓଡ଼ିଶା ଫୁଟ୍‌ବଲ ଦଳକୁ ରୌପ୍ୟ


ରୌପ୍ୟ ପଦକ ହାସଲକାରୀ ଓଡ଼ିଶା ଫୁଟବଲ ଦଳ।

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପୁରୁଷ ଫୁଟ୍‌ବଲ ଦଳ ଆକର୍ଷଣୀୟ ପ୍ରଦର୍ଶନ ଜାରି ରଖି ରୌପ୍ୟ ପଦକ ହାସଲ କରିଛି। ୧୮ ବର୍ଷରୁ କମ୍ ଓଡ଼ିଶା ଦଳ ବୁଧବାର ଅନୁଷ୍ଠିତ ଫାଇନାଲରେ ଝାଡ଼ଖଣ୍ଡକୁ କଡ଼ା ଟକ୍କର ଦେଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ରେ ଡ୍ର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟ ମଧ୍ୟ ରୋମାଞ୍ଚକ ଥିଲା। ମାତ୍ର ଓଡ଼ିଶା ଦଳ ୪-୫ ଗୋଲ ବ୍ୟବଧାନରେ ଝାଡ଼ଖଣ୍ଡଠାରୁ ହାରିଯାଇଥିଲା। ଲିଗ୍ ପର୍ଯ୍ୟାୟରେ ନିଜ ଗ୍ରୁପ୍‌ରେ ଟେବୁଲ ଟପ୍ପର ହୋଇ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। ଗତ ୧୨ ତାରିଖରେ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୫-୧ ଗୋଲରେ ମିଜୋରାମକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ଭେଙ୍କଟେଶ୍ୱର ଓରାମ୍ ୨ଟି ଏବଂ ରୋନିକ ମାଝି, ଅବିନାଶ କିଷାନ ଓ ସାଙ୍କୋ ଶେଖର ହେମ୍ବ୍ରମ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରନରଅପ୍ ହୋଇଥିବାରୁ ଓଡ଼ିଶା ଦଳକୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଡିସି ଦଳରେ ମୁସ୍ତାଫିଜୁର ରହମାନ

**ନୂଆଦିଲ୍ଲୀ,୧୪।୫(ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବୁଧବାର ବାଂଲାଦେଶର ବାମହାତୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଅଷ୍ଟ୍ରେଲିଆ ବ୍ୟାଟର ଜେକ୍-ଫ୍ରେଜର ମ୍ୟାକଗର୍କଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଚାଲିଥିବା ଶତ୍ରୁତା ଯୋଗୁ ମ୍ୟାକଗର୍କ ବଳକା ଆଇପିଏଲ୍ ମ୍ୟାଚ୍ ଲାଗି ଭାରତ ଫେରିବାକୁ ମନା କରିଛନ୍ତି।

# କାଥରିନ, ମିରାଜ ପ୍ଲେୟର ଅଫ୍ ଦି ମନ୍ଥ

**ନୂଆଦିଲ୍ଲୀ,୪।୫**

ସ୍କଟଲାଣ୍ଡ ମହିଳା କ୍ରିକେଟ ଅଧିନାୟିକା କାଥରିନ ବ୍ରେସ୍ ଓ ବାଂଲାଦେଶ ଅଲ୍‌ରାଉଣ୍ଡର ମେହିଦି ହାସନ ମିରାଜ ଏପ୍ରିଲ-୨୦୨୫ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିଛନ୍ତି। ଏ କ୍ଷେତ୍ରରେ କାଥରିନ ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ ଓ ପାକିସ୍ତାନର ଫାତିମା ସାନାଙ୍କୁ ପଛରେ ପକାଇ ଦେଇଛନ୍ତି। ପାକିସ୍ତାନରେ ଅନୁଷ୍ଠିତ ୱାର୍ଲ୍ଡକପ୍ କ୍ୱାଲିଫାୟରରେ କାଥରିନ ଟପ୍ ସ୍କୋରର ହେବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ମିରାଜ ପୁରସ୍କାର ଦୌଡ଼ରେ ଥିବା ଜିମ୍ବାୱେର ବ୍ଲେସିଂ ମୁଜାରବାନି ଓ ନ୍ୟୁଜିଲାଣ୍ଡର ବେନ୍ ସିଅର୍ସଙ୍କୁ ପଛରେ ଛାଡ଼ିଥିଲେ। ଶାକିବ ଅଲ୍ ହାସନ ଓ ମୁସ୍ତାଫିଜୁର ରହମାନଙ୍କ ପରେ ତୃତୀୟ ବାଂଲାଦେଶୀଭାବେ ମିରାଜ ଏହି ଆଇସିସି ପୁରସ୍କାର ପାଇଛନ୍ତି। ଜିମ୍ବାୱେ ଟୁର୍‌ରେ ସେ ୩୮.୬୬ ଆଭରେଜରେ ୧୧୬ ରନ ସହ ୧୫ଟି ଉଇକେଟ ହାସଲ କରିଥିଲେ।

# କୋହଲି-ରୋହିତ ଗ୍ରେଡ୍ ଏ'ପ୍ଲସ୍‌ରେ ରହିବେ

**ମୁମ୍ବାଇ, ୧୪।୫:** ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିବା ସତ୍ତ୍ୱେ ଭାରତୀୟ ଦଳର ଦୁଇ ଭେଟେରାନ ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଗ୍ରେଡ ଏ' ପ୍ଲସ କାଟେଗୋରୀରେ ରହିବେ। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ବୁଧବାର ପ୍ରକାଶ କରିଛନ୍ତି। ଗତ ମାସରେ ବିସିସିଆଇ ୨୦୨୪-୨୫ ସିଜନ ଲାଗି ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଥିଲା, ଯେଉଁଥିରେ କୋହଲି ଓ ରୋହିତଙ୍କୁ ଗ୍ରେଡ ଏ ପ୍ଲସ କାଟେଗୋରୀରେ ରଖାଯାଇଥିଲା। ସେମାନଙ୍କ ସହ ଯଶପ୍ରୀତ ବୁମରା ଓ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଏଥିରେ ସାମିଲ ଥିଲେ। ଟି୨୦ ଓ ଟେଷ୍ଟରୁ ଅବସର ସତ୍ତ୍ୱେ କୋହଲି ଓ ରୋହିତ ଗ୍ରେଡ ଏ' ପ୍ଲସରେ ରହିବେ। ସେମାନେ ଏବେ ବି ଭାରତୀୟ କ୍ରିକେଟ ଦଳର ସଦସ୍ୟ। ସେମାନେ ଗ୍ରେଡ ଏ'ପ୍ଲସ କାଟେଗୋରୀରେ ଥିବା ସମସ୍ତ ସୁବିଧା ପାଇବେ ବୋଲି ସାଇକିଆ କହିଛନ୍ତି।

# ସାମୟିକ ରିପ୍ଲେସ୍‌ମେଣ୍ଟ ଲାଗି ଅନୁମତି

**ନୂଆଦିଲ୍ଲୀ,୧୪।୫:** ଆଇପିଏଲ୍‌ର ବଳକା ମ୍ୟାଚ୍ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସାମୟିକ ଭାବେ ବଦଳ ଖେଳାଳି ରଖିବାକୁ ଅନୁମତି ଦିଆଯାଇଛି। ଏହି ନିୟମ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ଲାଗୁହେବ ନାହିଁ। ଜାତୀୟ ଡ୍ୟୁଟି କିମ୍ବା ବ୍ୟକ୍ତିଗତ କାରଣରୁ ଅବା ଆହତ ସମସ୍ୟା କିମ୍ବା ଅସୁସ୍ଥତା କାରଣରୁ କିଛି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଉପଲବ୍ଧ ନ ଥିବାରୁ ଚଳିତ ଟୁର୍ନାମେଣ୍ଟ ଶେଷ ନ ହେବା ପର୍ଯ୍ୟନ୍ତ ସାମୟିକ ଭାବେ ବଦଳ ଖେଳାଳିଙ୍କୁ ଅନୁମତି ମିଳିବ। ସାମୟିକ ବଦଳ ଖେଳାଳିଙ୍କୁ ଆସନ୍ତା ବର୍ଷ ଲାଗି ରିଟେନ୍ କରାଯାଇପାରିବ ନାହିଁ। ସେମାନଙ୍କୁ ୨୦୨୬ ଖେଳାଳିଙ୍କ ଅକ୍ସନ ଲାଗି ନାମ ପଞ୍ଜୀକୃତ କରାଇବାକୁ ପଡ଼ିବ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ୧୩ଶ ସିନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସାମିଲ। ଟିମ୍ କୋଚ୍ ରାହୁଲ ସା'ଙ୍କ ନେତୃତ୍ୱରେ ଓଡ଼ିଶାରୁ ମୋଟ ୩୦ ପ୍ରତିଭାସମ୍ପନ୍ନ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦାୟିତ୍ୱର ସହ ମ୍ୟାଚ୍ ପରିଚାଳନା କରିଥିବା ଓଡ଼ିଶାର ପ୍ରେମ୍ ସିଂ ଥାପ୍ପାଙ୍କୁ ଭାରତୀୟ ଫେଡେରେଶନ ପକ୍ଷରୁ ସମ୍ମାନିତ କରାଯାଇଥିଲା।



ଲକ୍ଷ୍ନୌରେ ଅନୁଷ୍ଠିତ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ